ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.147, Tuesday, 15 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୭, ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort
MONSOON MASTI
₹549/-
Including GST
ONLY ON ONLINE BOOKING
Malatipatpur,Puri.Odisha FOLLOW US Contact : 8144916946

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.147, Tuesday, 15 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୭, ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିକନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.147, Tuesday, 15 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୭, ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ପୁଣି ଜ୍ୱରରେ ପଡ଼ିଲା ଓରାଙ୍ଗଉଟାନ

■ ପୀଡିତ ହେବା ପରେ ଆଲର୍ଟରେ ଡାକ୍ତରୀ ଟିମ୍
■ ଜ୍ୱର ହୋଇଥିବା ଛୁଆଟିର ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି

ଭୁବନେଶ୍ୱର(ବ୍ୟୁରୋ)

ପୁଣି ଜ୍ୱରରେ ପଡ଼ିଲା ଓରାଙ୍ଗଉଟାନ । ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କ ମଧ୍ୟରୁ ଜଣକୁ ବାରମ୍ବାର ଜ୍ୱର ହେଉଛି । ତେବେ ସେ ଜ୍ୱରରେ ପୀଡିତ ହେବା ପରେ ଆଲର୍ଟରେ ରହିଛନ୍ତି ଡାକ୍ତରୀ ଟିମ୍ । ଜ୍ୱର ହୋଇଥିବା ଛୁଆଟିର ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି । ଅସୁସ୍ଥ ଓରାଙ୍ଗଉଟାନର ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଥିବା କହିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ସଂଗରୋଧ ଘରକୁ ମଶା ନପଶିବା ଲାଗି ତାର ଜାଲି ବୁଲାଇ ଦିଆଯାଇଛି । ଗ୍ୟାସ ହେବା ପରେ ଏବେ ୩ ଘଣ୍ଟାକୁ ଥରେ ଖାଇବାକୁ ଦିଆଯାଉଛି । ହଠାତ୍ ଖାଦ୍ୟପେୟରେ ପରିବର୍ତ୍ତନ ଯୋଗୁଁ ସେମାନଙ୍କଠାରେ ଗ୍ୟାସ୍-ବଦହଜମି ଭଳି ସମସ୍ୟା ଦେଖାଦେଇଥିଲା । ଫଳରେ ଖାଦ୍ୟ ଖାଇବା କମିବା ସହ ଖେଳାଖେଳି ଓ ପୁରି ମଧ୍ୟ କମିଯାଇଥିଲା । ହଜମ ହେବା ପାଇଁ ସେମାନଙ୍କୁ ବୋନିସାନ ଲିକ୍ୱିଡ୍ ଦିଆଯାଉଛି । ଜଣାଙ୍କୁ ୧୦ ଏମ୍ଏଲ୍ ଲେଖାଏଁ ଦିନକୁ ୩ ଥର ସକାଳ, ମଧ୍ୟାହ୍ନ ଓ ରାତିରେ ଖାଦ୍ୟ ଖାଇବା ପରେ ଦିଆଯାଉଛି । ମା' କ୍ଷୀର ନପାଇବାରୁ ଶାବକମାନଙ୍କ ପାଇଁ ବିକଳ୍ପ ଭାବେ ନାନ ପ୍ରୋ ଗୁଣ୍ଡ ଦିଆଯାଉଛି । ଆଳୁ ଚକଟା, ସିଝା ସେଓ ଓ ଗୋଟା ଫଳ ତୁଳନାରେ ଏହି ଗୁଣ୍ଡ ଖାଦ୍ୟ ପ୍ରତି ଶାବକମାନେ ଅଧିକ ଆଗ୍ରହ ଦେଖାଉଥିବା ଜଣାପଡ଼ିଛି ।

୨୦୨୯ ସୁଦ୍ଧା ୨୧ ରାଜ୍ୟରେ ୟୁସିସି

■ ଅମିତ ଶାହଙ୍କ ଘୋଷଣାପରେ ଓଡ଼ିଶାରେ ବଢ଼ିଲା ଚର୍ଚ୍ଚା
■ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର(ବ୍ୟୁରୋ)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏହି ଘୋଷଣା ପରେ ୟୁନିଫର୍ମ ସିଭିଲ୍ କୋଡ୍ ବା ସମାନ ନାଗରିକ ସଂହିତାକୁ ନେଇ ପୁଣ ଥରେ ସାରା ଦେଶରେ ଚର୍ଚ୍ଚା । ଶାହଙ୍କ ଘୋଷଣା ମୁତାବକ, ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଓ ଏନଡିଏ ଶାସିତ ୨୧ଟି ରାଜ୍ୟରେ ୟୁସିସି ଲାଗୁ ହେବ । ବଡ଼ ପ୍ରଶ୍ନ, ଓଡ଼ିଶାରେ କେବେ ? ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏବେ ୟୁସିସି ପାଇଁ ଓଡ଼ିଶା ସରକାରଙ୍କ ପ୍ରସ୍ତୁତିର କୌଣସି ଆବଶ୍ୟକତା ନାହିଁ । ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କର ବିଚାରାଧିନ ଅଛି । ତେବେ ବିଜେପି ଏହାର ନିର୍ବାଚନୀ ଇସ୍ତାହାରରେ ଦେଶରେ ସମାନ ନାଗରିକ ସଂହିତା ଲାଗି କରିବା ନେଇ ପ୍ରତିଶ୍ରୁତି ଦେଇଥିଲା । ଏହି ଆଇନ୍ ଲାଗୁ ହେଲେ ସମସ୍ତେ ସମାନ ଅଧିକାର ପାଇବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଏହାକୁ ନେଇ ଚର୍ଚ୍ଚା ବଢ଼ିବା ପରେ ବିରୋଧୀ ଆଶଙ୍କା କରିଛନ୍ତି ଯେ, ଭିନ୍ନ ଧର୍ମ ଓ ସଂପ୍ରଦାୟର ପାରଂପରିକ ଅଧିକାର ଉପରେ ଏହି ଆଇନର ପ୍ରଭାବ ପଡ଼ିପାରେ । ବିଜେଡି ଅଭିଯୋଗ କରିଛି, ବିଜେପି ଦଳୀୟ ଏଜେଣ୍ଡା ଭିତରେ କାର୍ଯ୍ୟକ୍ରମ ଆରମ୍ଭ କରୁଛି । ଯଦି ଏହି ଆଇନ ଲାଗୁ କରାଯାଏ, ତାହେଲେ ସାରା ଦେଶରେ ଲାଗୁ କରାଯିବାର ଆବଶ୍ୟକତା ଅଛି । କେବଳ ଏନଡିଏ ଶାସିତ ରାଜ୍ୟଗୁଡ଼ିକରେ ଏଭଳି ଆଇନ ଲାଗୁ କରିବା ଦେଶର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ସେପଟେ କଂଗ୍ରେସ ଅଭିଯୋଗ କରିଛି, ଏହି ଆଇନ ବିଭିନ୍ନ ଜାତି ଓ ଧର୍ମ ଭିତରେ ବିଦ୍ୱେଷ ସୃଷ୍ଟି କରିବ । ଆମ ରାଜ୍ୟରେ ଏଭଳି ଆଇନ୍ ଲାଗୁ ହେବାଦ୍ୱାରା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ ହେବ । ପୂର୍ବତନ ପ୍ରଶାସକଙ୍କ କହିବା କଥା ଭାରତ ଏକ ବିବିଧତାର ଦେଶ । ୟୁସିସି ଲାଗୁ ହେଲେ ଆଦିବାସୀ ହୁଅନ୍ତୁ କିମ୍ବା ଅନ୍ୟ ଧର୍ମରେ ଥିବା ଲୋକଙ୍କ କ୍ଷତି ହୋଇପାରେ । ଯେଉଁ ଧର୍ମରେ କୁସଂସ୍କାର ରହିଛି ତାହା ଦୂର କରାଯାଉ । କିନ୍ତୁ କୁସଂସ୍କାର ନାଁରେ ୟୁସିସି ସମସ୍ତଙ୍କ ପାଇଁ ଲାଗୁ କରାଯିବା ଅନୁଚିତ ।

ଏବେ କେବଳ ଗୋଟିଏ ରାଜ୍ୟ ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହୋଇଛି । ଗୁଜରାଟ, ଆସାମ ଓ ମଧ୍ୟପ୍ରଦେଶ ସରକାର ୟୁସିସି ଲାଗୁ କରିବାକୁ ବିଲ୍ ଆଣିଛନ୍ତି । ୟୁସିସି ଲାଗୁ ହେଲେ ବିବାହ ଓ ଛାଡ଼ପତ୍ର, ସଂପତ୍ତି ଅଧିକାର, ପୋଷ୍ୟ ସନ୍ତାନ ଗ୍ରହଣ ଓ ମହିଳାଙ୍କ ଅଧିକାର କ୍ଷେତ୍ରରେ ସମାନ ଆଇନ ଲାଗୁ ହୋଇପାରିବ । ଏହା ପୂର୍ବରୁ ମୋଦି ସରକାର ମୁସଲମାନ ସଂପ୍ରଦାୟର ତିନି ତଲାକ୍ ପ୍ରଥା ଓ ଜମ୍ମୁ-କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ କରିଛି ।

ନୂଆଁଖାଇ ମାଟି, ସଂସ୍କୃତି, ସାମାଜିକ ଏକତାର ପ୍ରାଣସ୍ପନ୍ଦନ : ମୁଖ୍ୟମନ୍ତ୍ରୀ

ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଛନ୍ତି ।ମୁଖ୍ୟମନ୍ତ୍ରୀ କହିଛନ୍ତି ନୂଆଁଖାଇ, ଖାଲି ଗୁଟେ ପରବ୍ ନାଇଁସେ, ଇଟା ଆମର ମାଟି, ସଂସ୍କୃତି, ଚାଳିଚଳନ ଏବଂ ସାମାଜିକ ଏକତାର ପ୍ରାଣସ୍ପନ୍ଦନ ଆଏ । ଇ ଆନନ୍ଦମୟ ପରବନେ, ମନର ସବୁ ଭେଦଭାବ, ଚିନ୍ତତା ଆର୍ ଅହଂକାରକେ ପଛେ ପକେଇ କରି ଆମେ ବଡ ଗୁରୁ-ଗୁରୁଜନମାନଙ୍କର ପାହାଡଳେ 'ଜୁହାର- ମୁଣ୍ଡିଆ ଜନେଇଥିସୁଁ, ଆର ସାନମାନଙ୍କୁ ଭଲପାଏବାର ଆର ଆଶୀର୍ବାଦ ଦେଇଥିସୁଁ । ଇ ସୁନ୍ଦର ପରମ୍ପରା ଆମର ପରିବାର, ସମାଜ ଆର ଭାଇଚାରାର ବନ୍ଧନକେ, ଆହୁରି ମଜବୁତ କରସି । ୨୦୩୬ ତକ ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ତକ ବିକଶିତ ଭାରତ ଗଠନ ଲାଗି ସମସ୍ତେ ନିଜର ନିଜର କର୍ତ୍ତବ୍ୟ ପାଳନ କରୁନ ବଲି, ଆଜି ଇ ଶୁଭ ଦିନରେ ଛାତ୍ରଛାତ୍ରୀ, ଯୁବକ ଯୁବତୀ, ଶ୍ରମିକ, କିଶାନ, ଜୱାନ, ସମସ୍ତଙ୍କୁ ଅନୁରୋଧ୍ କରୁଛେଁ ।ନୂଆଁଖାଇ ସମସ୍ତଙ୍କର ଜୀବନରେ, ନୂଆଁ ଆଶା ଆଣି ଦେଉ । ମା' ସମଲେଇ, ସମସ୍ତଙ୍କର୍ ଜୀବନ ଥୁ ହସ୍ ଖୁସି, ସୁଖ୍ ଶାନ୍ତି, ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି, ପ୍ରାର୍ଥନା କରୁଛେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଭିଣୋଇର ଦଶାହ ତୁଠରେ ଶାଳକଙ୍କ ମତ୍ୟୁ

ଅନୁଗୁଳ(ଅମୃତ ମିଡ଼ିଆ)

ଭିଣୋଇ ଦଶାହ ତୁଠରେ ଶଳାର ମୃତ୍ୟୁ। ମାତେଳିଆ ଯୋରରେ ଦଶାହ ତୁଠରେ ଗାଧୋଉ ଥିବାବେଳେ ହୋମ୍ ପାଇପରେ ଫସି ଚାଲିଗଲା ଜୀବନ। ମୃତ ବ୍ୟକ୍ତି ଜଣଙ୍କ ହେଲେ ଅନୁଗୋଳ ଜିଲ୍ଲା ଯୁକୁବୁ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ବିମଳ କିଶୋର ସାହୁ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଆଜି ତୁମୁଣି ଗାଁରେ ବିମଳଙ୍କ ଭିଣୋଇ ଗିରିଶ ବିଶ୍ୱାଳଙ୍କ ଦଶାହ କର୍ମ ଥିଲା। ବହୁ ସମ୍ପର୍କୀୟଙ୍କ ସହ ବିମଳ ଦଶାହ ତୁଠକୁ ଯାଇଥିଲେ। ସେ ଯୋରରେ ଗାଧୋଉଥିବା ବେଳେ ପାଣିର ସ୍ରୋତ ତାଙ୍କୁ ଟାଣି ନେଇଥିଲା । ଫଳରେ ସେ ଯୋରରେ ଭାସିଯାଇ ଏକ ହୋମ ପାଇପ ଭିତରେ ଫସି ଯାଇଥିଲେ। ଉପସ୍ଥିତ ଲୋକମାନେ ଯେତେ ଚେଷ୍ଟା କଲେ ବି ତାଙ୍କୁ ଉଦ୍ଧାର କରିପାରି ନଥିଲେ। ସେମାନେ ତୁରନ୍ତ ଜେସିବି ଡକାଇ ବିମଳଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

କେନ୍ଦ୍ର ସରକାରଙ୍କ ଏମସିସିଡି ରିପୋର୍ଟ

ଓଡ଼ିଶାରେ ୧୦୦ରୁ ୮୦ ମୃତ୍ୟୁର କାରଣ ଅସ୍ପଷ୍ଟ

ହୃଦରୋଗରେ ସର୍ବାଧିକ ୨୮.୨% ମୃତ୍ୟୁ

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶାରେ ପ୍ରତି ୧୦୦ଟି ମୃତ୍ୟୁ ମଧ୍ୟରୁ ପ୍ରାୟ ୮୦ଟି ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ । ରାଜ୍ୟରେ ପଞ୍ଜିକୃତ ହେଉଥିବା ପ୍ରାୟ ୮୦% ମୃତ୍ୟୁର କୌଣସି ଡାକ୍ତରୀ ପ୍ରମାଣପତ୍ର ମିଳିପାରୁନାହିଁ । ଓଡ଼ିଶାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ସ୍ଥିତି ଓ ମୃତ୍ୟୁର କାରଣ ଚିହ୍ନଟ କରିବାରେ ପ୍ରଶାସନିକ ବିଫଳତାର ଏହି ଉଦବେଗଜନକ ଚିତ୍ରକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସଦ୍ୟତମ ପ୍ରକାଶିତ ରିପୋର୍ଟ ହିଁ ପଦାରେ ପକାଇ ଦେଇଛି । ରାଜ୍ୟରେ ପ୍ରତିବର୍ଷ କାଗଜକଲମରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ପଞ୍ଜିକୃତ ହେଉଛି ସତ କିନ୍ତୁ ସେମାନଙ୍କର ଜୀବନ କେଉଁ ରୋଗରେ ଯାଉଛି ତାହା ନିର୍ଦ୍ଧାରଣ କରିବା ପାଇଁ ଡାକ୍ତରୀ ସାର୍ଟିଫିକେଟ୍ ଦେବାରେ ରାଜ୍ୟ ପ୍ରଶାସନ ବିଫଳ ସାବ୍ୟସ୍ତ ହୋଇଛି । ଏପରିକି ଜାତୀୟସ୍ତରରେ ଏହି ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ହାର ତୁଳନାରେ ଓଡ଼ିଶା ବେଶ୍ ପଛରେ ରହିଛି । ଦେଶର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ତାଲିକାରେ ଓଡ଼ିଶା ୨୧ତମ ସ୍ଥାନରେ ଥିବାବେଳେ, କେବଳ ପ୍ରମୁଖ ୨୧ଟି ବଡ଼ ରାଜ୍ୟଗୁଡ଼ିକର ତାଲିକାରେ ରାଜ୍ୟର ସ୍ଥାନ ୬ରୁ ୧୧ ତମ ସ୍ଥାନକୁ ଖସି ଆସିଛି । ଅନ୍ୟପକ୍ଷରେ ଡାକ୍ତରୀ ପ୍ରମାଣପତ୍ର ହାସଲ କରିଥିବା ମୃତକଙ୍କ ମଧ୍ୟରେ ସର୍ବାଧିକ ୨୮.୨% ମୃତ୍ୟୁ କେବଳ ହୃଦରୋଗ ତଥା ରକ୍ତ ସଂଚାଳନ ପ୍ରମାଣୀ ଜନିତ ସମସ୍ୟା ଯୋଗୁ ଘଟିଛି । ରାଜ୍ୟରେ ଏହି ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କେବଳ ସହରାଂଚଳ କିମ୍ବା ବଡ଼ ବଡ଼ ଡାକ୍ତରଖାନା ମଧ୍ୟରେ ହିଁ ସୀମିତ ହୋଇଛି । ଗ୍ରାମାଂଚଳରେ ଏହି ଡାକ୍ତରୀ ପ୍ରମାଣପତ୍ର ହାସଲ କରିବା ଅବା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ରିପୋର୍ଟରୁ ଜଣାପଡ଼ିଛି । କେନ୍ଦ୍ର ସରକାରଙ୍କ ଜନଗଣନା କମିଶନରଙ୍କ ଅଫିସ(ଓଆରଜିଆଇ) ପକ୍ଷରୁ 'ମେଡିକାଲ ସାର୍ଟିଫିକେସନ୍ ଅଫ କଜ୍ ଅଫ ଡେଥ(ଏମସିସିଡି)ର ସଦ୍ୟତମ ବାର୍ଷିକ ରିପୋର୍ଟ ଯାହାକି ଗତ ଜୁଲାଇ ମାସରେ ପ୍ରକାଶିତ ହୋଇଛି ସେଥିରେ ଅନେକ ସଙ୍ଗୀନ ଚିତ୍ର ପଦାକୁ ଆସିଛି । ୨୦୨୪ ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ବର୍ଷର ପଞ୍ଜିକୃତ ତଥ୍ୟକୁ ଆଧାର କରି ଜନଗଣନା କାର୍ଯ୍ୟାଳୟ ପକ୍ଷରୁ ୨୦୨୬ ଜୁଲାଇ ମାସରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି । ଏହି ରିପୋର୍ଟ ଅନୁସାରେ, ୨୦୨୪ କ୍ୟାଲେଣ୍ଡର ବର୍ଷରେ ଓଡ଼ିଶାରେ ମୋଟ ୪ ଲକ୍ଷ ୧୫ ହଜାର ୫୩୧ ଜଣଙ୍କ ମୃତ୍ୟୁ ସିଭିଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମରେ ପଞ୍ଜିକୃତ ହୋଇଥିଲା । କିନ୍ତୁ ତାହା ମଧ୍ୟରୁ ମାତ୍ର ୮୪୫୬୨ ଜଣ ମୃତକଙ୍କ କ୍ଷେତ୍ରରେ ହିଁ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ବା ମେଡିକାଲ୍ ସାର୍ଟିଫିକେସନ୍ ମିଳିପାରିଥିଲା । ଏହି ପ୍ରମାଣିତ ମୃତକଙ୍କ ମଧ୍ୟରେ ୫୦୭୦୮ ଜଣ ପୁରୁଷ ଓ ୩୩୮୫୪ ଜଣ ମହିଳା ସାମିଲ ଅଛନ୍ତି । ଓଡ଼ିଶାରେ ମୋଟ ପଞ୍ଜିକୃତ ମୃତ୍ୟୁ ତୁଳନାରେ ମେଡିକାଲ୍ ସାର୍ଟିଫିକେସନ୍ ହାର ମାତ୍ର ୨୦.୪% ରହିଛି, ଯାହାର ଅର୍ଥ ହେଉଛି ବାକି ପ୍ରାୟ ୮୦% ମୃତ୍ୟୁ ବିନା କୌଣସି ଡାକ୍ତରୀ ପ୍ରମାଣପତ୍ରରେ ପଞ୍ଜିକୃତ ହୋଇଛି। ବିଗତ ବର୍ଷଗୁଡ଼ିକର ତୁଳନାତ୍ମକ ବିବରଣୀରୁ ଜଣାପଡ଼ିଛି ଯେ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ୨୦୨୨ ମସିହାରେ ଓଡ଼ିଶାରେ ଏହି ହାର ୨୧.୯% ଓ ୨୦୨୩ରେ ୨୩.୪% ଥିବାବେଳେ ୨୦୨୪ରେ ଏହା ୨୦.୪% କୁ ଖସିଆସିଛି। ଏହି ହ୍ରାସ ଯୋଗୁ ସମଗ୍ର ଦେଶର ୨୧ଟି ପ୍ରମୁଖ ବଡ଼ ରାଜ୍ୟ ତାଲିକାରେ ଓଡ଼ିଶାର ର୍ୟାଙ୍କିଙ୍ଗ୍ ୬ରୁ ୧୧କୁ ହ୍ରାସ ପାଇଛି।

ନାଗାଲାଣ୍ଡରେ ବିଷାକ୍ତ ମଦ ପିଇ ୯ ମୃତ

ନୂଆଦିଲ୍ଲୀ

ବିହାର, ମଧ୍ୟପ୍ରଦେଶ ପରେ ଏବେ ନାଗାଲାଣ୍ଡରେ ମଦ ମୃତ୍ୟୁ ତାଣ୍ଡବ । ନାଗାଲାଣ୍ଡର ତୁଏନ୍ସାଙ୍ଗ ଜିଲ୍ଲାରେ ବିଷାକ୍ତ ମଦ ପିଇ ୯ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା ପରେ ସାରା ରାଜ୍ୟରେ ରେଡ୍ ଆଲର୍ଟ ଜାରି କରିଛି ପୁଲିସ୍ । ସେ ତୁଏନସାଙ୍ଗ, ମୋନ, ମୋକୋକଚୁଙ୍ଗ ଏବଂ ଲଙ୍ଗଲେଙ୍ଗର ଲୋକଙ୍କୁ ବର୍ତ୍ତମାନ ପାଇଁ ମଦ୍ୟପାନରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି । ଏହି ଦୁଃଖଦ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି । ନାଗାଲାଣ୍ଡରେ ବିଷାକ୍ତ ମଦ ମୃତ୍ୟୁ ଜନିତ ମାମଲା ସାମ୍ନାକୁ ଆସିବା ପରେ ମଦ ନିଷେଧକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ତୁଏନସାଙ୍ଗର ସିଭିଲ ହସ୍ପିଟାଲରେ ଏକାଧିକ ମୃତ୍ୟୁ ଖବର ପରେ ଏହି ସତର୍କ ସୂଚନା ଦିଆଯାଇଛି । ମେଡିକାଲରେ ଭର୍ତ୍ତି ହୋଇଥିବା ବ୍ୟକ୍ତିମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ସହିତ ସମାନ ଲକ୍ଷଣ ଦେଖାଇଥିବା ଜଣାପଡିଛି । ମଦ୍ୟପାନ କରିବାର କିଛି ଘଣ୍ଟା ମଧ୍ୟରେ କେତେକଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ଏହି ମୃତ୍ୟୁ ଏକ ନିର୍ଦ୍ଦିଷ୍ଟ ମଦ ଉତ୍ପାଦ ଯୋଗୁଁ ହୋଇଛି କିୟା ସଠିକ୍ ଚିକିତ୍ସା କାରଣ ପ୍ରତିଷ୍ଠା କରିଛି ବୋଲି ପୁଲିସ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଏକ ବାସିନ୍ଦା ସନ୍ଦିଗ୍ଧ ବିଷାକ୍ତ ମଦ୍ୟପାନ କରିଥିଲେ । କିଛି ସମୟ ପରେ, ଅନେକ ବ୍ୟକ୍ତି ପ୍ରବଳ ବାନ୍ତି, ଛାତିରେ ଯନ୍ତ୍ରଣା ହେବାର ଅଭିଯୋଗ କରିଥିଲେ । ଜରୁରୀକାଳୀନ ଚିକିତ୍ସା ପାଇଁ ପୀଡିତମାନଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା । ଏହାପରେ ଜରୁରୀକାଳୀନ ଦଳ ଏବଂ ପୁଲିସ ଅଧିକାରୀମାନେ ଏହି ଅଞ୍ଚଳକୁ ଯାଇଥିଲେ । ଏହି ଘଟଣା ପୁଣି ଥରେ ନାଗାଲାଣ୍ଡ ମଦ ସମ୍ପୂର୍ଣ୍ଣ ନିଷେଧ ଆଇନକୁ ଚର୍ଚ୍ଚାକୁ ଆଣିଛି । ୧୯୯୦ ମସିହାରୁ ରାଜ୍ୟରେ ମଦ୍ୟପାନ ସମ୍ବନ୍ଧୀୟ ସମସ୍ୟାକୁ ରୋକିବା ପାଇଁ ଏହି ଆଇନ ଲାଗୁ କରାଯାଇଥିଲା । ତେବେ ଏହା ଅନେକ ସମୟରେ ବେଆଇନ ମଦ ବଜାରକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଏବେ ଏହି ଆଇନର ପୁନର୍ବିଚାର ପାଇଁ ଦାବି ଉଠୁଛି ।

ସେ କହିଲେ...

ଓମ୍‌ଫେଡ୍ ବୋର୍ଡର ଅନୁମୋଦନ ପରେ ଆଇସକ୍ରିମ୍ ଓ ପାଣିକୁ ବଜାରରେ ଲଞ୍ଚ୍ କରାଯିବ । ଏହାଦ୍ୱାରା ଓମ୍‌ଫେଡ୍‌ର ଉତ୍ପାଦ ପରିସର ଆହୁରି ବ୍ୟାପକ ହେବା ସହ ଓଡ଼ିଶାର ଉପଭୋକ୍ତାଙ୍କ ପାଇଁ ନୂଆ ବିକଳ୍ପ ଉପଲବ୍ଧ ହେବ। ବର୍ତ୍ତମାନ ଓମ୍‌ଫେଡ୍ ମୁଖ୍ୟତଃ ଦୁଗ୍ଧ ଓ ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀ ପାଇଁ ପରିଚିତ। ଆଇସକ୍ରିମ୍ ଓ ପାଣି ବଜାରକୁ ଆସିଲେ ଏହା ଓମ୍‌ଫେଡ୍‌ର ବ୍ୟବସାୟିକ ବିସ୍ତାରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଓମଫେଡ ତାର ମାନ ବଜାୟୀ ରଖିଛି । ତ୍ରିସ୍ତରୀୟ ଚେକିଂ ପରେ ଓମଫେଡ କ୍ଷୀର ମାର୍କେଟକୁ ଆସିଥାଏ । ଅପମିଶ୍ରଣ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଗୋକୁଳାନନ୍ଦ ମଲ୍ଲିକ
ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ

ଏମଏମ୍‌ଡିଆର ପ୍ରସଙ୍ଗକୁ ନେଇ ବିଜେଡିର ବଡ଼ ଘୋଷଣା

ଆଇନ ପ୍ରତ୍ୟାହାର ନକଲେ ଅର୍ଥନୈତିକ ଅବରୋଧ

ବିଜେଡି ଔଷଧ ବିକଳରେ ଚାଟିଆ କାମୁଡୁଛି : ବିଜେପି

ଭୁବନେଶ୍ୱର(ବ୍ୟୁରୋ)

ଏମଏମଡ଼ିଆର ପ୍ରସଙ୍ଗକୁ ନେଇ ବିଜେଡିର ବଡ଼ ଘୋଷଣା । ଏମଏମଡ଼ିଆର ଆଇନ ପ୍ରତ୍ୟାହାର ନକଲେ ଅର୍ଥନୈତିକ ଅବରୋଧ କରିବ ବିଜେଡି । ପ୍ରେସମିଟରେ ବିଜେଡି ବିଧାୟକ ଅରୁଣ ସାହୁଙ୍କ ସୂଚନା । ସେ କହିଛନ୍ତି ଯେ, ୨୪ ବର୍ଷର ମୁଖ୍ୟମନ୍ତ୍ରୀ ଏବେକାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏ ବିଷୟରେ ଜଣାଇଲେ । ତାଙ୍କୁ ପ୍ରସ୍ତାବ ଦେଲେ । ହେଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସୌଜନ୍ୟତା ଦୃଷ୍ଟିରୁ ଚିଠିର କୌଣସି ଉତ୍ତର ଦେଲେ ନାହିଁ । ଏମଏମଡିଆର ଆଇନ ସଂଶୋଧନ କରି ରାଜ୍ୟର ଅଧିକାର ଛଡାଇ ନେଲେ । ସର୍ବଦଳୀୟ ବୈଠକ ଓ ସ୍ୱତନ୍ତ୍ର ବିଧାନସଭା ଡାକିବାକୁ ନବୀନ ପରାମର୍ଶ ଦେଇଥିଲେ । ହେଲେ ବିଜେପି ତାହା ଶୁଣିଲା ନାହିଁ । ରାଜ୍ୟର ଖଣିଜ ସମ୍ପଦ କେନ୍ଦ୍ର ହାତକୁ ଚାଲିଗଲା । କେନ୍ଦ୍ର ହାତକୁ ସବୁ ଚାଲିଗଲେ ଓଡ଼ିଶାକୁ ପୁଞ୍ଜି ନିବେଶକାରୀ ଆସିବେ ତ ? ଅରୁଣ ସାହୁ ପୁଣି କହିଛନ୍ତି ଯେ, ୨୦୦୫ ରୁ ୨୦୨୬ ଯାଏ

ଏଡ୍ସର ଭୟାବହତା କାଳେ କାଳେ ରହିଆସିଛି। କ୍ରମଶଃ ଏହା ମାନବ ସମାଜକୁ ଗ୍ରାସ କରିବାରେ ଲାଗିଛି। ସାମାନ୍ୟତମ ସାବଧାନତାର ଅଭାବ ଏହି ମହାବିପତ୍ତିକୁ ଡାକିଆଣିପାରେ। କେବଳ ଭାରତ ନୁହେଁ ବିଶ୍ୱର ବିଭିନ୍ନ ଦେଶ ଏହି ରୋଗରେ ଆକ୍ରାନ୍ତ। ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (ଏଚ୍ଆଇଭି) କାରଣରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଯଦି ଆରମ୍ଭରୁ ଏହି ଇନଫେକ୍ସନକୁ ମ୍ୟାନେଜ କରାନଯାଏ, ତାହାଲେ ଏହା ଏଡ୍ସର ରୂପ ନେବା ସ୍ୱାଭାବିକ। ବିଶେଷକରି ଯୁବ ଛାତ୍ରମାନଙ୍କୁ ଏବେ ଏହି ରୋଗ ଗ୍ରାସ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ନିକଟରେ କର୍ଣ୍ଣାଟକରେ ପାଖାପାଖି ୭ ହଜାର କଲେଜ ଛାତ୍ରଛାତ୍ରୀ ଏଚ୍ଆଇଭି ସଂକ୍ରମିତ ବୋଲି ଜଣାପଡ଼ିବା ପରେ ରାଜ୍ୟ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଏହାକୁ ରୋକିବାକୁ ସରକାର ଦେଇଛନ୍ତି କଡ଼ା ନିର୍ଦ୍ଦେଶ।

ସୁଶାନ୍ତ କୁମାର ଦାସ

ମୃତ୍ୟୁଫାଙ୍ଗରେ ଯୁବପିଢ଼ି

ଆନ୍ତର୍ଜାତୀୟ ଯୁବବର୍ଗଙ୍କ ମଧ୍ୟରେ ଏଚ୍ଆଇଭି ଏବଂ ଏଡ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଛି, ଯାହାକି ସ୍ୱଳ୍প ପରୀକ୍ଷଣ ହାର, ଆଞ୍ଚଳିକ ସମ୍ବେଦନଶୀଳତା ଏବଂ ଦୃଢ଼ ସାମାଜିକ କଳଙ୍କ ଦ୍ୱାରା ପ୍ରଭାବିତ ହେଉଛି। ବିଶ୍ୱବ୍ୟାପୀ କୋଟି କୋଟି ଯୁବକଯୁବତୀ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି, ଯାହା ପାଇଁ ଲକ୍ଷ୍ୟଭିତ୍ତିକ ଶିକ୍ଷା, ଚିକିତ୍ସା ଏବଂ ସହାୟତା ବ୍ୟବସ୍ଥାର ଆବଶ୍ୟକତା ରହିଛି। ୧୫ରୁ ୨୪ ବର୍ଷ ବୟସ୍କ କୋଟି କୋଟି ଯୁବକଯୁବତୀ ବିଶ୍ୱବ୍ୟାପୀ ଏଚ୍ଆଇଭି ସହିତ ବଞ୍ଚୁଛନ୍ତି, ଯାହା ସମୁଦାୟ ସଂକ୍ରମଣର ଏକ ବଡ଼ ଅଂଶ ଅଟେ। ବିଶ୍ୱସ୍ତରରେ ଯୁବବର୍ଗଙ୍କ ମଧ୍ୟରେ ହେଉଥିବା ସମସ୍ତ ନୂତନ ଏଚ୍ଆଇଭି ସଂକ୍ରମଣର ୭୦ ପ୍ରତିଶତରୁ ଅଧିକ ସବ୍ସାହାରା ଓ ଆଫ୍ରିକାରେ ଘଟୁଛି। ଯୁବତୀମାନେ ଏହା ଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ଯୁବବର୍ଗଙ୍କ ପ୍ରାୟ ୨୧ ପ୍ରତିଶତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଟନ୍ତି।

ଭାରତରେ ଏହାର ସ୍ଥିତି

ଭାରତରେ ଯୁବପିଢ଼ି ଏଚ୍ଆଇଭି/ଏଡ୍ସ ରୋଗରେ ବେଶୀ ପ୍ରଭାବିତ ହେଉଛନ୍ତି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ସଂପୂର୍ଣ୍ଣ ଯୌନ ଶିକ୍ଷାର ଅଭାବ, ସାମାଜିକ କଳଙ୍କ ଏବଂ ଅସୁରକ୍ଷିତ ବା ବିପଦପୂର୍ଣ୍ଣ ଆଚରଣ। ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ପରି ସରକାରୀ ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ପ୍ରତିଷେଧକ ଏବଂ ପରାମର୍ଶ ବ୍ୟବସ୍ଥା ଜରିଆରେ ଏହି ବର୍ଗକୁ ସକ୍ରିୟ ଭାବରେ ଲକ୍ଷ୍ୟ କରୁଛନ୍ତି। ଭାରତରେ ୧୫ରୁ ୨୪ ବର୍ଷ ବୟସ୍କ ଯୁବକଯୁବତୀମାନେ ସମସ୍ତ ରିପୋର୍ଟ ହୋଇଥିବା ଏଡ୍ସ ମାମଲାର ପ୍ରାୟ ୩୫ ପ୍ରତିଶତ ଅଟନ୍ତି। ସାଂସ୍କୃତିକ ନିଷେଧାଦେଶ ଯୋଗୁଁ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସମ୍ପୂର୍ଣ୍ଣ କିମ୍ବା ଭୁଲ ତଥ୍ୟ ବ୍ୟାପକ ଭାବରେ ରହିଛି। ଏଥିସହ ଅସୁରକ୍ଷିତ ଏବଂ ଏକାଧିକ ସାଥୀଙ୍କ ସହିତ ଯୌନ ସମ୍ପର୍କ ଏବଂ ଶିରା ମାଧ୍ୟମରେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ସଂକ୍ରମଣର ବିପଦ ବହୁଗୁଣ ବୃଦ୍ଧି ପାଇଥାଏ।

ପ୍ରତିଷେଧକ ଏବଂ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ କିଶୋର ଶିକ୍ଷା କାର୍ଯ୍ୟକ୍ରମ ଏବଂ କଲେଜ ସ୍ତରୀୟ ରେଡ୍ ରିବନ୍ କ୍ଲବ୍ ପରି ଲକ୍ଷ୍ୟଭିତ୍ତିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଇଚ୍ଛାଧୀନ ପରୀକ୍ଷା, ଗୋପନୀୟ ପରାମର୍ଶ ଏବଂ ମାଗଣାରେ ଆଣ୍ଟିରେଟ୍ରୋଭାଇରାଲ୍ ଥେରାପିର ଉପଲବ୍ଧତାକୁ ପ୍ରୋତ୍ସାହିତ କରୁଛନ୍ତି। ସାମାଜିକ ସମର୍ଥନ ଏବଂ ଶୀଘ୍ର ରୋଗ ନିର୍ଣ୍ଣୟକୁ ପ୍ରୋତ୍ସାହିତ କରିବା ପାଇଁ ସଂକ୍ରମଣର ମାଧ୍ୟମ ବିଷୟରେ ଥିବା ଭ୍ରାନ୍ତ ଧାରଣାକୁ ଦୂରକରିବା ଉପରେ ସାର୍ବଜନୀନ ଅଭିଯାନଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି। ଏଥିପ୍ରତି ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇବା ଜରୁରୀ। ସାମାନ୍ୟ ଅସାବଧାନତା ଭୟଙ୍କର ପରିଣତିକୁ ଡାକିଆଣିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ତେଣୁ ଯୁବଛାତ୍ରମାନେ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା, ପରୀକ୍ଷା ନିରୀକ୍ଷା କରିବା ଏକାନ୍ତ ପ୍ରୟୋଜନ।

କର୍ଣ୍ଣାଟକରେ ସଂକ୍ରମଣ ବେଶି

ଭାରତର ବିଭିନ୍ନ ରାଜ୍ୟରେ ଏଚ୍ଆଇଭି କାୟାବିସ୍ତାର କରିବାରେ ଲାଗିଛି। ଯୁବଛାତ୍ରମାନେ ଯେତେ ସଚେତନ ହେବେ, ବିପଦର ମାତ୍ରା ସେତେ କମିବ। କର୍ଣ୍ଣାଟକରେ ଏବେ ଏଚ୍ଆଇଭି ମାମଲା ଦ୍ରୁତ ଗତିରେ ବଢ଼ିଚାଲିଛି। ଚିନ୍ତାର ବିଷୟ ହେଉଛି, ରାଜ୍ୟର ଛାତ୍ର ସମାଜ ତଥା ଯୁବ ସମାଜ ମଧ୍ୟରେ ଏଚ୍ଆଇଭି ସଂକ୍ରମଣର ବେଶି। ଯାହା ଯୋଗୁଁ ରାଜ୍ୟ ସରକାରଙ୍କୁ ବି ବଡ଼ ପଦକ୍ଷେପ ନେବାକୁ ପଡ଼ିଛି। ରିପୋର୍ଟ ମୁତାବକ, ରାଜ୍ୟରେ ୨ ଲକ୍ଷ ୬୦ ହଜାର ଲୋକ ଏଚ୍ଆଇଭି ସଂକ୍ରମିତ। ଏଥିରୁ ୫୪ ହଜାର ରୋଗୀଙ୍କୁ ନିଜ ରୋଗ ବାବଦରେ କିଛି ଜଣାନାହିଁ। ଅବହେଳା ଓ ସଚେତନତାର ଅଭାବ ଯୋଗୁଁ ଆଜି ଏଭଳି ପରିସ୍ଥିତି ଉପୁଜିଛି। ରିପୋର୍ଟ ମୁତାବକ, ଏହି ସଂକ୍ରମଣ ୧୮ରୁ ୩୫ ମଧ୍ୟରେ ଥିବା ଯୁବକଙ୍କୁ ସର୍ବାଧିକ। ଯେଉଥିରେ ଛାତ୍ର ବି ସାମିଲ ଅଛନ୍ତି। ୨୦୨୩-୨୪ରେ ୪୪,୫୦୦ ଜଣ ସଂକ୍ରମିତ ହୋଇଥିବା ବେଳେ ୨୦୨୫-୨୬ରେ ୬୬, ୬୦୦ ଯୁବକ ସଂକ୍ରମିତ। ସେମାନଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ଭିତରେ ୭ ହଜାର ଛାତ୍ରଛାତ୍ରୀ ରହିଛନ୍ତି। ଏହି ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଚିନ୍ତା ବଢ଼ିଯାଇଛି।

କଲେଜ ଛାତ୍ରଙ୍କ ଏଚ୍ଆଇଭି ଟେଷ୍ଟ ଜରୁରୀ

ରାଜ୍ୟ ଷ୍ଟେଟ୍ ଏଡ୍ସ ପ୍ରୋବେସନ୍ ସୋସାଇଟି ମୁତାବକ, ରାଜ୍ୟର ସବୁ କଲେଜରେ ଏଚ୍ଆଇଭି ଟେଷ୍ଟିଂ ଆଣ୍ଡ୍ କାଉନସେଲିଂ କ୍ୟାମ୍ପ ହେବ। ଏଥିରେ ଛାତ୍ରଛାତ୍ରୀଙ୍କ ଅନୁମତିରେ ଏଚ୍ଆଇଭି ପରୀକ୍ଷା କରାଯିବ। ଏବେ ଯେଉଁଭଳି ମାତ୍ରାରେ ଏଚ୍ଆଇଭି ସଂକ୍ରମଣ ହେଉଛି, ଏଥିରେ ଯୁବଛାତ୍ରଙ୍କ ସଚେତନତା ଜରୁରୀ। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କର ଏଚ୍ଆଇଭି ଟେଷ୍ଟ କରାଯିବା ଉଚିତ। କେଉଁ କେଉଁ ଉପାୟରେ ଏଚ୍ଆଇଭି ସଂକ୍ରମିତ ହେଉଛି, ସେ ସମ୍ପର୍କରେ ପିଲାମାନେ ଜାଣିବା ଓ ସଚେତନ ହେବା ଏକାନ୍ତ ବିଧେୟ। ଖାଲି ସେତିକି ନୁହେଁ, ପ୍ରତି ସନ୍ଦିଗ୍ଧଙ୍କ କ୍ଷେତ୍ରରେ ଏହି ପରୀକ୍ଷା କରାଯିବା ଜରୁରୀ। ଶୂନ୍ୟ ମୃତ୍ୟୁହାର ଲାଗି ଏଭଳି ପରୀକ୍ଷାର ବିଶେଷ ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ସମସ୍ତେ ସହଯୋଗ କଲେ, ଯୁବଛାତ୍ରମାନଙ୍କୁ ଏହି ମହାମାରୀ ରୋଗରୁ ରକ୍ଷା କରାଯାଇ ପାରିବ।

ପ୍ରାରମ୍ଭିକ ପରୀକ୍ଷା ଓ ସଚେତନତା

ହାର୍ଭାର୍ଡ ଭଳି ବଡ଼ ବଡ଼ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ମତରେ ଏଚ୍ଆଇଭି ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା ପ୍ରସାର କରିବା ଅତ୍ୟନ୍ତ ଜରୁରୀ। ସଚେତନତା ବୃଦ୍ଧିକରିବା ହେଉଛି ଏହାକୁ ରୋକିବାର ଏକମାତ୍ର ଉପାୟ। ଏଥିରେ ଏଚ୍ଆଇଭି ପରୀକ୍ଷା, ନିରାପଦ ଯୌନ ସମ୍ପର୍କ, ସଂକ୍ରମଣର ଅନ୍ୟାନ୍ୟ କାରଣ ଏବଂ ପ୍ରତିରୋଧ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦେବା ଅନ୍ତର୍ଭୁକ୍ତ। ବେଙ୍ଗାଲୁରୁର ଫୋର୍ଟିସ୍ ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ କୁହନ୍ତି, ଯଦିଓ ଅନେକଙ୍କଠାରେ ଏଚ୍ଆଇଭିର କୌଣସି ଲକ୍ଷଣ ଦେଖାଯାଏ ନାହିଁ, ତଥାପି ଆପଣଙ୍କୁ ପରୀକ୍ଷା କରାଇବା ଉଚିତ। କାରଣ ଏହି ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟର ଲକ୍ଷଣ ଏହି ସଂକ୍ରମଣ ରୋଗୀଙ୍କଠାରେ ଦେଖାଯାଏ ନାହିଁ। ତେଣୁ ପ୍ରାରମ୍ଭିକ ପରୀକ୍ଷା, ସଚେତନତା ଏବଂ କଳଙ୍କ ଦୂର କରିବା ହେଉଛି ଏହି ରୋଗକୁ ରୋକିବାର ସର୍ବୋତ୍ତମ ଉପାୟ। କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରେ ଏନେଇ କ୍ୟାମ୍ପ, ଡିବେଟ୍ ଓ ବିଭିନ୍ନ ପ୍ରତିଯୋଗିତା କରାଯିବା ମଧ୍ୟ ଜରୁରି। ପରୀକ୍ଷା ଏବଂ ସଚେତନତା ମାଧ୍ୟମରେ ଏଚ୍ଆଇଭିକୁ ରୋକାଯାଇପାରିବ। ଏଥିପାଇଁ ସରକାର କଡ଼ା ପଦକ୍ଷେପ ନେବା ଜରୁରି ମନେହୁଏ। ଏଥିସହ ପିଲାମାନଙ୍କ ବାପା-ମା'ଙ୍କ ଗୁରୁଦାୟିତ୍ୱ ବି ରହିଛି। ଶିକ୍ଷା ଓ ସଚେତନତା ଏନେଇ ବାଟ କାଢିବ ବୋଲି ଆଶା କରାଯାଏ।

ଭାରତର ଅନ୍ୟ ରାଜ୍ୟ ତୁଳନାରେ ଏଷବ କର୍ଣ୍ଣାଟକରେ ଯୁବଛାତ୍ରଙ୍କ ଏଚ୍ଆଇଭି ସ୍ଥିତି ଚିନ୍ତା ବଢ଼ାଇଛି। କର୍ଣ୍ଣାଟକ ଭାରତରେ ତୃତୀୟ ସର୍ବାଧିକ ଏଚ୍ଆଇଭି ବୋଧ ପରିବହନ କରୁଛି, ଯେଉଁଠାରେ ଆନୁମାନିକ ୨.୬୦ ଲକ୍ଷ ଲୋକ ଏହି ଭୂତାଣୁ ସହିତ ବଞ୍ଚୁଛନ୍ତି ବୋଲି ଆକଳନ କରାଯାଇଛି। ରାଜ୍ୟରେ ଚିହ୍ନଟ ଏବଂ ଚିକିତ୍ସାରେ ଏକ ବ୍ୟବଧାନ ରହିଛି, ଯେଉଁଥିରେ ପ୍ରାୟ ୨.୦୫ ଲକ୍ଷ ବ୍ୟକ୍ତି ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି (ଏଆରଟି) ଗ୍ରହଣ କରୁଛନ୍ତି ଏବଂ ଆନୁମାନିକ ୫୬,୦୦୦ ଲୋକ ଏପର୍ଯ୍ୟନ୍ତ ସେମାନଙ୍କର ଏଚ୍ଆଇଭି ସ୍ଥିତି ବିଷୟରେ ଜାଣି ନାହାଁନ୍ତି। ପ୍ରାୟ ୨.୬୦ ଲକ୍ଷ ଲୋକ ଏଚ୍ଆଇଭି ସହିତ ବଞ୍ଚୁଛନ୍ତି। ୨,୦୫,୩୫୦ ଜଣ ବ୍ୟକ୍ତି ମାଗଣା ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି (ଏଆରଟି) ପାଉଛନ୍ତି। ଆନୁମାନିକ ୫୬,୪୦୬ ଜଣ ବ୍ୟକ୍ତି ନିଜର ସ୍ଥିତି ବିଷୟରେ ଅଜ୍ଞ ଅଛନ୍ତି। ଯୁବ ସଂକ୍ରମଣ କହିଲେ ୧୫ରୁ ୩୫ ବୟସର ପିଲା ୨୦୨୩–୨୪ ମସିହାରେ ପ୍ରାୟ ୪୯,୦୦୦ ଥିବା ବେଳେ ୨୦୨୫–୨୬ ମସିହାରେ ଏହା ବୃଦ୍ଧି ପାଇ ପ୍ରାୟ ୮୩,୦୦୦ରେ ପହଞ୍ଚିଛି। ଏଥିରୁ ସ୍ପଷ୍ଟ ଅନୁମେୟରେ ଅଧିକରୁ ଅଧିକ ଯୁବଛାତ୍ରମାନେ କର୍ଣ୍ଣାଟକରେ ଏଚ୍ଆଇଭି ଆକ୍ରାନ୍ତ ହେବାରେ ଲାଗିଛନ୍ତି। ତେଣୁ ସରକାର ଏନେଇ ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଘଟଣା। ଏଥିସହ ବିଭିନ୍ନ ସଚେତନତା, ବିଭିନ୍ନ ସ୍ୱାସ୍ଥ୍ୟ କ୍ୟାମ୍ପ କରାଯିବା ନିହାତି ଆବଶ୍ୟକ।

ପଶ୍ଚିମ ଓଡ଼ିଶା

ନୂଆଁଖାଇ ପାଇଁ ଉତ୍ସବମୁଖର ପଶ୍ଚିମ ଓଡ଼ିଶା

ଘରମୁହାଁ ପ୍ରବାସୀ, ଗାଁ ଗାଁରେ ଜୁହାରଭେଟର ସ୍ୱତନ୍ତ୍ର ପରମ୍ପରା

ସମ୍ବଲପୁର(ଅମୃତ ମିଡିଆ): କୃଷି ଭିତ୍ତିକ ଗଣ ପର୍ବ ନୂଆଁଖାଇ ପାଇଁ ଉତ୍ସବ ମୁଖର ସମଗ୍ର ପଶ୍ଚିମ ଓଡ଼ିଶା । ଯିଏ ଯେଉଁଠି ବି ଥାଆନ୍ତୁ ନୂଆଁଖାଇ ପାଇଁ ସମସ୍ତେ ଦୂର ଦୂରାନ୍ତରେ ଥିଲେ ମଧ୍ୟ ଘରମୁହାଁ ହୋଇ ପହଞ୍ଚି ଗଲେଣି । ନୂଆଁଖାଇ ଏକ ଭାବ ଆଦାନ ପ୍ରଦାନର ପର୍ବ ଯିଏ ଯେତେ ବି ଯାହା ସହିତ ରାଗ ରୋଷ ଥିଲେ ବି ଏହି ଦିନ ସମସ୍ତେ ଜୁହାର ଭେଟ ହୋଇ ଗଲେ ସବୁ ରାଗ ରୋଷ ଭୁଲି ଯାଇ ଏକାକାର ହୋଇ ଯାଆନ୍ତି । ଆଜିର ସମାଜରେ ଭାଇ ଭାଇ ଭିତରେ ଅନେକ ତିକ୍ତତା ହୋଇ ଭାଇ ଭାଇ ମଧ୍ୟ ଏକାଠି ନୂଆଁଖାଇ ପାଳନ କରୁ ନଥିବା

କୃଷି ଭିତ୍ତିକ ଗଣ ପର୍ବ ନୂଆଁଖାଇ ପାଇଁ ଉତ୍ସବ ମୁଖର ସମଗ୍ର ପଶ୍ଚିମ ଓଡ଼ିଶା । ଯିଏ ଯେଉଁଠି ବି ଥାଆନ୍ତୁ ନୂଆଁଖାଇ ପାଇଁ ସମସ୍ତେ ଦୂର ଦୂରାନ୍ତରେ ଥିଲେ ମଧ୍ୟ ଘରମୁହାଁ ହୋଇ ପହଞ୍ଚି ଗଲେଣି ।

ବେଳେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଡାହି ମାଲ ଓ ଜଳିଆ ଗ୍ରାମବାସୀ ଆଜକୁ ଆଠ ବର୍ଷ ହେବ ହଜାରେ ପରିବାରର ପାଞ୍ଚହଜାର ସଦସ୍ୟ ଏକାଠି ହୋଇ ନୂଆଁଖାଇ ବେଶ୍ ଧୁମ ଧାମରେ ପାଳନ କରି ଥାଆନ୍ତି । ଦୁଇ ଗାଁର ଗୌନ୍ତିଆ ନିଜ ଗ୍ରାମର ଗ୍ରାମ ଦେବୀଙ୍କୁ ବାଜା ଗଜା ଧରି ପୂଜାପାଠ କରି ଗ୍ରାମ ଦେବୀଙ୍କୁ ନିମନ୍ତ୍ରଣ କରି ସ୍ୱୀକୃତି ମାଗି ଗ୍ରାମର ଝାଙ୍କର ଓ ଗୌନ୍ତିଆ ଦୁଇ ଗ୍ରାମରେ ଘର ଘର ବୁଲି ସାମୂହିକ ନୂଆଁ ଖାଇବାକୁ ନିମନ୍ତ୍ରଣ ଦିଅନ୍ତି । ଗ୍ରାମର ଝାଙ୍କର ଓ ଗୌନ୍ତିଆଙ୍କ କଥା ରଖି ସମସ୍ତେ ଏକାକାର ହୋଇ ନୂଆଁଖାଇ ଦିନ ଏକାଠି ବସି ସମସ୍ତେ ସାମୂହିକ ନୂଆଁଖାଇରେ ସାମିଲ ହୋଇ ନୂଆଁ ଖାଆନ୍ତି । ଏଥିପାଇଁ ମହିଳାମାନଙ୍କ ମଧ୍ୟ ଭୂମିକା ବେଶ୍ ଥାଏ। ଏମିତି ଏକ ନିଆରା ନୂଆଁଖାଇ ପାଇଁ ଜଳିଆ ଓ ଡାହିମାଲ ଗ୍ରାମବାସୀ ବେଶ୍ ତତ୍ପରତା ସହିତ ସମସ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟ ହୋଇ ଥିବା ବେଳେ ଆସନ୍ତାକାଲି ସମସ୍ତେ ଏକତ୍ରିତ ହୋଇ ନୂଆଁଖାଇ ଖାଇବେ ।

ନୂଆଁଖାଇ : ପୂଜା ପାଇଁ ଘର ଘର ବୁଲି ଚାଉଳ ସଂଗ୍ରହ

କେସିଙ୍ଗା(ଅମୃତ ମିଡିଆ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇକୁ ନେଇ ସବୁଠି ଉତ୍ସାହ ଓ ଆନନ୍ଦର ପରିବେଶ। ଆସନ୍ତାକାଲି ନୂଆଖାଇ ପାଳନ ହେବାକୁ ଥିବାବେଳେ ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ଘରଦ୍ୱାର ସଫାସୁତୁରା କରିବା ସହ ସାଜସଜ୍ଜାରେ ଲାଗିପଡ଼ିଛନ୍ତି। ମାଟିଘରଗୁଡ଼ିକୁ ବିଭିନ୍ନ ରଙ୍ଗରେ ରଙ୍ଗ କରାଯାଇ ସୁନ୍ଦର ଭାବେ ସଜାଯାଉଛି। ନୂଆଖାଇର ପୂର୍ବଦିନ ସୋମବାର କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ପାରମ୍ପରିକ 'ରୁଗା ବଟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମର ଇଷ୍ଟଦେବୀ ଧାରଣୀ ପୀଠର ପୂଜକଙ୍କ ସହଯୋଗୀମାନେ ଘରେ ଘରେ ବୁଲି ଚାଉଳ, ଟଙ୍କା, ନଡ଼ିଆ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସଂଗ୍ରହ କରିଛନ୍ତି। ସଂଗ୍ରହ କରାଯାଇଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀକୁ ଧାରଣୀ ପୀଠରେ ଧୂପଦୀପ ଦେଇ ଗ୍ରାମବାସୀଙ୍କ ମଙ୍ଗଳ ଓ ସମୃଦ୍ଧି କାମନା କରି ପୂଜା କରାଯାଇଛି। ଏହି ପାରମ୍ପରିକ ପ୍ରଥାରେ ଗ୍ରାମର ପ୍ରତ୍ୟେକ ଘରର ମୁଖିଆ ମହିଳା ଓ ପୁରୁଷମାନେ ସାମିଲ ହୋଇ ପୂଜା ସାମଗ୍ରୀ ପ୍ରଦାନ କରିଥିଲେ। ନୂଆଁଖାଇ ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ଗଣେଶ ପୂଜା ମଧ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ନୂଆଖାଇ ଅବସରରେ ପରିବାରର ସମସ୍ତ ସଦସ୍ୟ ନୂଆ ବସ୍ତ୍ର ପରିଧାନ କରି ନୂଆ ଅନ୍ନ ଭୋଗ କରିବେ। ନୂଆ ଧାନର ଚୁଡ଼ା ସହ କଦଳୀ, ଗୋରସ, କର୍ପୂର ଓ ଇଲାଚି ମିଶ୍ରିତ ଖିରି, ବିଭିନ୍ନ ପ୍ରକାର ପିଠାପଣା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯିବ। ନୂଆଁଖାଇକୁ ନେଇ ଆଜିଠାରୁ ଗ୍ରାମର ପ୍ରତ୍ୟେକ ପରିବାରରେ ପ୍ରସ୍ତୁତି ଜୋରଦାର ହୋଇଥିବାବେଳେ ପାରମ୍ପରିକ 'ରୁଗା ବଟା' କାର୍ଯ୍ୟକ୍ରମ ଗ୍ରାମୀଣ ଏକତା ଓ ପରମ୍ପରାର ଏକ ନିଆରା ଉଦାହରଣ ପାଲଟିଛି।

ଲଙ୍ଗଳକଣ୍ଢା ଛକରେ ଥିବା କାମରେ ଆସୁନାହିଁ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ

ସୁବର୍ଣ୍ଣପୁର(ଅମୃତ ମିଡିଆ): ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ଡୁଙ୍ଗୁରିପାଲି-ରାମପୁର ରାସ୍ତାର ଲଙ୍ଗଳକଣ୍ଢା ଛକ ରେ ତିଆରି ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଯାତ୍ରା ଙ୍କ ରହଣୀ ପେଷ୍ଠାଳୟ ଜନସାଧାରଣ ତଥା ବସକୁ ଅପେକ୍ଷା କରି ଥିବା ଯାତ୍ରାଙ୍କ କୌଣସି କାମ ଲାଗୁ ନାହିଁ । ବର୍ତ୍ତମାନ ବର୍ଷ ଋତୁ ସବୁବେଳେ ବର୍ଷା ହେଉଛି । ଲୋକେ ଅନ୍ୟତ୍ର ଯିବାକୁ ହେଲେ ସେଠାରେ ବସ କୁ ଅପେକ୍ଷା କରିଥାନ୍ତି । ହେଲେ ଲୋକେ ସେଠାରେ ରହିପାରୁ ନାହାନ୍ତି । ବର୍ଷା ପାଣି ଭିତର କୁ ପ୍ରବେଶ କରୁଛି । ଛାତ ଉପରେ ଟିଶ ଲୁହା ରେ ତିଆରି କରାଯାଇଛି । ଛାତ ଉପରରୁ ପାଣି ଗଳୁଛି । କାମଟି ସୁବର୍ଣ୍ଣପୁର ପିଡବ୍ଲୁଡି ବିଭାଗ କରିଛି ।ତଳ ବର୍ଷା

ହେଲେ ପାଣି ଜମି ଯାଉଛି । ସବୁ ଆଡୁ ବର୍ଷା ପାଣି ଛିଞ୍ଚା ଆସୁଛି ।ଯାହା ଫଳରେ ଯାତ୍ରୀ ମାନେ ଭିଜି ଯାଉଛନ୍ତି । ତୁରନ୍ତ କାମ କାମ କରିବା ପାଇଁ ଏଠାକର ଜନସାଧାରଣ ଦାବୀକରୁଛନ୍ତି । ଏ ବାବଦରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ଫୁନ କରାଯାଇଥିଲେ ମଧ୍ୟ ଫୁନ ନ ଉଠାଇବାରୁ ଅଧିକ ପ୍ରତିକ୍ରିୟା ମିଳିପାରି ନାହିଁ ।

ବ୍ଲକଛକ ଟ୍ରାଫିକ ବ୍ୟବସ୍ଥା ନେଲା ଆଉଏକ ଜୀବନ

ବିଶିଷ୍ଟ କଳାକାର ବ୍ୟାସଦେବ ପାତ୍ରଙ୍କ ବିୟୋଗ

ସୁବର୍ଣ୍ଣପୁର(ଅମୃତ ମିଡିଆ): ଜିଲ୍ଲା ସଦର ମହକୁମା ସୋନପୁର ସହରର ବିଶିଷ୍ଟ କଳାକାର ବ୍ୟାସଦେବ ପାତ୍ରଙ୍କ ଦେହାନ୍ତ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ସହରରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଯୋଗ୍ୟ ଯେ, ଗତ ୫ ତାରିଖ ଶନିବାର ଦିନ ତାଙ୍କ ସ୍ଟୁଟୀରେ ଆସୁଥିବା ବେଳେ ବ୍ଲକ୍ ଛକ ନିକଟ ହମ୍ପସରେ ପଡ଼ିଯାଇଥିଲେ। ସେଠାରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାରେ ଆଇସିୟୁରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ସେ ୧୦ ତାରିଖ ରାତି ୨.୩୦

ବେଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଓ ଭାଇ କ୍ଷିରୋଦ ପାତ୍ର ଉପସ୍ଥିତ ଥିଲେ। ଶ୍ରୀ ପାତ୍ର ତାଙ୍କ ଛାତ୍ର ଜୀବନ ଘୋଡ଼ାଘାଟପଡା ସ୍ଥିତ ଆଦର୍ଶ ସ୍କୁଲ ସମୟରୁ ସଙ୍ଗୀତ, ନାଟ ଓ ନାଟକ ରେ ରୁଚି ରଖୁଥିବା ବେଳେ ନାଟକ ରେ ସୁନ୍ଦର ଅଭିନୟ କରୁଥିଲେ। ପୂର୍ବରୁ ମଞ୍ଚସ୍ଥ ନାଟକରେ ମହିଳା କଳାକାରଙ୍କ ଘୋର ଅଭାବ ଥିବା ବେଳେ ଶ୍ରୀ ପାତ୍ର ମହିଳା କଳାକାର ଭାବରେ ସୁନ୍ଦର ଅଭିନୟ କରି ବେଶ ପ୍ରଶଂସିତ ହେଉଥିଲେ। ତାଙ୍କ ସାହିରେ ପ୍ରଗତି କ୍ଲବରେ ଅନୁଷ୍ଠିତ ହେଉଥିବା ଥିବା ଅଭିମନ୍ୟୁ ବଦ୍ଧ ନାଟକରେ ମଧ୍ୟ ମହିଳା କଳାକାର ଭାବରେ ସୁନ୍ଦର ଅଭିନୟ କରୁଥିଲେ। ସେ ତାଙ୍କ ସାହିରେ ଥିବା ଭାଗବତ ଟୁଙ୍ଗାରେ କୃଷ୍ଣ ଗୁରୁ ଗୀତ ରଚନା ସହ ସଙ୍ଗୀତ ଗାନ କରି ବେଶ ପ୍ରଶଂସିତ ହେଉଥିଲେ । ଏପରିକି ସେ ଜିଲ୍ଲା ବାହାରକୁ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲା କୁ ମଧ୍ୟ ତାଙ୍କ କଳା ପ୍ରଦର୍ଶନ କରିବା ପାଇଁ ଯିବା ସହ ପୁରସ୍କୃତ ହେଉଥିଲେ। ତାଙ୍କ ଶେଷ କୃତ୍ୟ ସହରର ଗୋକନେଶ୍ୱର ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବଡ଼ ପୁଅ ଚନ୍ଦନ ପାତ୍ର ମୁଖାଗ୍ନି ଦେଇଥିଲେ।

ସ୍କୁଲ ବସ୍‌ଧକ୍କାରେ ଚାଲିଗଲା ଜୀବନ

ଜଣେ ମୃତ, ଜଣେ ଗୁରୁତର

ବଲାଙ୍ଗୀର(ଅମୃତ ମିଡିଆ):

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲୁଥିପାଲି ଗାଁ ନିକଟ ରାସ୍ତାରେ ସୋମବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ସ୍କୁଲ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବଲାଙ୍ଗୀର କୁଇନ୍ ଇଷ୍ଟରନ୍ୟାଶନାଲ ସ୍କୁଲର ଏକ ବସ୍ ଗଣେଶ ପୂଜା ପାଇଁ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଆଣିବାକୁ ଯାଉଥିଲା। ଏହି ସମୟରେ ବସ୍‌ଟି ଦ୍ରୁତ ଗତିରେ ଯାଉଥିବାବେଳେ ରାସ୍ତାରେ ଯାଉଥିବା ଏକ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଧକ୍କା ଯୋଗୁ ବାଇକ୍‌ରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଘନଶ୍ୟାମ ପ୍ରଧାନ (୫୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ରବି ଚନ୍ଦ୍ର ପ୍ରଧାନ (୫୦) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଉଭୟ ମୃତକ ଓ ଆହତ କୁଲୁଥିପାଲି ଗ୍ରାମର ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ, ଧକ୍କା ଦେବା ପରେ ବସ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାରେ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣା ସମୟରେ ବସ୍‌ରେ କୌଣସି ସ୍କୁଲ ଛାତ୍ରୀଛାତ୍ର ନ ଥିବାରୁ ଏକ ବଡ଼ ଅଘଟଣରୁ ସେମାନେ ବର୍ତ୍ତି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ଖବର ପାଇ ପୁଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଦୁର୍ଘଟଣା ଘଟାଇଥିବା ସ୍କୁଲ ବସ୍ ଡ୍ରାଇଭରଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିବା ସହ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡ଼ିଛି।

କୋମନା ଜମି ଜାଲିଆତି ମାମଲା

୩ ଜମିଦଲାଲ କୋର୍ଟ ଚାଲାଣ

କୋମନା(ଅମୃତ ମିଡିଆ): କୋମନା ତହସିଲରେ ହୋଇଥିବା ବହୁଚର୍ଚ୍ଚିତ ଜମି ଜାଲିଆତି ମାମଲାରେ କୋମନା ପୁଲିସ ଜମି ଦଲାଲକୁ ଗିରଫ କରିଛି । କୋମନା ତହସିଲ ଅଧୀନରେ ଥିବା ଜମି ମାଲିକ ସତ୍ୟନାରାୟଣ ପ୍ରଧାନୀ ଓ ଭଉଣୀ କୁମଦିନ ପ୍ରଧାନୀଙ୍କ ନାମରେ ଥିବା ୪ ଏକର ୪୦ ଡିସମିଲ୍ ଜମିକୁ କୋମନା ନକଲି ଜମି ମାଲିକ ସାଜି ସବ ରେଜିଷ୍ଟର ଅଫିସରେ ଜାଲିଆତି କରି ବିକ୍ରି କରିଥିଲେ । ଧାନ ବିକିବା ପାଇଁ ରେଜିଷ୍ଟ୍ରେସନ କରିବା ସମୟରେ ଅସଲି ଜମି ମାଲିକ ତାଙ୍କ ନାମରେ କୋଣସି ଜମି ନଥିବା ଜାଣି କୋମନା ତହସିଲ ଅଫିସ ସବ ରେଜିଷ୍ଟର ଅଫିସରେ ଜଣାଇବା ପରେ ଏହି ଘଟଣାକୁ ନେଇ ରାଜ୍ୟରେ ଚହଳ ପଡିଥିଲା। ଫଳରେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିଥିଲା ଓ ଏଥିରେ ସମ୍ପୃକ୍ତ ଥିବା ଜଣେ କର୍ମଚାରୀଙ୍କୁ ନିଲମ୍ବିତ କରି ଅନ୍ୟ ଜଣକୁ ଅନ୍ୟତ୍ର ବଦଳି କରିଥିଲେ। ଓ ରାଜ୍ୟ ସରକାରଙ୍କ ତରଫରୁ ତହସିଲଦାରଙ୍କୁ ନିଲମ୍ବିତ କରିଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଥମେ ନକଲି ସତ୍ୟ ନାରାୟଣ ପ୍ରଧାନୀ (ଡୁମାଲ ରଣା) ଙ୍କୁ ପାଡ଼ିତ ପରିବାର ତରଫରୁ ଛତିଶଗଡ ଅଂଚଳରୁ ଠାବ କରି ପୁଲିସକୁ ସୁଚନା ଦେଇଥିଲେ। ଏହାପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରି କିଛିଦିବ ପରେ ନକଲି କୁମଦିନ ପ୍ରଧାନୀ (ଦେଓମତି ମାଝୀ) ଅନ୍ୟ ଦୁଇ ଅଭିଯୁକ୍ତ ୨ ଦୁର୍ଲ୍ଲଭ ନିଆଲ, ଓ ତୁଳସୀ ରଣାକୁ ଗୁରଫ କରିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଅସଲି ଜମି ଦଲାଲ କୋମନା ଥାନା ପେଣ୍ଡରାବନ୍ଦ ସନ୍ତୋଷ ଦୁରିଆ, ବୋଡ଼େନ ଥାନା କରଙ୍ଗାମାଳର ରାମ ଲାଲ ପଣ୍ଡା ଓ ଠୋଙ୍ଗ ଗାଁର ଯାଦ୍ଦନ ବାଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା କୋମନା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୁଚନା ଦେଇଛନ୍ତି ।

ଏସ୍‌ପିଙ୍କ ବାସଭବନ ନିକଟରେ ଘରୁ ଚୋରି

୨୫ ଲକ୍ଷ ଟଙ୍କାର ପାଟଶାଢ଼ି ସହ ନଗଦ ଓ ରୁପା ସାମଗ୍ରୀ ଚୋରି

ନୂଆପଡ଼ା(ଅମୃତ ମିଡିଆ): ନୂଆପଡ଼ା ସହରରେ ଗତକାଲି ରାତିରେ ଚୋରି ଘଟଣା ଘଟିଛି। ଜାତୀୟ ରାଜପଥ ୩୫୩ କଡ଼ରେ ଥିବା ଏସ୍‌ପି ଅମ୍ରିତପାଲ ସିଂହଙ୍କ ବାସଭବନ ନିକଟରେ ଘରକୁ ଚୋରମାନେ ଟାର୍ଗେଟ କରିଛନ୍ତି। ଅବସରପ୍ରାପ୍ତ ପ୍ରଫେସର କିଶୋର କୁମାର ବାରିକ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଝାଙ୍କରଙ୍କ ଘରେ ଚୋରି ହୋଇଥିବା ଜଣାପଡ଼ିଛି। ଚୋରମାନେ ଘରେ ପଶି ୨୫ ଲକ୍ଷ ଟଙ୍କା ମୂଲ୍ୟର ପାଟ ଶାଢ଼ୀ, ନଗଦ ଟଙ୍କା, ରୂପା ସାମଗ୍ରୀ ଓ ରୂପା କଏନ୍ ଚୋରି କରି ନେଇଥିବା ସୂଚନା ମିଳିଛି। ଆଜି ସକାଳୁ ଘଟଣା ଜଣାପଡ଼ିବା ପରେ ନୂଆପଡ଼ା ପୁଲିସକୁ ସୂଚନା ଦିଆଯାଇଥିଲା। ଖବର ପାଇ ନୂଆପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଚୋରି ଘଟଣାର ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ୍ କରୁଥିବା ବେଳେ ଚୋରଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି। ଏସ୍‌ପିଙ୍କ ବାସଭବନ ନିକଟରେ ଓ ଜାତୀୟ ରାଜପଥ କଡ଼ରୁ ଘରେ ଚୋରି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି। ପୁଲିସ ତଦନ୍ତ ପରେ ଚୋରି ଘଟଣାର ଅଧିକ ତଥ୍ୟ ସ୍ପଷ୍ଟ ହେବ।

ଶ୍ରୀରାମ ସିକ୍ୟୁରିଟି ଏଜେନ୍ସୀକୁ କାହାର ଅନୁକମ୍ପା ?

ନିରବ ଦେବୋଉର ବିଭାଗକୁ ନେଇ ଉଠିଲା ପ୍ରଶ୍ନ

ଖପ୍ରାଖୋଲ(ଅମୃତ ମିଡିଆ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ହରିଶଙ୍କରଠାରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀଙ୍କ ଦରମାକୁ ନେଇ ଏବେ ଅସନ୍ତୋଷ ତୀବ୍ର ହୋଇଛି । ଶ୍ରୀରାମ ସିକ୍ୟୁରିଟି ଏଜେନ୍ସି ଦରମା ଟଙ୍କାରେ ହେରଫେର କରୁଥିବା ଅଭିଯୋଗ ଆଣି ସୁରକ୍ଷା କର୍ମଚାରୀମାନେ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଚାକିରି ପାଇଁ ସେମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା କହୁଛନ୍ତି । ମାସର ପ୍ରାୟ ସମସ୍ତ ଦିନ ନିୟମିତ ଡ୍ୟୁଟି କରିବା ସତ୍ତ୍ୱେ ପ୍ରତିମାସ ଦରମାରୁ ପ୍ରାୟ ୨ରୁ ୩ ହଜାର ଟଙ୍କା କଟୁଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ କେଉଁ ନିୟମ



ଆଧାରରେ ଏହି ଟଙ୍କା କଟାଯାଉଛି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଅଭିଯୋଗ ନେଇ କର୍ମଚାରୀମାନେ ଥାନାରେ ପହଞ୍ଚିବା ପରେ ଏଜେନ୍ସିର କର୍ମଚାରୀମାନେ ସେମାନଙ୍କୁ ବୁଝାସୁଝା କରି ଫେରାଇ ନେଇଥିବା ଜଣାପଡ଼ିଛି । ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି—ଶ୍ରୀରାମ ସିକ୍ୟୁରିଟି ଏଜେନ୍ସିକୁ ନେଇ ବାରମ୍ବାର ଅଭିଯୋଗ ଉଠୁଥିବା ଦାବି ହେଉଥିଲେ ମଧ୍ୟ ସମ୍ପୃକ୍ତ ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ପକ୍ଷରୁ କାହିଁକି ଦୃଶ୍ୟମାନ ଭାବେ କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ ? ଅଭିଯୋଗ ପରେ ତଦନ୍ତ ହେବା ପରିବର୍ତ୍ତେ ଯଦି କର୍ମଚାରୀମାନଙ୍କୁ ବୁଝାସୁଝା କରି ଘଟଣାକୁ ଚାପି ଦିଆଯାଉଛି, ତେବେ ଏହା ପ୍ରଶାସନର ନିରବ ସମର୍ଥନ ନା କେବଳ ନିଷ୍କ୍ରିୟତା—ତାହା ଏବେ ଲୋକଙ୍କ ମନରେ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ଶେଷରେ ପ୍ରଶ୍ନ ହେଉଛି—ସାଧାରଣ ସୁରକ୍ଷା କର୍ମଚାରୀଙ୍କ ଦରମା ଟଙ୍କା ଯଦି କଟୁଛି ବୋଲି ଅଭିଯୋଗ ଆସୁଛି, ତେବେ ତାହାର ନିରପେକ୍ଷ ତଦନ୍ତ କାହିଁକି ହେଉ ନାହିଁ ? ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଜେନ୍ସି ପ୍ରତି ଏତେ ନରମ ଆଭିମୁଖ୍ୟ କାହିଁକି ? କେଉଁ ସ୍ୱାର୍ଥରେ ଏହି ଅନୁକମ୍ପା ?

ନୂଆଁଖାଇରେ ମାଟିପାତ୍ରର ମହକ

ହାଟରେ ବିକ୍ରି ହେଲାଣି କୁରେପତ୍ର ସାଙ୍ଗକୁ ଖଲିଦନା

ବଲାଙ୍ଗୀର(ଅମୃତ ମିଡିଆ): ରାତି ପାହିଲେ ନୂଆଁଖାଇ । ପ୍ରକୃତି ସହ ଓତପ୍ରୋତ ଭାବେ ଜଡ଼ିତ ନୂଆଁଖାଇ । ଏହି ଦିନ ପ୍ରଥମ ଅନ୍ନ ପ୍ରସ୍ତୁତିରେ ମାଟିପାତ୍ରର ଭୂମିକା ସବୁଠୁ ମହତ୍ତ୍ୱପୂର୍ଣ୍ଣ । ମାଟିପାତ୍ରର ମହକରେ ମହକୁଥାଏ ନୂଆଁଖାଇ। ନୂଆଁଖାଇ ତିହାରରେ କୁମ୍ଭାର ସମ୍ପ୍ରଦାୟର ଏକ ବଡ଼ ଭୂମିକା ରହିଥାଏ । ଏହି ତିହାରର ପ୍ରାୟ ୩ ମାସ ପୂର୍ବରୁ କୁମ୍ଭାର ସମ୍ପ୍ରଦାୟର ମାଟି କାରିଗରମାନେ ନୂଆ ହାଣ୍ଡି, ସରେଇ, ପାତଲି, ଦୀପ, ଧୂପଦାନୀ ଓ ଅନ୍ୟ ମାଟି ସାମଗ୍ରୀ ତିଆରିରେ ଲାଗିପଡ଼ନ୍ତି । ୩ ମାସ ପୂର୍ବରୁ କୁମ୍ଭାରମାନଙ୍କ ପାଇଁ ମାଟି ସଂଗ୍ରହ ଏକ ବଡ଼ କାମ । ସମ୍ପ୍ରତି ଭଲ ମାଟି ସଂଗ୍ରହ କରିବା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡ଼ିଥାଏ। ନଦୀକୂଳିଆ ମାଟି ସବୁଠୁ ଭଲ ରହିଥାଏ । କୁମ୍ଭାରମାନେ ଶ୍ରମିକଙ୍କୁ ନେଇ ମାଟି ଖୋଳିବା ପାଇଁ ଦୀର୍ଘ ଦିନ ପୂର୍ବରୁ ଆରମ୍ଭ କରିଦେଇଥାନ୍ତି । ବର୍ଷା ଦିନରେ ମାଟି ମିଳିବା ଅନ

ସମ୍ପାଦକୀୟ...

ବିବାହପର ସ୍ୱାଧୀନତା

ବିବାହ ପୂର୍ବରୁ ତ ସ୍ୱାଧୀନତା ରହିଛି । ହେଲେ ବିବାହ ପରର ସ୍ୱାଧୀନତା ବିଷୟରେ ବି ଆଲୋଚନା କରାଯାଇପାରେ। ବିବାହ ପରର ସ୍ୱାଧୀନତା ଅବା ବିବାହ ପୂର୍ବର ସ୍ୱାଧୀନତା ବିଷୟରେ ସମସ୍ତେ ଅନ୍ତତଃ ଜାଣନ୍ତି। ସେ ପୁରୁଷ ହେଉ ଅବା ନାରୀ ...କାହା କ୍ଷେତ୍ରରେ କି ପ୍ରକାର ନିୟମ ଅବା ଆଇନ୍ ପ୍ରଣୟନ କରାଯାଇପାରେ ତାହା ବି ସାଧାରଣ ଜନତା କିଛିକାଂଶରେ କହିପାରିବେ ତେବେ ଆଇନର ଅନ୍ଦରୁଣୀ କଥା ଅବା କିଛି ଭିତିରୀ କଥାର ରହସ୍ୟ ଭେଦ କରିବାକୁ ହେଲେ କାହାକୁ ବି ଆଇନ୍ ର ସେ ଭିତିରୀ କଥାର ଭିତିରୀ ରହସ୍ୟ ବିଷୟରେ କିଛିଟା ଜାଣିବାକୁ ପଡ଼ିବ । ଯାହା ଏବେ କିଛିଟା ଉନ୍ମୋଚନ କରିଛନ୍ତି ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଯାହାକୁ ନେଇ ଭାରତବର୍ଷର ଆଇନ ବ୍ୟବସ୍ଥାରେ ଏକପ୍ରକାର ହଇଚଇ ସୃଷ୍ଟି ହୋଇଛି ଯାହାକୁ ନେଇ ଜୋର୍ ଧରିଛି ଚର୍ଚ୍ଚା। ଚର୍ଚ୍ଚା ତ ଏମିତି ଚାଲିଥିଲା ଆଗରୁ ଏବଂ ଆଗକୁ ବି ଆହୁରି ଚର୍ଚ୍ଚା ଜୋର୍ ଧରିପାରେ । ତେବେ ଘଟଣାକୁ ଆମୂଳଚୂଳ ଅନୁଧ୍ୟାନ କରି ତା'ର କିଛି ନିଷ୍କର୍ଷ ବାହାରକରିବା ସମସ୍ତଙ୍କ ପକ୍ଷେ ହୁଏତ ସମ୍ଭବ ହୋଇନପାରେ । ତାହା ହିଁ କିଛି ଭିତିରୀ କଥା ଯାହାକୁ ଏବେ ଉନ୍ମୋଚନ କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ସମେତ ଆଉ ଦୁଇ ବିଚାରପତି। ଏବେ ସୁପ୍ରିମ କୋର୍ଟଙ୍କ ସେହି ତିନିଜଣିଆ ଖଣ୍ଡପୀଠ ଧୀରେ ଧୀରେ ତା'ରି ଉପରେ କିଛି ସ୍ୱତନ୍ତ୍ର ଭାବେ କରୁଛନ୍ତି ବିଚାରବିମର୍ଷ ଯାହାପରେ ସ୍ୱତନ୍ତ୍ର ଖଣ୍ଡପୀଠଙ୍କ ସ୍ୱତନ୍ତ୍ର ଅନୁଧ୍ୟାନ କମିଟିର ସେହି ସ୍ୱତନ୍ତ୍ର କମିଟିର କଥା ଉପରେ .. ସେହି ବାର୍ତ୍ତା ଉପରେ ଆରମ୍ଭ ହୋଇଯିବ କିଛି ବିଚାରବିମର୍ଷ। ଯାହା ବାହାରିବ ନିଷ୍କର୍ଷ.. ସେହି ନିଷ୍କର୍ଷ ହିଁ ହେବ ଶେଷ ନିଷ୍କର୍ଷ., ଶେଷ ନିଷ୍ପତ୍ତି। ହୁଏତ ତାହାକୁ ଗ୍ରହଣଯୋଗ୍ୟ ଭାବେ ଗ୍ରହଣ କରାଯାଇପାରେ ଏବଂ ଆଇନ୍ ଆଖିରେ ଥରେ ଗ୍ରହଣୀୟ ହୋଇଗଲେ .. ପରବର୍ତ୍ତୀ ସମୟରେ ତାହାଭାରତ ବର୍ଷରେ ବି ହୋଇଯିବ ଗ୍ରହଣୀୟ ।କଥାଟା ହେଉଛି ଯେ ବିବାହ ପରେ ପତି-ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ କିଛି ନା କିଛି ନା କାରଣରୁ ସୃଷ୍ଟିହୁଏ ମନୋମାଳିନ୍ୟ.. ମତପାର୍ଥକ୍ୟ ଯାହାର ପରିଣାମ ଉଭୟଙ୍କ ମଧ୍ୟରେ କଳହ ଯାହା ପରେ ପରେ ଧୀରେ ଧୀରେ ବଦଳିଯାଏ ବଡ଼ ଧରଣର କଳହ ଏବଂ ପରେ ହତ୍ୟା . ଆତ୍ମହତ୍ୟା.. ଏବଂ ପରେ ଅବା ଛାଡ଼ପତ୍ତରେ ପରିଣତ ହୋଇଯାଏ। ଏଠାରେ କହିବାର କଥା ହେଲା ବିବାହ ପରେ ଉଭୟ ନାରୀ ଏବଂ ପୁରୁଷ ପରସ୍ପର ଠାରୁ ଅଲଗା ହୋଇଯିବାର ଯଦିଓ ଆଇନଗତ ପ୍ରାବଧାନ ରହିଛି କିନ୍ତୁ ତାହା କେବଳ ପୁରୁଷ କିମ୍ବା ନାରୀ ଇଚ୍ଛାରେ ପରିଚାଳିତ ହେବା ଅନୁଚିତ। ପ୍ରଥମତଃ ସେଥିପାଇଁ ଆଇନ୍ର ବ୍ୟବସ୍ଥା ତ ରହିଛି ନିଶ୍ଚୟ...ଦ୍ୱିତୀୟରେ ନାରୀର ବି କିଛି ସ୍ୱାଧୀନତା ରହିଛି ..ଯେମିତି କି ପୁରୁଷର ବି କିଛି ସ୍ୱାଧୀନତା ରହିଛି। ଏ ତ ବିବାହ ପରବର୍ତ୍ତୀ କଥା ତେବେ ବିବାହ ପୂର୍ବବର୍ତ୍ତୀ ସ୍ତରକୁ ଯଦି ଫେରିବା ତେବେ ବିବାହ ପରେ ପତି ଏବଂ ପତ୍ନୀ ଉଭୟଙ୍କ ମଧ୍ୟରେ ସାରା ଜୀବନ ଏକ ସନ୍ତୁଳିତ ସମ୍ପର୍କ ଜାରି ରହିବା ଉଚିତ। କେବେ ବି କୌଣସି କାରଣରୁ ସେମିତି କିଛି ପରସ୍ପର ମଧ୍ୟରେ ବ୍ୟତିକ୍ରମ ସୃଷ୍ଟି ହୁଏ, ତେବେ ଉଭୟଙ୍କୁ ରହିଛି ସମାନ ଅଧିକାର ନିଜର ମତ ସାବ୍ୟସ୍ତ କରିବା ପାଇଁ, ଉଭୟଙ୍କୁ ରହିଛି ସମାନ ଅଧିକାର ନିଜର ପକ୍ଷ ରଖିବା ପାଇଁ । କେବଳ ପୁରୁଷ ଯେ ସର୍ବେସର୍ବା, ସେମିତି ବି ଚଳିବ ନାହିଁ । ଦିନତର୍ଯ୍ୟା କ୍ଷେତ୍ରରେ ହେଉ , ରୋଜଗାର କ୍ଷେତ୍ରରେ ହେଉ ଅବା ସହବାସ କ୍ଷେତ୍ରରେ ହେଉ . ପ୍ରତି କ୍ଷେତ୍ରରେ ଜଣେ ନାରୀର ବି ରହିଛି ବ୍ୟକ୍ତିଗତ ସ୍ୱାଧୀନତା ଯାହା ନାରୀଟିଏ ସବୁ କ୍ଷେତ୍ରରେ ଅନ୍ତତଃ ପାଇବା ଉଚିତ। ନଚେତ୍ ସୁପ୍ରିମ୍କୋର୍ଟ ମୁଖ୍ୟଙ୍କ ମତରେ ଉଭୟଙ୍କ ବିପକ୍ଷରେ ଆଇତଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇପାରିବ ଯିଏ ବି ଦୋଷୀ ସାବ୍ୟସ୍ତ ହେବ। ବିଶେଷକରି ପୁରୁଷଙ୍କ ବିପକ୍ଷରେ ଯେହେତୁ ଅଧିକାଂଶ ସମୟରେ ସେମାନଙ୍କ ବିପକ୍ଷରେ ସର୍ବାଧିକ ଅଭିଯୋଗ ଆସିବାର ଆଶଙ୍କା ରହିଥାଏ। ସେଣୁ ସାମ୍ପ୍ରତିକ ପରିସ୍ଥିତିରେ ସୁପ୍ରିମ୍ କୋର୍ଟ ମୁଖ୍ୟ ବିଚାରପତି ବିବାହ ପରର ସ୍ୱାଧୀନତା ବିଶେଷକରି ନାରୀ ସ୍ୱାଧୀନତା ଯେଭଳି ଭାବେ ଅକ୍ଷୁର୍ଣ୍ଣ ରହେ., ତା'ରି ଉପରେ ବିଶେଷକରି ଜୋର୍ ଦେଇଛନ୍ତି ଏବଂ ସେ ସମ୍ବନ୍ଧିତ ଆଇନ୍ ପ୍ରଣୟନ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଛନ୍ତି।

ଅକ୍ଷୟ କୁମାର ରାଉତ

ନୂଆଁଖାଇ ଜୁହାର

ସଂସ୍କୃତି ଭାରତୀୟ ଜନଜୀବନ କୁ ଶୃଙ୍ଖଳିତ କରିଥାଏ । ପ୍ରେମ , କରୁଣା ,ସ୍ନେହ , ବାତ୍ସଲ୍ୟ ,ଦୟା , ତ୍ୟାଗ , ଶ୍ରଦ୍ଧା , ଇର୍ଷା ,ଦ୍ୱେଷ ,ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୂହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ , ବିଚାର ,ଭାବ ,ଭକ୍ତି ଓ ବିଶ୍ୱାସର ସଂସାର ମଚଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୌଶିଷ୍ଟ ରହିଛି । ବହୁ ଧର୍ମ , ବହୁଜାତି କୁ ନେଇ ସାମାଜିକ ଓ ସାଂସାରିକ କ୍ଷେତ୍ରରେ ପର୍ବ ପର୍ବାଣି ର ସ୍ୱତନ୍ତତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସଂହିମାସ ଭାଦ୍ରବ ଶୁକ୍ଳପକ୍ଷ , ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍ଘାଟ୍ ଉତ୍ସବ ପାଳିତ ହେଉଛି ।

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନ କୁ ବଳିଷ୍ଠ , ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରମ୍ପାରିକ ମନୋମାଳିନ୍ୟ ,ଇର୍ଷା, ହିଂସା ,ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା ,ବନ୍ଧୁ , ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନାମୟ ପ୍ରଭୃତି ଗୁଣ କୁ ଏହି ପର୍ବ ପ୍ରେରଣା ଦିଏ ।

ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର, ସୋନପୁର , ସୁନ୍ଦରଗଡ଼ , ବଲାଙ୍ଗିରୀ , ନୂଆପଡ଼ା , କଲାହାଣ୍ଡି , ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ , ଛତିଶଗଡ଼ ରେ ବାସ କରୁଥିବା ଓଡ଼ିଆ ମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। କନ୍ଧ , କୋହ୍ନ, ଓରାମ୍ କିଶାନ , ଭୂୟା ,ବିଜ ପ୍ରଭୃତି ଆଦାବାସି ମାନେ ସେମାନଙ୍କର ଇଷ୍ଟଦେବୀ ଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀ ମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।

ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଇଛି କୁହାଯାଇଛି , କର୍ମ ରୁ ଯଜ୍ଞ , ଯଜ୍ଞ ରୁ ବୃଷ୍ଟି , ବୃଷ୍ଟି ରୁ ଶସ୍ୟ ବା ଧାନ , ଧାନ ରୁ ଅନ୍ନର ସୃଷ୍ଟି ଓ ଅନ୍ନ ରୁ ଜୀବ ସୃଷ୍ଟି । ତେଣୁ କୁହା ଯାଇଛି ' ଅନ୍ନ ବିହୁନେ ହଂସହାନି , ଯୋଗ ସାଧିବୁ କାହା ଘେନି'' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ। ଗୃହକର୍ତା ଅନ୍ନ ଖିରୀ , ଖେଚୁଡ଼ି ଆରଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି। ଯେଉଁମାନଙ୍କର ଚାଷ ଜମି ନାହିଁ , ସେମାନଙ୍କ ଘରେ ଗ୍ରାମରକ୍ଷା ବା ଢ଼ାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ବିଲକୁ ଯାଇ ଚିହ୍ନା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀ କୁ ଦର୍ଶନ କରି ଥାଆନ୍ତି। ଭଦଭଦଳିଆ ପକ୍ଷୀ କୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି। ଉପକୂଜ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା , ସଙ୍ଗିତ , ନୃତ୍ୟ ,ଭଜନ ସଂକୀର୍ତନଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆ ଖାଇ କୃଷିଭିତିକ ପର୍ବ , ପଶ୍ଚିମ ଓଡ଼ିଶା ର ଜନଜୀବନ, ସାମାଜିକ ପରମ୍ପରା , ସଂସ୍କୃତି ର ବାର୍ତା ଓ ଧାର୍ମିକ ବିଶ୍ୱାସ ର ପ୍ରତିକ ନୂଆଖାଇ ହର୍ଷ , ଉଲ୍ଲାସ ,ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାର ଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍
ଖିରି ପିଠା ମଡ଼ା ଲଖିମି ଠାନେ ଲାଗ୍ବା ପୂଜା
ପିଟ୍ମା ତିନେ ଢ଼ଁଡ଼ା
ଗାଁ ମୁଡ଼ସା ସମଲେଇ ନ
ସଁହରା ପିଲା ଗୁମ୍ଲେଇ ନ ଲଗାଲାନ ନୂଆଁ
ଫୁଲ୍ ଚଂଦନ ଦିଅବୋ ପିଲେ ନଁଗଲ୍ ପଟା ଦୁଆଁ
ଆସବୋ ପିଲେ ଖାଏମା ଆଜି ନୂଆଁ
ବଛରକେ ଥରେ ଆଏସି ପରେ ଯିଏ ଯେନ ଥଅ
ଘରେ ପରେ ଆସ ଆସ ଭାଇ ଆଜିର ନୂଆଖାଇ ।

ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

ପୁରୀ ଝିଅର ନଜରରୁ ନୂଆଁଖାଇ

ଜୟଶ୍ରୀ ମୁଦ୍ରା

ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀରେ ପଶ୍ଚିମ ଓଡ଼ିଶାର ଆକାଶରେ ନୂଆ ଆଶା ଖେଳିଯାଏ। ଏ ଦିନଟି କେବଳ ଗୋଟେ ଗଣପର୍ବ ନୁହେଁ, ଏହା କୃଷକର ସ୍ୱାଭିମାନ। ମୁଁ ପୁରୀର ଝିଅ। ଆମ ପାଇଁ ଭାଦ୍ରବ ମାସ ମାନେ ଜନ୍ମାଷ୍ଟମୀ, ଗଣେଶ ପୂଜା। କିନ୍ତୁ ଯେବେ ଆକାଶବାଣୀ ବା ଟିଭିରେ ସମ୍ବଲପୁରର ଭାଇ ଭଉଣୀମାନଙ୍କ ମୁହଁରୁ 'ନୂଆଁଖାଇ ଜୁହାର' ଶୁଣେ, ବହୁତ ମଧୁର ଲାଗେ। ଲାଗେ ଯେମିତି ଏ ଡାକ ଭିତରେ ମାଟିର ଗନ୍ଧ ଭରି ରହିଛି ।ନୂଆଁଖାଇ ମାନେ ନୂଆ ଅନ୍ନ ଖାଇବା। ବର୍ଷା ପରେ ପ୍ରଥମ ଧାନ କଟା ହୁଏ, କିନ୍ତୁ ଚାଷୀ ତାକୁ ପ୍ରଥମେ ନିଜେ ଖାଏ ନାହିଁ। କୁହାଯାଏ, ଚତୁର୍ଦ୍ଦଶ ଶତାବ୍ଦୀରେ ଚୌହାନ ରାଜା ରାମାଇ ଦେବ ଏହି ନିୟମ କରିଥିଲେ - ପ୍ରଥମ ଅମଳ ରାଜାଙ୍କ ସାମ୍ନାରେ ପୂଜା ହେବ, ତା'ପରେ ସମସ୍ତେ ଖାଇବେ। ଆଜି ବି ବଲାଙ୍ଗିରର ପାଟଣେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, କଳାହାଣ୍ଡିର ମାଣିକେଶ୍ୱରୀଙ୍କ ମନ୍ଦିରରେ ପ୍ରଥମେ ନବାନ୍ନ ଲାଗି ହୁଏ।ଏହା କେବଳ ପୂଜା ନୁହେଁ, ବିଜ୍ଞାନ ବି। ପୁରୁଣା ଚାଷୀ ଜାଣିଥିଲେ ନୂଆ ଚାଉଳ ସିଝା ଖାଇଲେ ପେଟ ଖରାପ ହୁଏ, ତେଣୁ ତାକୁ ଖରାରେ ଶୁଖାଇ ପ୍ରସାଦ ରୂପେ ଗ୍ରହଣ କରାଯାଏ।ଜୁହାର ଭେଟ୍ ହେଉଛି ପଶ୍ଚିମ ଓଡ଼ିଶାର ସବୁଠୁ ବଡ଼ ସଂସ୍କାର। ସମସ୍ତେ ନୂଆ ବସ୍ତ୍ର ପିନ୍ଧନ୍ତି ।ସାନ ଭାଇ ବଡ଼ ଭାଇର ପାଦ ଛୁଏଁ, ବୋହୂ ଶାଶୁଙ୍କୁ ଜୁହାର କରେ। ବର୍ଷ ଯାକ କଥା ବନ୍ଦ ଥିଲେ ବି ଏହି ଦିନ ସମସ୍ତେ ଏକାଠି ହୁଅନ୍ତି। ଏ ଜୁହାର ଭିତରେ ଅହଙ୍କାର ତରଳିଯାଏ।ତା'ପରେ ଭୋଜି - ନୂଆ ଚାଉଳର ଭାତ, ଶାଗ, ବାଦି, ଆରିସା, ଖିରୀ। ଘରେ ଘରେ ଢୋଲ, ନିଶାନ, ରସରକେଲି ।ଆମ ପୁରୀରେ ନୂଆ ଚାଉଳ ଆସିଲେ ମହାଲକ୍ଷ୍ମୀଙ୍କୁ ଦେଉ, ସେଠି ସମଲେଶ୍ୱରୀଙ୍କୁ ଦିଅନ୍ତି। ନାମ ଅଲଗା, ମା' ଅଲଗା, ହେଲେ ଭାବ ଗୋଟିଏ - ଯିଏ ଦେଲା ତାକୁ ପ୍ରଥମେ ଦେବା।ଆଜି ଯେତେବେଳେ ଆମେ ଅନେକ ସମୟରେ ଅନ୍ନର ମୂଲ୍ୟ ଭୁଲିଯାଉଛୁ, ନୂଆଁଖାଇ ଆମକୁ ମନେ ପକାଏ - ଅନ୍ନ ହେଉଛି ପରିଶ୍ରମର ଫଳ, ଅନ୍ନ ହେଉଛି ମା' ଲକ୍ଷ୍ମୀ।ତେଣୁ ଏ ବର୍ଷ ଆସନ୍ତୁ, ପୁରୀରୁ ମଧ୍ୟ ଗୋଟେ ଜୁହାର କରିବା ଆମ ଚାଷୀ ଭାଇ ଭଉଣୀଙ୍କୁ।

ସମସ୍ତଙ୍କୁ ନୂଆଁଖାଇ ଜୁହାର !

ଉପସ୍ଥାପିକା,
ଆକାଶବାଣୀ, ପୁରୀ
୯୮୬୧୦୧୭୦୬୮

ଜ୍ଞାନାମୃତ

ମନକଥା

ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ ଗୁରୁଙ୍କ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାଠୁଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାଠୁଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାଠୁଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ କିନ୍ତୁ ପାଠୁଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କୁ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ। ଯାହାକି ମଣିଷ ସହଜରେ ବୁଝିପାରେନା। ହେଲେ ପରିସ୍ଥିତି କିନ୍ତୁ ସମୟକ୍ରମେ ବୁଝାଇଦେଇଥାଏ ସେହି ମଣିଷକୁ ଯାହା ସେ ଆଗରୁ ବୁଝିନଥାଏ କିମ୍ବା ବୁଝିବାକୁ ଚେଷ୍ଟା କରିନଥାଏ।

— ନୂଆଁଖାଇ ଓ ମା'ସମଲେଇ ଐତିହାସିକ ପରମ୍ପରା —
ସଂସ୍କୃତି ଓ ମହାନ ଗଣପର୍ବର ଏକ ଅନନ୍ୟ ଆଲେଖ୍ୟ

ତନୁଜ କୁମାର ମଲଣା

ଓଡ଼ିଶାର ସାଂସ୍କୃତିକ ଗଗନରେ ଯେତେଗୁଡ଼ିଏ ଗଣପର୍ବ ରହିଛି, ସେଥିମଧ୍ୟରୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହୋତ୍ସବ 'ନୂଆଖାଇ' ଅନ୍ୟତମ। ଏହା କେବଳ ଏକ ଆଞ୍ଚଳିକ ପର୍ବ ନୁହେଁ, ବରଂ ଏହା ମାଟି ପ୍ରତି କୃତଜ୍ଞତା, ଶ୍ରମର ସମ୍ମାନ ଏବଂ ଭାତୃଭାବର ଏକ ମହାନ ପ୍ରତୀକ। ଏହି ପବିତ୍ର ଉତ୍ସବର ମେରୁଦଣ୍ଡ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇ।

ଶୁଭ ଲଗନେ ମାଆ ସମଲେଇ ଗୋ,
ତୁମ ଚରଣେ ଲାଗିଲା ନୂଆ,
ଧାନର ସୁବାସେ ମହକେ ମାଟି, ଆଣିଦିଏ ଖୁସି ନୂଆ ନୂଆ।

ଜୁହାର ସମଲେଇ ଜୁହାର ଗୋ, ତୁମେ ସାରା ଜଗତର ମାଆ,
କୃପା ତୁମ ଥାଉ ଏହି ମାଟିରେ, ପୁରିଉଠୁ ସବୁରି ଗାଁଆ।

ନୂଆଖାଇର ଐତିହାସିକ ପୃଷ୍ଠଭୂମି ଓ ବିବର୍ତ୍ତନ

ନୂଆଖାଇର ଇତିହାସ ଅତି ପ୍ରାଚୀନ। ଏହାର ଚେର ବୈଦିକ ଯୁଗର 'ପ୍ରଲମ୍ବନ ଯଜ୍ଞ' ସହ ଜଡ଼ିତ, ଯେଉଁଠାରେ ନୂତନ ଶସ୍ୟକୁ ଦେବାଦେବୀଙ୍କୁ ଅର୍ପଣ କରାଯାଉଥିଲା। ତେବେ ଏହାକୁ ଏକ ବ୍ୟାପକ ସାମାଜିକ ଉତ୍ସବର ରୂପ ଦେବାର ଶ୍ରେୟ ଚୌହାନ ବଂଶର ପ୍ରତିଷ୍ଠାତା ରାଜା ରାମାଇ ଦେଓଙ୍କୁ ଯାଏ। ଦ୍ୱାଦଶ ଶତାବ୍ଦୀରେ ପାଟଣାଗଡ଼ ଶାସନ ସମୟରେ ସେ କୃଷିର ବିକାଶ ଓ ପ୍ରଜାମାନଙ୍କୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ଏହି ପର୍ବକୁ ସାମ୍ରାଜ୍ୟର ମୁଖ୍ୟ ଉତ୍ସବ

ଚଣ୍ଡିଖୋଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ (ଅମୃତ ମିଡ଼ିଆ) : ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦଯାପନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ନବମାଳତୀ ପ୍ରେକ୍ଷାଳୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରିୟବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଚଣା ବିଧାୟକ ଅମର କୁମାର ନାୟକ,ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଗଣେଶ୍ୱର ବରାଳ,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଯତୀନ୍ଦ୍ର ପ୍ରସାଦ ନାୟକ,ପରିଚାଳନା ସମିତି ପ୍ରାକ୍ତନ ସଭାପତି ବିନାୟକ ପଣ୍ଡା,ପ୍ରାକ୍ତନ ସଭ୍ୟ ପ୍ରିୟନାଥ ମହାପାତ୍ର ଓ ନିରଞ୍ଜନ ସେନାପତି,ପୁରାତନ ଛାତ୍ର ସଂଘ ସଭାପତି ପ୍ରାଧାପିକ ପବିତ୍ର ମୋହନ ମାହାଲା, ସାଧାରଣ ସଂପାଦକ ଆଇନଜୀବୀ ଦେବରାଜ ବେହେରା,ସମ୍ପାଦକ ବିନୟ କେତନ ସାମଲ, ସାଙ୍ଗଠନିକ ସମ୍ପାଦକ ପ୍ରମୋଦ କୁମାର ଜେନା,ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ଶୈଳେନ୍ଦ୍ର ନାୟକ,,ଟ୍ରକ ମାଲିକ ସଂଘ ସଭାପତି ଚନ୍ଦନ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କେଦାରନାଥ ଦାଶ, ଡ.ବିରେନ୍ଦ୍ର କୁମାର ମିଶ୍ର, , ଡ.ପ୍ରିୟନାଥ ମହାପାତ୍ର,ଡ.ଅଜୟ କୁମାର

ଲେଙ୍କା,ପ୍ରାଧାପକ ବସନ୍ତ କୁମାର ନାୟକ,ଡ.ବିଶ୍ୱଜିତ୍ ମହାପାତ୍ର, କାମିନି ନାୟକ, ସୁରେନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ନାୟକ, ମେଜର ଦିଲ୍ଲିପ କୁମାର ନାୟକ, ଡ.ଦିଲ୍ଲିପ କୁମାର ନାୟକ, ଅଧ୍ୟାପକ ନିଶିକାନ୍ତ ଦାସ, ସୁକେଶାନି ସାମଲ, ସୁଜାତା ସେନାପତି, ତପନ ଜେନା, ସ୍ୱର୍ଣ୍ଣ ଲତା ରାଉତରାୟ, ନିହାର ରଞ୍ଜନ ଦାସ ପଟ୍ଟନାୟକ,କୈଳାଶ ଚନ୍ଦ୍ର ରାଉତ, ଡ.ଦୈତାରୀ ସାହୁ, କାହ୍ନୁ ଚରଣ ଦାସ,ମନ୍ମଥ ରାୟ, ରମାକାନ୍ତ ରାଉତ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ଅକ୍ଷୟ କୁମାର ମିଶ୍ର,ଉତ୍ତମ କୁମାର କାର୍ଯ୍ୟକର୍ତ୍ତା, ପୁରାତନ ଛାତ୍ର ସଂଘର କାର୍ଯ୍ୟକର୍ତ୍ତା ସମେତ ସଭ୍ୟ, କଲେଜ ଜେନା,ମନୋରଞ୍ଜନ ସାହୁ, ନବଜ୍ୟୋତି ଜେନା,ରଞ୍ଜନ ରାଉତ,ଶ୍ରୀତମ ପୃଷ୍ଟି,ସରିତା ସ୍ୱାଇଁ, ମଳୟ କର,ଦେବେନ୍ଦ୍ର ନାୟକ,ପ୍ରତାପ ଗୋଚ୍ଛାୟତ, ମୃତ୍ୟୁଞ୍ଜୟ ଜେନା,ମାନସ ରଞ୍ଜନ ବିଶ୍ୱାଳ,ସୁରେଶ ବରାଳ, ପବିତ୍ର ରାଉତ, ଆଇନଜୀବୀ ତରୁଣ ବିଶ୍ୱାଳ, ଅଶୋକ ଜେନା. ରଞ୍ଜନ ନାୟକ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ମହାନ୍ତି ଉପସ୍ଥିତ ପରିଚାଳନା କମିଟିର ପୂର୍ବତନ ସଚିବ ରାଜ ନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ହିତାକଂକ୍ଷି ମାନଂକୁ ସ୍ୱାଗତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ କ୍ଷ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସମାବର୍ତ୍ତନ ଉତ୍ସବ ଆସନ୍ତା ଡିସେମ୍ବର ମାସରେ ସରସ ସୁନ୍ଦର୍ ଭବେ ୩ଦିନ ଧରି ପାଳନ କରାଯିବଷ ପାଇଁ ଉପସ୍ଥିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ କ୍ଷ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଭାରତ ବର୍ଷର ମହାମହିମ୍ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଯୋଗ ଦେବାକୁ ଅନୁରୋଧ କରିବାକୁ ଓ ଏ ଦିଗରେ ଉଦ୍ୟମ ପାଇଁ ବିଧାୟକ ଶ୍ରୀ ନାୟକଙ୍କୁ ଅନୁରୋଧ କରାଯାଇଥିଲା, ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯିବ, ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ପ୍ରାରମ୍ଭରେ ବିଧାୟକଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଏବଂ କଲେଜ ଅଧ୍ୟକ୍ଷଙ୍କୁ କମିଟିର ଆବାହକ ଭାବେ ସର୍ବସମ୍ମତି ପ୍ରସ୍ତାବ ଆଗତ ଓ କରତାଳିରେ ଗୃହିତ ହୋଇଥିଲା କ୍ଷ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାବର୍ତ୍ତନ ଉତ୍ସବ ପାଳନ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ବିଧାୟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ, ୨ ଗିରଫ

ବାଲିଅନ୍ତା (ଅମୃତ ମିଡିଆ) : ଏକ ଜମିଜମା ସଂକ୍ରାନ୍ତୀୟ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶକୁ ଉଲଂଘନ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଶିଶୁପାଳଗଡ଼ ଗ୍ରାମର ବିବୁନା ଓରଫ ପ୍ରଦ୍ୟୁମ୍ନ ଜେନା ଏବଂ ବଡ଼ଗଡ଼ ଥାନା ଟଙ୍କପାଣି ରୋଡ଼ ଶିବନଗର କଲୋନୀର କନିଷ୍ଠ ପରିଡା କ୍ଷ ଖବରରୁ ପ୍ରକାଶ ଯେ ଭୁବନେଶ୍ୱର ତହସିଲ ରଘୁନାଥପୁର ମୌଜାର ଏକ ଜମିର ମାଲିକାନାକୁ ନେଇ କୈଳାସ ଚନ୍ଦ୍ର ଦାସ ଏବଂ ଅଭିଯୁକ୍ତ କନିଷ୍ଠ କୁମାର ପରିଡ଼ାଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଏହି ମାମଲାରେ ହାଇକୋର୍ଟ ଉକ୍ତ ଜମି ଉପରେ 'ଷ୍ଟାଟସ୍ କୋ' ଆଦେଶ ଜାରି କରିଥିଲେ। ମାତ୍ର ଗତ ଜୁଲାଇ ୮ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ କନିଷ୍ଠ ଏବଂ ପ୍ରଦ୍ୟୁମ୍ନ ନିଜର ଅନ୍ୟ ସହଯୋଗୀମାନଙ୍କୁ ଧରି ସେଠାରେ ପହଞ୍ଚିଥିଲେ । ସେମାନେ ଖଣ୍ଡା, ଭୁଜାଲି, ଫାର୍ସା ଆଦି ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ ଏବଂ ଅଭିଯୋଗକାରୀ ଶ୍ରୀ ଦାସଙ୍କୁ ନିଚ ଜାତି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ସେମାନେ ସରକାରୀ ଜମିରେ ଥିବା ପଥରକୁ ଆଣି ଜୋରଜବରଦସ୍ତ ଅଭିଯୋଗକାରୀଙ୍କ ଜାଗାରେ ପକାଇବା ସହ ଏକ ଜେସିବି ଲଗାଇ ତାଙ୍କର ୩ଟି ଦୋକାନର ସଟର୍ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ କରିଥିଲେ। ଧଉଳି ପୋଲିସ ଏହି ବିଶୃଙ୍ଖଳା ଓ ଦାଦାଗିରିର ତଦନ୍ତ କରି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ପୂର୍ବରୁ ଏହି ଘଟଣାରେ ଜଣେ ଗିରଫ ହୋଇଥିବା ବେଳେ ଆଜି ଘଟଣାର ମୁଖ୍ୟ ଅଭିଯୁକ୍ତ କନିଷ୍ଠ କୁମାର ପରିଡ଼ା ନାମରେ ସର୍ବମୋଟ ୩ ଟି ମାମଲା ରହିଛି।

ଖୋର୍ଦ୍ଧାରେ ଧୂମଧାମରେ ପାଳିତ ଖୁଦୁରୁକୁଣୀ ଓଷା

ଖୋର୍ଦ୍ଧା (ଅମୃତ ମିଡିଆ) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହଳଦିଆ (ବସନ୍ତ) ଗ୍ରାମରେ ଓଡ଼ିଶାର ପାରମ୍ପରିକ ପର୍ବ 'ଖୁଦୁରୁକୁଣୀ ଓଷା' (ଭାଲୁକୁଣୀ ଓଷା) ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଗ୍ରାମର ସାଧବ ଝିଅ ବା କୁଆଁରୀ ଝିଅମାନେ ମା' ମଙ୍ଗଳାଙ୍କ ନିକଟରେ ସୁଖ, ସମୃଦ୍ଧି ଓ ନିଜ ଭାଇମାନଙ୍କର ସୁରକ୍ଷା କାମନା କରି ମା' ଭାଲୁକୁଣୀଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଗ୍ରାମର ଇସ୍ପିତା ବରାଡ ଏବଂ ସାଙ୍ଗମାନେ ଏକାଠି ହୋଇ ମଣ୍ଡପକୁ ରଙ୍ଗବେରଙ୍ଗର କପଡ଼ା, ଝାଲେରି ଓ ଆଲୋକମାଳାରେ ସଜାଇ ମା'ଙ୍କର

ଆରାଧନା କରିଥିଲେ। ସନ୍ଧ୍ୟା ସମୟରେ ଧୂପ-ଦୀପ, ଖୁଦ ଭଜା, ଲିଆ, ଓ ସୁସ୍ୱାଦୁ ଭୋଗ ଅର୍ପଣ କରି ଗ୍ରାମର କୁଆଁରୀ ଝିଅମାନେ ମା'ଙ୍କ ଆରତି ଓ ସ୍ତୁତିଗାନ କରିଥିଲେ। ସମଗ୍ର ଗ୍ରାମାଞ୍ଚଳରେ ଏହି ଓଷାକୁ ନେଇ ଏକ ଆଧ୍ୟାତ୍ମିକ ଓ ଆନନ୍ଦଦାୟକ ପରିବେଶ ସୃଷ୍ଟି ହୋଇଥିଲା।

ଶିକ୍ଷକନେତା ପୀତବାସ ବେହୁରିଆଙ୍କ ସ୍ମୃତିଚାରଣ ସଭା

କଟକ (ବ୍ୟୁରୋ) : ରାଜ୍ୟର ଜଣେ ବିଶିଷ୍ଟ ଶିକ୍ଷକ ନେତା, ଶିକ୍ଷାବିତ୍ ତଥା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ପ୍ରାକ୍ତନ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପୀତବାସ ବେହୁରିଆ ଗତ ସେପ୍ଟେମ୍ବର ୩ ତାରିଖରେ ଇହଲୀଳା ସମ୍ବରଣ କରିଛଁ । ଏହି ପରିପ୍ରେକ୍ଷୀରେ ଆଜି ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ଅଡ଼ିଟୋରିୟମ, ନୟାସଡ଼କ, କଟକ ଠାରେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭା ଆୟୋଜିତ ହୋଇଛି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ ଜଣାଇଛଁ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ସୁକା' କୁମାର ବେହେରା ଯୋଗଦେଇ କହିଥିଲେ ସ୍ୱର୍ଗତ ବେହୁରୀଆ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ । ସଂଗଠନର ଦାୟିତ୍ୱବୋଧ, ଶିକ୍ଷକଙ୍କର ଅଧିକାର ଓ ଜଣେ ନେତୃତ୍ୱର ଶିକ୍ଷା ଜ'ଣ ହେବା ଉଚିତ ଆଦି ଗୁଣ ତାଙ୍କ ନେତୃତ୍ୱରେ ଦେଖିବାକୁ ମିଳିଥିଲା । ତାଙ୍କ ନେତୃତ୍ୱର ତୁଳନା ନାହିଁ । ଅବକ୍ଷୟମୁଖୀ ସଂଗଠନକୁ ସେ ପୁନଃ ସଂଗଠିତ କରିବାରେ ସମର୍ଥ ହୋଇପାରିଥିଲେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ଅତିଥି ଭାବରେ ପ୍ରାକ୍ତନ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ ଯୋଗଦେଇ ତାଙ୍କର ଜୀବନ ପୀତବାସ ବେହୁରାଆଙ୍କ ଜୀବନ ଭଳି ଥିଲା ବୋଲି ଆଖ୍ୟାୟିତ କରିବା ସହ ଶିକ୍ଷକ

ସଂଗଠନକୁ ଦୃଢ଼ କରିବାରେ ତାଙ୍କର ଅବଦାନ କଥା ସ୍ମରଣ କରିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରନ କୁମାର ଦାଶ ପ୍ରାରମ୍ଭରେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଓଷ୍ଟାର ସମସ୍ତ ପ୍ରାକ୍ତନ ନେତୃତ୍ୱଙ୍କୁ ପ୍ରଣାମ ଜଣାଇବା ସହ ଆ'ରିକ ଅଭିବାଦନ ପୂର୍ବକ ତାଙ୍କ ଅଭିଭାଷଣରେ କହିଥିଲେ ଓଷ୍ଟାରେ ତାଙ୍କୁ ପ୍ରବେଶ କରାଇବାରେ ସ୍ୱର୍ଗତ ପୀତବାସ ବେହୁରିଆଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ସେ ଜଣେ ମହାନ ବ୍ୟକ୍ତିତ୍ୱ, ସଫଳ ନେତୃତ୍ୱ ଥିଲେ ଏବଂ କଥା ମାଧ୍ୟମରେ ସେ ସମସ୍ତଙ୍କୁ ଅନୁପ୍ରାଣୀତ କରିପାରୁଥିଲେ । ତାଙ୍କର ଯେତେ ଗୁଣଗାନ କଲେ ମଧ ତାଙ୍କପାଇଁ ତାହା କମ୍ ହେବ । ଆଜି ସଭାରେ ସଭାପତିତ୍ୱ କରୁଥିବା ଓଷ୍ଟାର ଉପସଭାପତି ଶ୍ରୀଯୁକ୍ତ ବିଜୟ କୁମାର ଭଟ୍ଟ କହିଥିଲେ ସ୍ୱର୍ଗତ ବେହୁରିଆ ତାଙ୍କର ଉତ୍ତମ କଣ୍ଠସ୍ୱର, ଉଜ୍ଜ୍ୱୀନି ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିପାରୁଥିଲେ । ଏହି ପରିପ୍ରେକ୍ଷୀରେ ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ତାଙ୍କର ବକ୍ତବ୍ୟରେ କହିଥିଲେ, ସେ ଜଣେ ସାଧାରଣ ସଂପାଦକ ଭାବରେ ଅତ୍ୟ' ସରଳ ଓ ଶା' ସ୍ୱଭାବର ବ୍ୟକ୍ତି ଥିଲେ । ସଂଗଠନକୁ ବଞ୍ଚାଇବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ହୃଦୟର ଗଭୀରତମ ପ୍ରଦେଶରୁ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିକ୍ଷାପ୍ରଦୀପର ପ୍ରାକ୍ତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାଁ ଯୋଗଦେଇ କହିଥିଲେ କୌଣସି ପଦପଦବୀ ମଣିଷକୁ ମହାନ କରେ ନାହିଁ, ମହାନ କରେ ତାର କାର୍ଯ୍ୟଧାରା । ସ୍ୱର୍ଗତ ବେହୁରିଆଙ୍କ ଲେଖା ଚେତନାର ଉଚ୍ଚସ୍ତରକୁ ଛୁଉଁଥିଲା । ସେ ଓଷ୍ଟାର ଦ୍ୱିତୀୟ ପିଢ଼ିର ନେତା ଥିଲେ । ଓଷ୍ଟାର ପୂର୍ବତନ କର୍ମଚାରୀ ଶ୍ରୀଯୁକ୍ତ ବିନୋଦ କୁମାର ବେହେରା ଯୋଗଦେଇ ଓଷ୍ଟାର କର୍ମଚାରୀମାନଙ୍କ ତରଫରୁ ଗଭୀର ଶ୍ରଦ୍ଧାଳି ଅର୍ପଣ କରିବା ସହିତ ସେ ଜଣେ ଭଲ ଶିକ୍ଷକ ଓ ଉତ୍ତମ ସଂଗଠକ ଥିଲେ ବୋଲି ତାଙ୍କ ଅଭିଭାଷଣରେ କରିଥିଲେ । ଶିକ୍ଷା ପ୍ରଦୀପ ସହସମ୍ପାଦକ ସତ'ାଷ କୁମାର ସାହୁ ସ୍ୱରଚିତ କବିତା ପାଠକରି ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ପ୍ରାକ୍ତନ ଉପସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ପ୍ରାକ୍ତନ କୋଷାଧ୍ୟକ୍ଷ କାମରାଜୁ ମହାରଣା, ୪୮୮ ବର୍ଗର ଶିକ୍ଷକ ନେତା ବନମାଳୀ ବାରିକ, ମହେନ୍ଦ୍ର କୁମାର କାୟସ୍ଥ, ତ୍ରୈଲୋକ ପ୍ରସାଦ ସ୍ୱାଇଁ, ଶ୍ରମିକ ନେତା କିଶୋର ଜେନା, ତପନ କୁମାର ସିଂହ, ଚିତ୍ତରନ ସେନାପତି, ଅଶୋକ କୁମାର ଦଲାଇ, ଧନଯ କେଶରୀ ରାଉତରାୟ, ବିନୋଦ କୁମାର ବେହେରା, ଶ୍ରୀକା' ସାହୁ, ଡ. ପ୍ରଶା' କୁମାର ପ୍ରଧାନ ପ୍ରମୁଖ ତାଙ୍କର ବକ୍ତବ୍ୟ ମାଧ୍ୟମରେ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ । ଆଜି ସଭାରେ ଓଷ୍ଟାର ପଦାଧିକାରୀ, ଜିଲ୍ଲାସମ୍ପାଦକ, ମିଳିତ ସମନ୍ୱୟ ସମିତିର କୋର କମିଟିର ସମସ୍ତ ନେତୃତ୍ୱ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସହ ଓଷ୍ଟାର ସମସ୍ତ କର୍ମଚାରୀ ଉପସ୍ଥିତ ବୋଲି ଓଷ୍ଟା ପରିବାର ପକ୍ଷରୁ କୁହାଯାଇଛି । (ରନ କୁମାର ଦାଶ) ସାଧାରଣ ସଂପାଦକ, ଓଷ୍ଟା

ଯୁବକ ନିଖୋଜ, ଆଠମଲ୍ଲିକ ଥାନାରେ ଅଭିଯୋଗ

ଆଠମଲ୍ଲିକ (ଅମୃତ ମିଡିଆ) : ଆଠମଲ୍ଲିକ ଏନ ଏ ସି ଅନ୍ତର୍ଗତ କାଠପେଣ୍ଡ ସାହିର ଅଧିବାସୀ ବଂଶୀଧର ନାଏକଙ୍କ ସାନ ପୁଅ ୩୨ ବର୍ଷର ଶକ୍ତିରଞ୍ଜନ ନାଏକ ୩୦/୦୮/୨୦୨୬ ରିଖ ସକାଳ ଭୋର ୫ ଘଟିକାରୁ କେଉଁ ଆଡେ ଚାଲିଥିବା ଯାଇଥିବା ଥାନାରେ ଅଭିଯୋଗ ହୋଇଛି । ପରିବାର ସଦସ୍ୟ ବିଭିନ୍ନ ସ୍ଥାନ ରେ ଖୋଜା ଖୋଜି କରି ନପାଇବାରୁ ବାଧ ହୋଇ ଥାନା ରେ ଅଭିଯୋଗ କରିଛନ୍ତି । ଏତେଲା କାରି ବଂଶୀଧର

ନାଏକ(ପିଣ୍ଟୁ)ତାଙ୍କର ପୁଅର ଫୋଟ ପ୍ରକାଶ କରିବା ସହିତ ଫୋନ ନମ୍ବର ୯୯୩୮୧୬୬୯୯୮ ଦେଇଛନ୍ତି । ଯଦି ରାଜ୍ୟ ର କୌଣସି ସହୃଦୟ ବ୍ୟକ୍ତି ଏ ଫୋଟ ଯୁବକଙ୍କର ସନ୍ଧାନ ପାଆନ୍ତି ଉପର ଲିଖିତ ଫୋନ ନମ୍ବର ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି । ନଚେତ ସେହି ଅଞ୍ଚଳର ଥାନାରେ ଜଣାଇ ବାକୁ ଅନୁରୋଧ କରିଛନ୍ତି । ଏତେଲା ପାଇ ଆଠମଲ୍ଲିକ ପୋଲିସ ତରଫରୁ ତଦନ୍ତ ଜାରି ରହିଛି ।

ଶୋରୁମ୍‌ରୁ ଚୋରିକରି ବନ୍ଧାହେଲା ଯୁବକ

ବାଲିଅନ୍ତା (ଅମୃତ ମିଡିଆ) : ସୋରୁମ୍‌ରୁ ଲୁଚାଇକରି ଜିନିଷ ଚୋରି କରି ବନ୍ଧା ହେଲା ଯୁବକ। ପୁଲିସ ସୂଚନା ଅନୁସାରେ। ଭିଶାଲ ସୋରୁମ୍‌ର ମ୍ୟାନେଜର ସୁଦୀପ ସାହାଙ୍କ ଲିଖିତ ଅଭଯୋଗ ଆଧାରରେ ଧଉଳି ଥାନା ପୁଲିସ ଏକ ମାମଲା ରୁଜୁ କରିବାସହ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ତା ୧୨.୦୯.୨୦୨୬ ରାତି ପ୍ରାୟ ୮.୩୦ ରୁ ୯.୩୦ ମଧ୍ୟରେ ଲିଙ୍ଗରାଜ ଥାନା ଅନ୍ତର୍ଗତ ଓଲ୍ଡ ଟାଉନ୍ ଶ୍ରୀରାମ ନଗରର ଅଭିଯୁକ୍ତ ଦେବାଶିଷ ସାମନ୍ତରାୟ ନୂଆଗାଁ ସ୍ଥିତ 'ଭିଶାଲ୍ ସୋରୁମ୍' କୁ କିଣାକିଣି ପାଇଁ ଯାଇଥିଲା। ତା' ପାଖରେ ଏକ ଲାପଟପ୍ ବ୍ୟାଗ୍ ଥିବାରୁ ସୋରୁମ୍ ନିୟମ ଅନୁଯାୟୀ ସିକ୍ୟୁରିଟି ଗାର୍ଡ ତାକୁ ଭିତରକୁ ଛାଡ଼ିଥିଲେ। କିଣାକିଣି ସାରି ବାହାରକୁ ଆସିବା ବେଳେ ଏକଜିଟ୍ ଗେଟ୍ ରେ ଥିବା ଆଲାରାମ୍ ବାଜି ଉଠିଥିଲା। ସୋରୁମ୍ କର୍ମଚାରୀମାନେ ଅଭିଯୁକ୍ତର ବ୍ୟାଗ୍ ଯାଞ୍ଚ କରିବା ବେଳେ ସେଥିରୁ ୧୦ ରୁ ୧୨ ଟି ପାଉଚର, ଫେସୱାସ୍, କ୍ରିମ୍ ଇତ୍ୟାଦି ପ୍ରସାଧନ ସାମଗ୍ରୀ ବାହାରିଥିଲା। ଚୋରି ଧରା ନପଡ଼ିବା ପାଇଁ ଅଭିଯୁକ୍ତ ଜାଣିଶୁଣି ସେହି ସାମଗ୍ରୀ ଗୁଡ଼ିକରୁ 'ଟ୍ୟାଗ୍' ଚିରି ବାହାର କରିଦେଇଥିଲା। ବିଲ୍ ମାଗିବାରୁ ଅଭିଯୁକ୍ତ ରସୁଲଗଡ଼ ଭିଶାଲ୍ ମେଗା ମାର୍ଟରୁ ଏହା ଆଣିଥିବା କହିଥିଲା। ମାତ୍ର ରସୁଲଗଡ଼ ସୋରୁମ୍ ସହ ଯୋଗାଯୋଗ କରିବାରୁ ଅଭିଯୁକ୍ତର କଥା ମିଥ୍ୟା ବୋଲି ଜଣାପଡ଼ିଥିଲା। ଚୋରି ଧରାପଡ଼ିବା ପରେ ଅଭିଯୁକ୍ତ ଓଲଟା ସୋରୁମ୍ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପରେ ପିସିଆର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣିଥିଲା। ଧଉଳି ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତର ବ୍ୟାଗରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତ ଦେବାଶିଷ ସାମନ୍ତରାୟକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

ଯାଜପୁର ଜିଲ୍ଲା ଗସ୍ତରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଯାଜପୁର (ଅମୃତ ମିଡିଆ) : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଖାଦ୍ୟ ଯୋଗାଣ ବ୍ୟବସ୍ଥା ଓ ବନ୍ୟା ପରିସ୍ଥିତିରେ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ରିଲିଫ୍ ସାମଗ୍ରୀ ସମ୍ପର୍କରେ ସମୀକ୍ଷା କରିଥିଲେ। ଯାଜପୁର ରୋଡ୍ ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ମନ୍ତ୍ରୀ ଶ୍ରୀ ପାତ୍ର ଜି

ପଶ୍ଚିମ ଓଡ଼ିଶା

ନୂଆଁଖାଇ ଲାଗି ସାଲେଭଟା ଗାଁରୁ ପାଟଶେଶ୍ୱରୀ ମନ୍ଦିରରେ ପହଂଞ୍ଚିଲା ନୂଆଁଧାନ

ବଲାଙ୍ଗିର (ଅମୃତ ମିଡିଆ) : ପ୍ରାଚୀନ ସଂସ୍କୃତି ଓ ପରମ୍ପରା କୁ ଉଦ୍ବୁଦ୍ଧିତ କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ର ପ୍ରୟାସ । ପୁରପଲ୍ଲିରୁ ନୂଆଁଖାଇ ପାଇଁ ସହର ବେଶ ଚଳଚଂଚଳ ଥିବା ବେଳେ ପାଟଣା(କୋଶଳ) ରାଜ୍ୟର ଇଷ୍ଟଦେବୀ ତଥା ୪୮ପାଟ ଅର୍ଥାତ୍ ଗଡ ର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଶେଶ୍ୱରୀ ମନ୍ଦିରକୁ ନୂଆଁଖାଇ ପାଇଁ ସାଲେଭଟା ଗାଁ ରୁ ଦେବୀଙ୍କ ଚାଷ ଜମିରୁ ନୂଆଁ ଧାନ ଓ ପାହୁର ପାଟଶେଶ୍ୱରୀ ମନ୍ଦିରକୁ ପହଂଚିଲା । ବଲାଙ୍ଗିର ସହରର ଲୋକନାଥ ମନ୍ଦିର ରୁ ଶୋଭାଯାତ୍ରା ରେ ବାହାରି ପାଟଶେଶ୍ୱରୀ ମନ୍ଦିରକୁ ପହଂଚିଲା । ମନ୍ଦିର ପୂଜକ ଅଭିଳାଷ ଦିସ୍ରୀ ସବୁ ସାମଗ୍ରୀକୁ ବେଦମନ୍ତ୍ର ସହ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ । ପାଟଶେଶ୍ୱରୀ ଦେବୀ ପ୍ରଥମେ ଲଗ୍ନ ଅନୁସାରେ ନବାନ୍ନ ଅର୍ପଣ କରିବା ପାଇଁ ଯାହା ନିତି ନିଘଣ୍ଟ ରହିଛି ସେହି ସମୟରେ ମାଁ ଙ୍କୁ ନବାନ୍ନ ଲଗାଯିବ । ଏହି ଅବସରରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଭକ୍ତମାନଙ୍କ ପାଇଁ ୨ହଜାରରୁ ଅଧିକ ନବାନ୍ନ ବଣ୍ଟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଜି ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଓ ସାଲେଭଟା ଗ୍ରାମର ମନ୍ଦିର କମିଟି ସାମିଲ ଥାଇ ବିଭିନ୍ନ ସାମଗ୍ରୀ ସହ ନୂଆ ଧାନ, ପୂଜା ସାମଗ୍ରୀ ଓ ପାହାର ମନ୍ଦିରକୁ ଅର୍ପଣ କରାଯାଇଥିଲା । ମାଁ ଙ୍କୁ ପୂଜାର୍ଚ୍ଚନା ପାଇଁ ସାଲେଭଟା ଗ୍ରାମର ନିମାଇଁ ମହାକୁର, ଅଜିତ ମେହେର ସ୍ୱତନ୍ତ୍ର ଧାନ ଆଣିଥିଲେ । ଏହି କାର୍ଯ୍ୟକ୍ରମ ରେ ସଂସ୍କୃତି ଗବେଷକ ଡ.ଘାସିରାମ ମିଶ୍ର, ବିଶିଷ୍ଟ ଲେଖକ ଜୟ କୁମାର ଆଚାର୍ଯ୍ୟ ଙ୍କ ଉପସ୍ଥିତି ରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, ଭବାନୀ ଶଙ୍କର ଭୋଇ, ଅରୁଣ କୁମାର ମିଶ୍ର, ରିଣ୍ଟୁ ସାହୁ, ଶମ୍ଭୁ ପ୍ରସାଦ ଶତପଥି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଓକିଲ ବିଜୟ କୁମାର ମିଶ୍ର, ସାହିତ୍ୟିକ ଆଚାର୍ଯ୍ୟ ଓ ବଲାଙ୍ଗିର ସହରର ବହୁ ବୁଦ୍ଧିଜିବୀ ଅଂଶ ଗ୍ରହଣ କରିଥିଲେ ।

ନିର୍ବାଚନକୁ ନେଇ ନୂତନ ଦଳର ପ୍ରସ୍ତୁତି ବୈଠକ

ଗାଡ଼ିମାଲିକଙ୍କ ସମସ୍ୟା ସମାଧାନ ପାଇଁ ନିର୍ବାଚନ ମଇଦାନରେ ରଞ୍ଜିତ ମହାକୁଡ଼

ବଲାଣି/ବଡବିଲ (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲା ଏକ ଖଣିବହୁଳ ଅଞ୍ଚଳ ହୋଇଥିବାରୁ ଜିଲ୍ଲାର ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଖଣି ଶିଳ୍ପ ଉପରେ ନିର୍ଭରଶୀଳ। ବିଶେଷକରି ଯୋଡ଼ା–ବଡ଼ବିଲ ଅଞ୍ଚଳରେ ଅନେକ ଗାଡ଼ି ମାଲିକ ଭାରୀଯାନ ଟ୍ରକ୍ କିଣି ଏହା ମାଧ୍ୟମରେ ନିଜ ପରିବାରର ଜୀବିକା ନିର୍ବାହ କରୁଛନ୍ତି। ତେବେ ଦିନକୁ ଦିନ ଗାଡ଼ି ମାଲିକମାନେ ନିଜ ଗାଡ଼ି ଲୋଡ୍ କରିବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗାଡ଼ି ମାଲିକମାନଙ୍କ ଏହି ସମସ୍ୟାର ସମାଧାନ ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷାକୁ ନେଇ ଆଗାମୀ ଦିନରେ ଯୋଡ଼ା ଟ୍ରକ୍ ମାଲିକ ସଂଘ (ଔଞ୍ଚଡଇ)ର ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନକୁ ନେଇ ଯୋଡ଼ା ଅଞ୍ଚଳରେ ରାଜନୈତିକ ଓ ସଂଗଠନାତ୍ମକ ଚଞ୍ଚଳତା ବଢ଼ିଛି। ଏହି କ୍ରମରେ ଗାଡ଼ି ମାଲିକମାନଙ୍କୁ ନେଇ ଏକ ଅଞ୍ଚପ୍ରସ୍ତୁତି ବୈଠକଅଞ୍ଚ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ଯୋଡ଼ା ଅଞ୍ଚଳର ପରିଚିତ ବ୍ୟକ୍ତି ଅଞ୍ଚରଞ୍ଜିତ ମହାକୁଡ଼ଅଞ୍ଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗାଡ଼ି ମାଲିକମାନଙ୍କ ବିଭିନ୍ନ ସମସ୍ୟା, ଗାଡ଼ି ଲୋଡିଂରେ ହେଉଥିବା ଅସୁବିଧା ଏବଂ ସଂଘର ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିବା କୁହାଯାଉଛି। ଅଞ୍ଚଳ ବାସୀ ନୂଆ ଅର୍ଣ୍ଣ ବା ନୂଆଖାଇ ବାର ଲଗ୍ନ ସ୍ଥିର ହୋଇଛି। ବର୍ଷକୁ ଥରେ କଳାହାଣ୍ଡିବାସୀ ଏହି ଦିନକୁ ଅନାଇ ବସିଥାନ୍ତି। ଯିଏ ଯେଉଁଠି ବି ଥାଆନ୍ତି ଏହି ଦିନରେ ଆସି ପରିବାର ସହ ବସି ଏକାଠି ନୂଆଁଖାଇ ଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ ମଧ୍ୟ କୁହାଯାଏ । ଏହି ପର୍ବ କୃଷି ସହିତ ଜଡିତ ଥିବାରୁ ଚାଷୀ ମଧ୍ୟ ବେଶ୍ ଉତ୍ସାହିତ। ଚାଷୀ ଏହି ଦିନ ନିଜ ଜମିରେ ପୂଜା କରିବାର ପରମ୍ପରା ରହିଛି। ସେହିପରି ଘରେ ଥିବା ଗୋରୁକୁ ମଧ୍ୟ ପୂଜା କରାଯାଇଥାଏ। କଳାହାଣ୍ଡି ଜିଲାରେ ୫ଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବାବେଳେ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳ ସମେତ ଜିଲାର ପ୍ରାୟ ଅଧିକାଂଶ ବ୍ଲକ ଓ ଗ୍ରାମାଞ୍ଚଳରେ ମଙ୍ଗଳବାର ଏହି ପର୍ବ ପାଳନ ହେବ। ପରେ ପର୍ଯ୍ୟାୟ କ୍ରମେ ସେପ୍ଟେମ୍ବର ୨୧ ତାରିଖ ସୋମବାର ଜିଲାର ଭବାନୀପାଟଣା ସମେତ ଗଡ଼ଜାତ ଅଞ୍ଚଳର ଲାଞ୍ଜିଗଡ, ମହୁଲପାଟଣା, କର୍ଲାପାଟ,ମଦନପୁର ରାମପୁର, ଥୁଆମୂଳ ରାମପୁର, ଜୟପାଟଣା ଆଦି ଅଞ୍ଚଳରେ ନୂଆଖାଇ ପାଳନ ହେବ ।

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହେଲାଣି କଟକ ସହର

କଟକ (ବ୍ୟୁରୋ) : ଦୁର୍ଗାପୂଜା ଆସିଲେ କଟକର ଚାନ୍ଦି ମେଢର ଚମକ ଦେଖିବାକୁ ଦେଶବିଦେଶରୁ ଛୁଟି ଆସନ୍ତି ଦର୍ଶକ। ଆଉ ଏଥିପାଇଁ ଏ ହେଉଛି ତାର ପୂର୍ବ ପ୍ରସ୍ତୁତି। ମା'ଙ୍କ ମୁକୁଟଠାରୁ ସିଂହାସନ, ପଦ୍ମଫୁଲ ହାର, କିରିଟି, ବାହୁଟି, ମେଢରେ ଥିବା ହାତୀ, ମୟୂର ସବୁଥିରେ ଏବେ ଚାଲିଛି ସଫେଇ କାମ। ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିରେ ମଧ୍ୟ ଆରମ୍ଭ ହୋଇଗଲାଣି ଚାନ୍ଦି ସଫେଇ। ପୂଜା ଯେତିକି ପାଖେଇ ଆସୁଛି, କାରିଗରଙ୍କ ବ୍ୟସ୍ତତା ସେତିକି ବଢୁଛି। ମାନସିଂହପାଟଣା ଅଞ୍ଚଳର କାରିଗରମାନେ ମୁଖ୍ୟତଃ ଏହି ସଫେଇ କାମ କରିଥାନ୍ତି। ପ୍ରାୟ ୩ କୁଇଣ୍ଟାଲ ଓଜନର ଚାନ୍ଦି ଅଳଙ୍କାର ସଫା କରିବାକୁ ୪ରୁ ଅଧିକ କାରିଗରଙ୍କୁ ପ୍ରାୟ ୧୦ ଦିନ ସମୟ ଲାଗେ। ଭସାଣି ଓ ପୂଜା ସମୟରେ ଚାନ୍ଦି ମେଢ ଉପରେ ଧୂଳି ଓ ମଇଳାର ଏକ ଆବରଣ ପଡ଼ିଯାଏ। ତେଣୁ ପ୍ରତିବର୍ଷ ମେଢର ଚାନ୍ଦି ଅଳଙ୍କାରକୁ ସଫା କରାଯାଇଥାଏ। ଇଠାଫଳ ଓ ତେଜାବରେ ସଫା କରିବା ସହ ଭାଙ୍ଗିଥିବା ଅଳଙ୍କାରକୁ ଝଳେଇ କରାଯାଉଛି। କେବଳ ଚାନ୍ଦି ମେଢ ନୁହେଁ, କଟକରେ ଦୁର୍ଗାପୂଜା ପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି ମଧ୍ୟ। ସହରର ୧୭୨ଟି ପୂଜାମଣ୍ଡପରେ ହେବ ମା'ଙ୍କ ଆରାଧନା। ମଣ୍ଡପ ସାଜସଜ୍ଜାଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଅଗ୍ନି ନିରାପତ୍ତା, ବିଦ୍ୟୁତ ସଂଯୋଗ ଏବଂ ଭସାଣି ଶୋଭାଯାତ୍ରା ସବୁଥିପାଇଁ ଅନୁମତିର ଆବଶ୍ୟକତା ରହିଛି । ଗତବର୍ଷ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବିଭିନ୍ନ ଅନୁମତି ପାଇଁ ପୂଜା କମିଟିଗୁଡ଼ିକୁ ହଇରାଣ ହେବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଏଥର ଏହି ଝାମେଲାକୁ କମାଇବାକୁ ଅନଲାଇନ୍ ଆବେଦନ ବ୍ୟବସ୍ଥା କରିବାକୁ ଯୋଜନା କରୁଛି ଜିଲ୍ଲା ପ୍ରଶାସନ। ଫଳରେ ପୂଜା କମିଟିଗୁଡ଼ିକ ଘରେ ବସି ଅନଲାଇନରେ ଆବେଦନ କରି ଅନୁମତି ପାଇପାରିବେ। ପୂଜା ପ୍ରସ୍ତୁତି ସହ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଉଛି ପ୍ରଶାସନ।ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା, ବିଦ୍ୟୁତ ସୁରକ୍ଷା ଏବଂ ଭସାଣି ଶୋଭାଯାତ୍ରା ସମୟରେ ନିର୍ଦ୍ଧାରିତ ନିୟମ କଡ଼ାକଡ଼ି ପାଳନ ପାଇଁ ପୂଜା କମିଟିଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ଚାନ୍ଦି ମେଢରେ ଫେରୁଛି ଚମକ। ମଣ୍ଡପରେ ଚାଲିଛି ସାଜସଜ୍ଜା। ଆଉ ପ୍ରଶାସନ ପକ୍ଷରୁ ଚାଲିଛି ସୁରକ୍ଷା ଓ ଅନୁମତି ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାର ପ୍ରସ୍ତୁତି। ଶାରଦୀୟ ଦୁର୍ଗାପୂଜା ପାଇଁ ଏବେଠୁ ଉତ୍ସବମୁଖର ହେବାକୁ ଆରମ୍ଭ କଲାଣି ସିଲଭର ସିଟି।

କଳାହାଣ୍ଡି ଜିଲ୍ଲାରେ ପୁରପଲ୍ଲୀ ଚଳଚଞ୍ଚଳ

କଳାହାଣ୍ଡି,(ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା)ଆଜି ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ତଥା କୃଷିରିରିକ ପର୍ବ ନୂଆଁଖାଇ। ଏଥିପାଇଁ କଳାହାଣ୍ଡି ଜିଲାର ପୁରପରୀ ଚଳଚଞ୍ଚଳ ହୋଇଉଠିଛି। ନୂଆଁଖାଇ ପାଇଁ ସୋମବାର ଧର୍ମଗଡ ସାପ୍ତାହିକ ର ୨ୟ ବଜାରରେ ପ୍ରବଳ ଭିଡ ଦେଖ ?ବାକୁ ମିଳିଥିଲା। ନୂଆଁଖାଇରେ ବ୍ୟବହୃତ ହେଉଥିବା ନୂଆଁ ଧାନ, ଚୁଡା, କୁରେଇ ପତ୍ର ଲୋକେ କିଣୁଥିବାବେଳେ ଆଉ କିଏ ପରିବାପତ୍ର ତ ନୂଆ ପୋଷାକ କିଣିବାରେ ବ୍ୟସ୍ତ ରହିଥ ?ବା ଦେଖିବାକୁ ମିଳିଥିଲା। ସେହିପରି ସହରର କପଡା ଦୋକାନରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଦେଖ ?ବାକୁ ମିଳିଛି। ବର୍ଷକୁ ଥରେ ଏହି ସମୟରେ କପଡା ଦୋକାନମାନଙ୍କରେ ଭଲ ବ୍ୟବସାୟ ମଧ୍ୟ ହୋଇଥାଏ। ନୂଆଁଖାଇ ପୂର୍ବରୁ ରବିବାର ଶେଷ ବଜାର ହୋଇଥିବାରୁ ସହରର ରାସ୍ତା ଗୁଡିକରେ ମଧ୍ୟ ଲୋକଙ୍କ ପ୍ରବଳ ଭିଡ ସହ ଟ୍ରାଫିକ ସମସ୍ୟା ଦେଖ ?ବାକୁ ମିଳିଥିଲା। ଆଜି ୧୫ ତାରିଖ ସକାଳ ୯ଟା ୪୯ରୁ ୧୦ ଟା ୩ ପର୍ଯ୍ୟନ୍ତ ବିଶୁଦ୍ଧ ତୁଳାଲଗ୍ନେ ନବାନ୍ନ ଭକ୍ଷଣ ପାଇଁ ଧର୍ମଗଡ ଅଞ୍ଚଳ ବାସୀ ନୂଆ ଅର୍ଣ୍ଣ ବା ନୂଆଖାଇ ବାର ଲଗ୍ନ ସ୍ଥିର ହୋଇଛି। ବର୍ଷକୁ ଥରେ କଳାହାଣ୍ଡିବାସୀ ଏହି ଦିନକୁ ଅନାଇ ବସିଥାନ୍ତି। ଯିଏ ଯେଉଁଠି ବି ଥାଆନ୍ତି ଏହି ଦିନରେ ଆସି ପରିବାର ସହ ବସି ଏକାଠି ନୂଆଁଖାଇ ଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ ମଧ୍ୟ କୁହାଯାଏ । ଏହି ପର୍ବ କୃଷି ସହିତ ଜଡିତ ଥିବାରୁ ଚାଷୀ ନିଜ ଜମିରେ ପୂଜା କରିବାର ପରମ୍ପରା ରହିଛି। ସେହିପରି ଘରେ ଥିବା ଗୋରୁକୁ ମଧ୍ୟ ପୂଜା କରାଯାଇଥାଏ। କଳାହାଣ୍ଡି ଜିଲାରେ ୫ଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବାବେଳେ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳ ସମେତ ଜିଲାର ପ୍ରାୟ ଅଧିକାଂଶ ବ୍ଲକ ଓ ଗ୍ରାମାଞ୍ଚଳରେ ମଙ୍ଗଳବାର ଏହି ପର୍ବ ପାଳନ ହେବ। ପରେ ପର୍ଯ୍ୟାୟ କ୍ରମେ ସେପ୍ଟେମ୍ବର ୨୧ ତାରିଖ ସୋମବାର ଜିଲାର ଭବାନୀପାଟଣା ସମେତ ଗଡ଼ଜାତ ଅଞ୍ଚଳର ଲାଞ୍ଜିଗଡ, ମହୁଲପାଟଣା, କର୍ଲାପାଟ,ମଦନପୁର ରାମପୁର, ଥୁଆମୂଳ ରାମପୁର, ଜୟପାଟଣା ଆଦି ଅଞ୍ଚଳରେ ନୂଆଖାଇ ପାଳନ ହେବ ।

ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ଏକ ସଡକ ଦୁର୍ଘଟଣାରେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇ କଟକର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗ୍ରାମର ଶୁଭ୍ରାଂଶୁ ଶେଖର ଜେନା (୩୭) ଓ ଏହି ଥାନା ଅନ୍ତର୍ଗତ ପଲେଇ ଗ୍ରାମର ସୁଶାନ୍ତ କୁମାର ବେହେରା (୨୫)ଉଭୟ ୫୩ ନମ୍ବର ଦେଇ ଦୁଇଟି ବାଇକରେ ଯାଉଥିବା ସମୟରେ ଏହି ରାଜପଥର ବଗୁଡ଼ାବା ନିକଟରେ ଉଭୟଙ୍କ ବାଇକ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଉଭୟ ଦୁଇ ଯୁବକ ରାସ୍ତା କଡ଼କୁ ଛିଟିକି ପଡି ଆହତ ହୋଇଥିଲେ । ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲ ପଠାଇଥିଲେ । ତେବେ ଏହି ଦୁର୍ଘଟଣାରେ ଶୁଭ୍ରାଂଶୁର ଅଧିକ କ୍ଷତି ଘଟିଥିବା ବେଳେ ସିଏ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।ତେବେ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇନଥିବା ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

କଟକରେ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ,୩ ଗିରଫ

କଟକ (ବ୍ୟୁରୋ) : ପୂଜା ପୂର୍ବରୁ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଉପରେ କଟକ କମିସନରେଟ୍ ପୁଲିସର କଡ଼ା ଆଢ଼ନ୍ । ବଳପୂର୍ବକ ଚାନ୍ଦା ଆଦାୟ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ । ମର୍କତନଗର ଥାନା ୨ ଜଣଙ୍କୁ ଏବଂ ଜଗତପୁର ଥାନା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଗକୁ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଥିବାରୁ ଚାନ୍ଦା ଆଦାୟ ନାଁରେ ଦାଦାବଟିକୁ ନେଇ ପୁଲିସ ଆଢ଼ନ୍ ଆହୁରି କଡ଼ା ହେବ। ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ କଟକ କମିସନରେଟ୍ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ। ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ। ମର୍କତନଗର ଥାନା ୨ ଜଣଙ୍କୁ ଏବଂ ଜଗତପୁର ଥାନା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ରାସ୍ତାରେ ଗାଡ଼ି ଅଟକାଇ ଚାନ୍ଦା ମାଗିବା ଏବଂ ବ୍ୟବସାୟୀଙ୍କୁ ଜୋର୍ ଜବରଦସ୍ତି ଚାନ୍ଦା ମାଗିବା ନେଇ ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ପୂଜା ସମୟରେ ଏଭଳି ଅଭିଯୋଗ ବଢୁଥିବାରୁ ଏହାକୁ ନେଇ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଉଛି। ଦାଦାବଟି କିମ୍ବା ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ହେଉଥିଲେ ୧୧୨ କିମ୍ବା ପୁଲିସ ପକ୍ଷରୁ ଜାରି ହୋଇଥିବା ମୋ:-୮୨୮୦୩୩୮୩୦୩ ନମ୍ବରରେ ସୂଚନା ଦେବାକୁ କହିଛନ୍ତି କଟକ ଡିସିପି। ଆଗକୁ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଥିବାରୁ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଏବଂ ଦାଦାବଟି ବିରୋଧରେ ପୁଲିସ ଆଢ଼ନ୍ ଆହୁରି କଡ଼ାକଡ଼ି ହେବ।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀଙ୍କ ଧାରଣା

କଟକ (ବ୍ୟୁରୋ) : ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାଂପସରେ ଅସୁରକ୍ଷିତ ଛାତ୍ରଛାତ୍ରୀ ! ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଛି କ'ଣ ? କଟକିଆଙ୍କ ଇଏ ଗର୍ବ ଗୌରବ । କଟକିଆଙ୍କ ଇଏ ବି ସ୍ୱାଭିମାନ । ହେଲେ ଏହି ସ୍ୱାଭିମାନକୁ ସତେ ଯେମିତି ଦଳିମକଚି ଦିଆଯାଉଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥାକୁ ନେଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ହଷ୍ଟେଲ ସୁବିଧାଠାରୁ ଆରମ୍ଭ କରି ପାଠପଢ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା ଅଭିଯୋଗ ହୋଇଛି । ତା' ସହ କ୍ୟାମ୍ପସରେ ଅନାବନା ଗଛ ଓ ବୁଦା ବଢ଼ି ଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ଉଠିଛି ପ୍ରଶ୍ନ । ହଷ୍ଟେଲ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ଅଧ୍ୟାପକ, ଅଧ୍ୟାପିକା କିମ୍ବା ୱାର୍ଡେନ୍ କ୍ୟାମ୍ପସରେ ରହୁନାହାନ୍ତି । କ୍ଲାସରୁମରେ ସ୍ମାର୍ଟ ବୋର୍ଡ ଲାଗିଥିଲେ ମଧ୍ୟ ତା' କାମ କରୁନାହିଁ । ଏହାସହ ମେଡିକାଲ ସୁବିଧା ଓ ୟୁନିଭର୍ସିଟି ବସ୍ ସେବା ନଥିବାରୁ ଜରୁରୀ ସମୟରେ ଛାତ୍ରଛାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ । କେବଳ ଏତିକି ନୁହେଁ, ଫିଜିକ୍ସ ଓ କେମିଷ୍ଟ୍ରି ଲାବ୍ ନଥିବାରୁ ପ୍ରାକ୍ଟିକାଲ ପାଇଁ ୧୫ କିଲୋମିଟର ଦୂରରେ ଥିବା ପ୍ରଥମ କ୍ୟାଂପସକୁ ବାରମ୍ବାର ଯିବାକୁ ପଡୁଛି । ଏସବୁ ସମସ୍ୟା ନେଇ ପୂର୍ବରୁ ଅନେକ ଥର ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଛାତ୍ରଛାତ୍ରୀ କହିଛନ୍ତି । ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ହସ୍ତଗତ ହୋଇଥିବା କହିବା ସହ ଖୁବଶୀଘ୍ର ଦ୍ୱିତୀୟ କ୍ୟାମ୍ପସ ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କୁଳପତି । ତେବେ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସର ଅବ୍ୟବସ୍ଥା ଧୀରେ ଧୀରେ ଚିନ୍ତାର କାରଣ ପାଲଟୁଥିବା ବେଳେ, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କେବେ ହେବ ତାହାକୁ ଅପେକ୍ଷା ।

ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗୀର (ଅମୃତ ମିଡିଆ) : ମାଲପଡା ନାଗରିକ କମିଟି ବୈଠକ ସଭାପତି ଗୋପବନ୍ଧୁ ପୁରୋହିତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ମାଲପଡା ନାଗରିକ କମିଟିର କେତେକ ଲୋକଙ୍କ ସ୍ୱର୍ଗବାସ ହେତୁ ତାଙ୍କ ଆତ୍ମା ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସଭ୍ୟମାନେ ବିଦ୍ୟୁତ ବିଭାଗ ଦ୍ୱାରା ଘନ ଘନ ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ଜନସାଧାରଣ ବହୁ ଅସୁବିଧା ସମ୍ମୁଖିନ ହେଉଛନ୍ତି । ତେଣୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ବିଦ୍ୟୁତ ବିଭାଗର ଏହି ଅଘୋଷିତ ବାରମ୍ବାର ବିଦ୍ୟୁତ କାଟକୁ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସହରରେ ବହୁଳ ପରିମାଣରେ ପ୍ଲାଷ୍ଟିକ ବ୍ୟବହାର କରାଯାଉଥି

କାମ ନ କରି ସରକାରୀ ଅର୍ଥ ହଡ଼ପ ଅଭିଯୋଗ ଘଟଣା

ଦୋଷ ଲୁଚାଇବାକୁ ତରବରିଆ ନିର୍ମାଣ କାର୍ଯ୍ୟ

ବାରିପଦା(ଅମୃତମିଡିଆ): ଗ୍ରାମାଞ୍ଚଳର ମୌଳିକ ବିକାଶ ଲାଗି ଉଦ୍ଦିଷ୍ଟ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ଓ ପାଣ୍ଠି ହଡ଼ପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ଅଭିଯୋଗ ଅନୁଯାୟୀ, ୧୫ଶ ଅର୍ଥ କମିଶନ ଏବଂ ଜିପିଡିପି ବାର୍ଷିକ କାର୍ଯ୍ୟ ଯୋଜନା (୨୦୨୫-୨୬) ଅଧୀନରେ ବାରିପଦା ବ୍ଲକ ଅନ୍ତର୍ଗତ ହାତୀକୋଟ ଗ୍ରାମପଞ୍ଚାୟତର ୫ଟି ସ୍ଥାନ ଯଥା- ହାତୀକୋଟର ଭାସ୍କର ସିଂ ଓ ଲୋକନାଥ, ଭାଦୁଶୋଳର ମାରଓ୍ୱାଡ଼ି, ଜାମଦାପାଳର ଦୁର୍ଗା ଚରଣ ବାସ୍କେ ଏବଂ ବଡାକୋଟାର ବିକ୍ରମଙ୍କ ଘର ନିକଟରେ କୂଅ ଚାନ୍ଦିନୀ ନିର୍ମାଣ ନିମନ୍ତେ ପ୍ରକଳ୍ପ ପିଛା ୪୦ ହଜାର ଟଙ୍କା ହିସାବରେ ସର୍ବମୋଟ ୨ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା। ହେଲେ ବ୍ଲକ ଓ ଗ୍ରାମପଞ୍ଚାୟତର ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ଭେଣ୍ଡରଙ୍କ ମଧ୍ୟଚନ୍ଦ୍ରିକା ଯୋଗୁଁ ଜାମଦାପାଳ ଏବଂ ବଡାକଟା ଗ୍ରାମରେ କୌଣସି କାର୍ଯ୍ୟ ନକରି କାଗଜପତ୍ରରେ ସମ୍ପୂର୍ଣ୍ଣ ଦର୍ଶାଇ ଗତ ୨୦୨୫ ଅକ୍ଟୋବର ମାସରେ ସମସ୍ତ ବିଲ ଅର୍ଥ ଉଠାଇ ନିଆଯାଇଥିଲା। ଏହି ଜାଲିଆତି ସମ୍ପର୍କରେ ତଥ୍ୟ ପ୍ରମାଣ ସହିତ ଗ୍ରାମବାସୀମାନେ ଗତ ଜୁଲାଇ ମାସରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଅଭିଯୋଗର ତଦନ୍ତ ଭୟରେ ଏବଂ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ଘଟଣାର ଦୀର୍ଘ ମାସ ପରେ ବଡାକଟା ଗ୍ରାମରେ ଅତି ତରବରିଆ ଭାବେ ନିମ୍ନମାନର କୂଅ ଚାନ୍ଦିନୀ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏପରିକି ସମାନ କାମ ପାଇଁ ପୁନର୍ବାର ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ମଧ୍ୟ ଅର୍ଥ ମଞ୍ଜୁର ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ନିର୍ମାଣ ସମୟରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ ସୁଦ୍ଧା ତାହାକୁ ଖାତିର ନକରି ଦୋଷ ଲୁଚାଇବା ପାଇଁ ବଳପୂର୍ବକ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ଚାଲିଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ସମ୍ପୃକ୍ତ ଭେଣ୍ଡର ପାତ୍ର ସପ୍ଲାୟାରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବଗଦା ମାରାଣ୍ଡି, ଚେତନ ମାରାଣ୍ଡି, ଦିମା ମାରାଣ୍ଡି, ଅଜୟ ଘୋଷ, ସଂଜୀବ ଘୋଷ, ବସନ୍ତ ପ୍ରଧାନ, ରୁହ୍ୟା ମାରାଣ୍ଡି, କାଦୁ ମାରାଣ୍ଡି, ଥିବୁ ମାରାଣ୍ଡି, ତପନ ମାରାଣ୍ଡି, ଶ୍ରୀମାତ ମାରାଣ୍ଡି, ପିଥ ହାଁସଦା, କାଳିଆ ବାସ୍କେ, କାନ୍ଦା ହାଁସଦା, ଲକ୍ଷ୍ମଣ ହାଁସଦା, ଶ୍ୟାମ ବାସ୍କେ ଓ ବାସୁ ହାଁସଦା ପ୍ରମୁଖ ଦାବି କରିଛନ୍ତି।

ଭଙ୍ଗାଗଲା ଅଫିସର ଗେଟ୍, ଲୋକେ ହେଲେ ଆଶ୍ୱସ୍ତ

ଖୁସି ମନାଇଲା ନାଗରିକ ମଂଚ

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ସହର ମଧ୍ୟରେ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲାଗିକରିଥିବା ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଏକ ଗେଟ ବସାଯାଇଥିଲା। ଯାହାକି ଅଫିସର ଗେଟ ନାମରେ ପରିଚିତ ଥିଲା । ଏଠାରେ ସେ ସମୟରେ କାର୍ଯ୍ୟରତ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଗେଟ ବସାଯାଇଥିବାରୁ ଲୋକେ ଏହାକୁ ଅଫିସର ଗେଟ ବୋଲି କହୁଥିଲେ। କେବଳ ପାଦରେ ଚାଲି ଚାଲି ଯାଉଥିବା ଲୋକେ ଏହି ରାସ୍ତା ଦେଇ ଯାତାୟତ କରି ପାରୁ ଥିବା ବେଳେ, ବାଇକ୍, ମଟରସାଇକଲଠାରୁ ଆରମ୍ଭ କରି କୌଣସି ଯାନବାହନ ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ଉକ୍ତ ରାସ୍ତା ଦେଇ ନିୟମିତ ଲୋକେ ଷ୍ଟେଟ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର.ଆଇ. ଅଫିସ, ଆହର କେନ୍ଦ୍ର, ପାଠାଗାର ଇତ୍ୟାଦିକୁ ଯାତାୟତ କରୁଥିଲେ । ହଠାତ୍ ରାସ୍ତାର ଏପରି ଅବରୋଧକୁ ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଖେଳି ଯାଇଥିଲା। କିନ୍ତୁ ସେ ସମୟରେ ସମଗ୍ର ଓଡ଼ିଶାରେ ଅଫିସର ରାଜର ଉତ୍କଟ ରୂପ ବେଶ ସ୍ପଷ୍ଟ ବାରି ହୋଇପଡୁଥିଲା । ସେଥିମଧ୍ୟରୁ ଏହି ଘଟଣାଟି ମଧ୍ୟ ଏକ ଦୃଶ୍ୟ ବୁଝିବାରେ କିଛି ଅସୁବିଧା ନଥିଲା। ଅଫିସର ରାଜ ବିରୁଦ୍ଧରେ ସେ ସମୟରେ ସ୍ୱରଉତୋଳନ କରିବା ପାଇଁ ସାଧାରଣ ଲୋକେ ଭୟ କରୁଥିଲେ । ପରେ ବିଧାନସଭା ଓ ଲୋକସଭା ନିର୍ବାଚନ ଆସିଲା । ଦୀର୍ଘ ୨୪ ବର୍ଷ ଓଡ଼ିଶାରେ ଶାସନ ଚଳାଇଥିବା ଏକ ରାଜନୈତିକ ଦଳର ପତନ ଘଟିଲା। ଏହା ସହିତ ଚାଲି ଆସୁଥିବା ଅଫିସର ରାଜର କଳାବାଦଲ ସମଗ୍ର ଓଡ଼ିଶାର ଆକାଶରୁ ଆପଣାଛାଏଁ ଉଭେଇଗଲା । ଏତିକିବେଳେ ଅଫିସର ଗେଟକୁ କେନ୍ଦ୍ର କରି ଥିବା ଅସନ୍ତୋଷ ଉଗୁରୁପ ନେବାକୁ ଯାଉଛି ଜାଣିପାରି ଉପଜିଲ୍ଲାପାଳ ଗେଟ୍‌ଟିକୁ ଉଠାଇଦେଲେ । କିନ୍ତୁ ଅଣଓସାରିଆ ରାସ୍ତା ସାଙ୍ଗକୁ ଉଭୟ ପାଶ୍ୱର୍ରେ ହମ୍ପସ୍ ବସାଇଥିଲେ। ଉଦଳାରେ ଗଢ଼ି ଉଠିଥିବା ସଚେତନ ନାଗରିକ ମହାମଂଚ ଏହାକୁ ବିରୋଧ କରି ରାସ୍ତାଟିକୁ ସମ୍ପୂର୍ଣ୍ଣ ଖୋଲା ରଖିବା ସହ ହମ୍ପସ୍ ଉଠାଇଦେବାକୁ ଦାବି ଜଣାଇଥିଲା । ପରେ ଚଳିତ ସେପ୍ଟେମ୍ବର ୧୨ତାରିଖ ଶନିବାର ଦିନ ପାତେରି ଭଙ୍ଗା ଯାଇ ରାସ୍ତା ଓସାରିଆ କରାଯିବା ସାଙ୍ଗକୁ ହମ୍ପସ୍ ସମ୍ପୂର୍ଣ୍ଣ ଉଠାଇଦିଆ ଯାଇଛି । ଏଥିରେ ସାଧାରଣ ଲୋକେ ଆଶ୍ୱସ୍ତ ହେବା ସାଙ୍ଗକୁ ନାଗରିକ ମଂଚ ଖୁସି ମନାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହା ଦ୍ୱାରା ଅଫିସର ରାଜକୁ ଶକ୍ତ ଚାପୁଡ଼ା ମାଡ଼ ବସିଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ସ୍ଥିତ ମହତାବ ଭବନ ପରିସରରେ ମୟୂରଭଞ୍ଜ ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗ ୟୁନିଅନ ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟର ରାଜ୍ୟ ସଭାପତି ମନୋଜ ଦାସ ସାମ୍ବାଦିକତା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ସାମ୍ବାଦିକମାନଙ୍କ ସମସ୍ୟା ଏବଂ ସାମ୍ବାଦିକତାର ବିକାଶ ନେଇ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ସାମ୍ବାଦିକମାନଙ୍କ ଏକତା ଓ ସଂଗଠନକୁ ଆହୁରି ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ସଂଘର ସଭାପତି ଅରୁଣ କୁମାର ଓଡା ବିବରଣୀ ଉପସ୍ଥାପନ କରିଥିଲେ । ରାଇରଙ୍ଗପୁର ମହତାବ ଭବନରେ ଆୟୋଜିତ ଏହି ସାଧାରଣ ପରିଷଦ ବୈଠକ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ କଳିଙ୍ଗ ୟୁନିଅନ ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଡେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୋଲିସ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଏବଂ ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ,ସମାଜସେବୀ ଇଂଜିନିୟର ପ୍ରସନ୍ନ କୁମାର ସାହୁ ପ୍ରମୁଖ ମଞ୍ଚାସୀନଥାଇ ସୁଚିନ୍ତିତ ବକ୍ତବ୍ୟପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସହ ଜଡ଼ିତ ଦେଢ ଶହରୁ ଊର୍ଦ୍ଧ୍ୱ କର୍ତ୍ତବ୍ୟରତ ସାମ୍ବାଦିକ ଯୋଗଦେଇଥିଲେ । ସାମ୍ବାଦିକମାନଙ୍କ ପକ୍ଷରୁ ଆଠଗୋଟି ମୌଳିକ ଦାବି ସମ୍ବାନୀୟ ଅତିଥିଗଣଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ସାମ୍ବାଦିକମାନଙ୍କ ଦାବି ଓ ସମସ୍ୟାଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ସହ ଏନେଇ ଆବଶ୍ୟକ ପଦକ୍ଷେପ ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କ ସୁରକ୍ଷା, ସମସ୍ୟାର ସମାଧାନ ଓ ସାମ୍ବାଦିକତାର ବିକାଶ ନେଇ ସଂଗଠିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା । ଜିଲ୍ଲାର ପାଂଚ ଉପଖଣ୍ଡର ୫ ଜଣ ସାମ୍ବାଦିକ ଓ ସଂଗଠନର କେତେକ ବରିଷ୍ଠ ସାମ୍ବାଦିକ ସଦସ୍ୟଙ୍କୁ ସଂଘ ତରଫରୁ ଅତିଥିଗଣ ପୁରସ୍କୃତ କରିଥିଲେ। ସଭା ଶେଷରେ ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ସଂଜୟ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଟ୍ରକ-କାର୍ ମୁହାଁମୁହିଁ; ପ୍ରଧାନ ଶିକ୍ଷକ ଗୁରୁତର

ବାରିପଦା(ଅମୃତମିଡିଆ): ସୋବବାର ବହଳଦା ଥାନା ଅନ୍ତର୍ଗତ ରାଇରଙ୍ଗପୁର-ଟାଟା ଜାତୀୟ ରାଜପଥ ୨୨୦ ନମ୍ବର କାଦୁଆଣୀ - ବାସିଙ୍ଗୀ ମଝିରାସ୍ତା ତିତିଲି ଢାବା ନିକଟରେ କାରକୁ ସାମନାପଟ୍ଟୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର୍ ଚାଳକ ଗୁରୁତର ହେବା ସହ କାର୍ ସମ୍ମୁଖ ଭାଗ ଚୂରମାର୍ ହୋଇଥିବାର ଅଭିଯୋଗ ହୋଇଛି। ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ ନନ୍ଦ

ଗଣେଶ ପୂଜା ଉପଲକ୍ଷେ ରାଇରଙ୍ଗପୁରରୁ ତିରିଂ ସ୍କୁଲ ଅଭିମୁଖେ ନିଜେ କାର ଚଳାଇ ଯାଉଥିବାବେଳେ କାଦୁଆଣି ପାଖରେ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ । ରଞ୍ଜନ ସାର୍ ଘଟଣାସ୍ଥଳରେ ଗୁରୁତର ହେବା ସହ ଅଙ୍ଗକେ ବର୍ତ୍ତି ଯାଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲ ପଠାଇଥିଲେ ।ତାଙ୍କର ଡାହାଣ ଗୋଡ ଓ ହାତ ଭାଙ୍ଗି ଯାଇଛି । ଗୁରୁତର ଯୋଗୁଁ ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ତାଙ୍କର ଶୁଭେଚ୍ଛୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଆସି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ଓ ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ବହଳଦା ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି ।

ବିଦ୍ୟାଳୟରେ ପୂଜା ପାଇଲେ କୁନି କୁନି ହାତରେ ତିଆରି ଗଣେଶ ମୂର୍ତ୍ତି

ବାରିପଦା(ଅମୃତମିଡିଆ): କୁନି କୁନି ପିଲାମାନେ ଦେଖିଥିବା ଓ ଶିଖିଥିବା କାର୍ଯ୍ୟକୁ ଅତି ସହଜରେ ଅନୁକରଣ କରି ନିଜ ପ୍ରତିଭାର ପରିଚୟ ଦେଇପାରନ୍ତି ଓ ବାରିପଦା ସହରର ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ପ୍ରତିବର୍ଷ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜା ଅବସରରେ ନିଜ ହାତରେ ମୂର୍ତ୍ତି ତିଆରି କରି ପୂଜା କରିଥାନ୍ତି ଓ ଚଳିତ ବର୍ଷ ପୂଜାସ୍ଥଳର ସାଜସଜ୍ଜାରୁ ଆରମ୍ଭ କରି ବିଭିନ୍ନ କଳାକୃତି ପର୍ଯ୍ୟନ୍ତ ସବୁକିଛିରେ ପିଲାମାନେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। କୁନି କୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି ଓ ନିଜ ହାତରେ କରାଯାଇଥିବା ସୁନ୍ଦର ସାଜସଜ୍ଜା ଯେକୌଣସି ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରୁଛି। ସୀମିତ ସାଧନ ମଧ୍ୟରେ ପିଲାମାନେ ନିଜର କଳ୍ପନାଶକ୍ତି ଓ ସୃଜନଶୀଳତାକୁ ବ୍ୟବହାର କରି ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଅନ୍ୟମାନଙ୍କଠାରୁ ସେମାନଙ୍କୁ ଅଲଗା ପରିଚୟ ଦେଇଛି।

ବିଶେଷକରି ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରମାନେ ଏହି ମୂର୍ତ୍ତି ତିଆରି ଓ ପୂଜା ସାଜସଜ୍ଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ସମୟ ଦେଇଛନ୍ତି। ପାଠପଢ଼ା ସହିତ ନିଜର କଳା ପ୍ରତିଭାକୁ ବିକଶିତ କରି ବିଦ୍ୟାଳୟ ପାଇଁ ଗର୍ବ ଆଣିଦେବା ସହିତ ସେମାନେ ଅନ୍ୟ ପିଲାମାନଙ୍କ ପାଇଁ ମଧ୍ୟ ପ୍ରେରଣା ପାଲଟିଛନ୍ତି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ କେବଳ ଚିତ୍ରକଳା ଓ ହସ୍ତକଳାରେ ପାରଙ୍ଗମ ନୁହନ୍ତି, ଖେଳକୁଦ, ନୃତ୍ୟ, ସଙ୍ଗୀତ ସମେତ ବିଭିନ୍ନ କ୍ଷେତ୍ରରେ ମଧ୍ୟ ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି। ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି। କୁନି କୁନି ହାତରେ ଗଢ଼ା ମୂର୍ତ୍ତି ଓ ହୃଦୟସ୍ପର୍ଶୀ ସାଜସଜ୍ଜା ମାଧ୍ୟମରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମାଣ କରିଛନ୍ତି ଯେ, ସୁଯୋଗ ମିଳିଲେ ପିଲାମାନଙ୍କ ସୃଜନଶୀଳତା ଚମତ୍କାର ସୃଷ୍ଟି କରିପାରେ ଓ ବିଦ୍ୟାଳୟ ପରିସରରେ ଥିବା ଗଣଶିକ୍ଷା ବିଭାଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ହଷ୍ଟେଲର ଦେବାଶିଷ ଗିରି, ନୀତିକ କୁଣ୍ଡ, ବିଶ୍ୱନାଥ ମହାନ୍ତ, ରାହୁଲ ବେହେରା, ଦେବାଶିଷ କୁଅଁର, ଗୌରାଙ୍ଗ ବେହେରା ଓ ଶିବ ସିଂହ ପ୍ରମୁଖ ସମ୍ପୂର୍ଣ୍ଣ ନେତୃତ୍ୱ ନେଇ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କରିଥିଲେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଶିକ୍ଷକ ସମ୍ମାନିତ

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା

ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ ହୋଇଛନ୍ତି। ବାରିପଦା ରୋଟାରୀ କ୍ଲବ୍ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ସାକ୍ଷରତା ଦିବସ -୨୦୨୬ ପାଳନ ଅବସରରେ ଜିଲ୍ଲାର ୧୫ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ 'ରାଷ୍ଟ୍ର ନିର୍ମାତା ସମ୍ମାନ'ରେ ସମ୍ମାନିତ କରାଯାଇଛି। ବାରିପଦା ରୋଟାରୀ କ୍ଲବ୍ ସଭାପତି ତିମିର କୁମାର ଘୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବର୍ଷାଢ୍ୟ ଉତ୍ସବରେ ପ୍ରାକ୍ତନ ରୋଟାରୀୟାନ ଇନ୍ଦ୍ରଜିତ୍ ସାହୁ ମୁଖ୍ୟ ଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରିନାରାୟଣ ବେହେରା ମୁଖ୍ୟବକ୍ତା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନନୀୟ ଅତିଥି, କ୍ଲବ୍‌ର ସାକ୍ଷରତା ସମିତି ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ବସା ଓ କ୍ଲବ୍ ସଂପାଦକ ସନ୍ଦୀପ ଚାନ୍ଦ ଯୋଗଦେଇ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଅଜିତ କୁମାର ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ଜେନା ବିଜ୍ଞାନ, ପରିବେଶ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଜିଲ୍ଲାର ବହୁ ଶିକ୍ଷାବିତ୍ ଶ୍ରୀ ଜେନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବିଜାତଳାରେ ସାମାଜିକ ଜନଶୁଣାଣି ଶିବିର

ବାରିପଦା(ଅମୃତମିଡିଆ): ବିଜାତଳା ପଂଚାୟତ ସଭାଗୃହଠାରେ ବିଡିଓ ବଂଶୀଧର ଖୋସଲାଙ୍କ ନେତୃତ୍ୱରେ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ବାମନଘାଟି ଉପଖଣ୍ଡର ଉପଜିଲ୍ଲାପାଳଙ୍କ ସହିତ ବିଜାତଳା ବ୍ଲକର ସହକାରୀ ଯନ୍ତ୍ରୀ ଓ ସାମାଜିକ ସମୀକ୍ଷକ ଯୋଗ ଦେଇଥିଲେ। ପଂଚାୟତ କାର୍ଯ୍ୟକାରିଣୀ ସଦସ୍ୟ, ସଦସ୍ୟା ଏବଂ ବନ ବିଭାଗ ବ୍ୟତୀତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଗାଁସାଥୀ(ମେଟ)ସଙ୍ଗ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ସଭାପତି ଆନ୍ତା ମୁର୍ମୁ, ଉପସଭାପତି ରାମଜିତ ହେମ୍ବ୍ରମ, ପାର୍ବତୀ ଟୁଡୁ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରି ଥିଲେ। ମାସିକ ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି, ଖାଲି ଥିବା ଜିଆରଏସ୍ ପଦବୀରେ ଯୋଗ୍ୟ ଗାଁସାଥୀଙ୍କୁ ସଂରକ୍ଷଣ ଭିତିରେ ମୁତୟନ, ଜବ୍ କାର୍ଡଧାରୀମାନଙ୍କୁ ସେମାନଙ୍କ ଡିମାଣ୍ଡ ଆଧାରରେ ବର୍ଷକୁ ୩୦୦ ଦିନର କାମ, ଗାଁ ସାଥୀଙ୍କ ସଠିକ ଡାଟାବେସ୍‌କୁ ରାଜ୍ୟକୁ ପଠାଇବା, ଚିଠି ଅନୁଯାୟୀ ଗାଁସାଥୀଙ୍କୁ ସମସ୍ତ ଜିଓ ଟ୍ୟାଗ୍ କାର୍ଯ୍ୟରେ ଲଗାଇବା, ଗାଁ ସାଥୀ (ମେଟ)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା, ପୂର୍ବପରି ଭିଭିରାମଜୀ ଯୋଜନାରେ ଗାଁ ସାଥୀ(ମେଟ)ଙ୍କ ନାମରେ କାର୍ଯ୍ୟଦେଶ ପ୍ରଦାନ ଆଦି ଦାବି କରାଯାଇଛି।

ହଜିଯାଉଥିବା ଓଡ଼ିଆ ସ୍ୱାଦକୁ ମିଳିବ ନୂଆ ପରିଚୟ

ଗୋଟିଏ

ଶିଶୁ ମନ୍ଦିରରେ ଶ୍ରୀଗଣେଶଙ୍କ ପୂଜନୋତ୍ସବ ଓ ବିଜ୍ଞାନାଗାର ଉଦ୍‌ଘାଟିତ

ଚମ୍ପୁଆ(ଅମୃତ ମିଡିଆ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶ୍ରୀ ଗଣେଶଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଗୁରୁଜୀ ରବୀନ୍ଦ୍ର କୁମାର ପଣ୍ଡା ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଏଥିରେ ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଉପସଭାପତି ସୁରେଶ ଚନ୍ଦ୍ର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଦି ଉପସ୍ଥିତ ଥିଲେ ।

ଏହି ଅବସରରେ ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ବାଗର ସମ୍ପାଦକ ଗଙ୍ଗାଧର କର ଯୋଗ ଦେଇ ବିଦ୍ୟାଳୟର ନୂତନ ବିଜ୍ଞାନାଗାର ଉଦଘାଟନ କରିଥିଲେ ।

ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଭୋଳାନାଥ ମିଶ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କୁଳମଣି ପ୍ରଧାନ, ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ମହାନ୍ତ, ଆଚାର୍ଯ୍ୟା ପ୍ରିୟଦର୍ଶିନୀ ଗିରି, ପଲ୍ଲୀଶ୍ରୀ ଭାର୍ଗବୀ ପ୍ରଧାନ, ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ, ଆଚାର୍ଯ୍ୟ ପଦ୍ମନ କୁମାର ସାହୁ, ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଆଦି ଉପସ୍ଥିତ ଥିଲେ ।

ପୋଲସରାରେ ବୁଲିଲା 'ଉଲ୍ଲାସ' ସଚେତନତା ରଥ

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକରୁ ନବ ସାକ୍ଷର 'ଉଲ୍ଲାସ' ସଚେତନତା ରଥ ବୁଲିଲା। ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ହର୍ଷବାବୁ ଖାଡ଼ଙ୍ଗା ସ୍ଥାନୀୟ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଚେତନତା ବାର୍ତ୍ତା 'ଉଲ୍ଲାସ' ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥୀ ପାତ୍ର, ବିଆରସିସି ଏବିଇଓ ସ୍ୱରୂପ କୁମାର ପାତ୍ର, ବି.ଆର.ଜି. ନିରଞ୍ଜନ ବେହେରା , ୧୧ ଗୋଟି କ୍ଲଷ୍ଟରର ସିଆରସିସି ବୃନ୍ଦ , ଉକ୍ତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କେ. ମମତା କୁମାରୀଙ୍କ ସମେତ ଶିକ୍ଷକ / ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।ଏହି ଅବସରରେ ସଚେତନତା ରଥ ସହିତ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ପ୍ଲାକାର୍ଡ ଓ ସ୍ଲୋଗାନ ଜରିଆରେ ଏକ ସଚେତନତା ରାଲି ମାଧ୍ୟମରେ ସହରବାସୀଙ୍କୁ ସଚେତନ କରାଯାଇଥିଲା। ଉଦ୍ଦେଶ୍ୟ ସରକାରଙ୍କ

ତରଫରୁ ଏହି ସ୍ୱତନ୍ତ୍ର ଶିକ୍ଷା ଯୋଜନା ଜରିଆରେ କୌଣସି ପରିସ୍ଥିତି ବା କାରଣରୁ ଶିକ୍ଷା ଛାଡି ଦେଉଥିବା ବା ଦେଇଥିବା ୧୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବାଳିକା ଏଥିସହିତ ଅଶିକ୍ଷିତ ହୋଇ ରହିଯାଇଥିବା ୨୦ ବର୍ଷ ପର୍ଯ୍ୟନ୍ତ ସର୍ବନିମ୍ନ ଗୋଟାଏ ଚିଠି ପଢି ପାରିବେ ଏବଂ ଲେଖିପାରିବେ ଏହାକୁ ଦୃଷ୍ଟି ସମ୍ମୁଖରେ ରଖି ଶିକ୍ଷିତ କରାଯିବାକୁ ନେଇ କାର୍ଯ୍ୟକାରୀ କରାଯାଇ ଆସୁଅଛି ବୋଲି ବିଇଓ ଖାଡ଼ଙ୍ଗା କହିଥିଲେ।ସୂଚନା ଯୋଗ୍ୟ ଯେ, ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରେ ସମଗ୍ର ପୋଲସରା ବ୍ଲକ ଏବଂ ୨୧ ଗୋଟି ଗ୍ରାର୍ଡ଼ ବିଶିଷ୍ଟ ପୌରପରିଷଦର ୧୩ ହଜାର ଅଶିକ୍ଷିତମାନଙ୍କୁ ଶିକ୍ଷିତ କରାଯିବାକୁ ଲକ୍ଷ ରଖାଯାଇଛି। ଏଣୁ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ସଫଳ କରିବାକୁ ସମସ୍ତ ବିଇଓ କାର୍ଯ୍ୟାଳୟର ଷ୍ଟାଫ୍ ସମସ୍ତ ପ୍ରଧାନ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ସିଆରସିସିମାନଙ୍କୁ ବିଇଓ ପରାମର୍ଶ ଦେଇଥିଲେ।

ଶାଳପଡ଼ାରେ ମାପ ଓଜନ ବିଭାଗ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଆନନ୍ଦପୁର (ଅମୃତ ମିଡିଆ): ଆନନ୍ଦପୁର ମୁନିସିପାଲିଟି ଅନ୍ତର୍ଗତ ଶାଳପଡ଼ା ଠାରେ ମାପ ଓଜନ ବିଭାଗର ନୂତନ କାର୍ଯ୍ୟାଳୟକୁ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀମାନ କୃଷ୍ଣ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ଓ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶାଳପଡ଼ା ଜଳସେଚନ ଡାକବଙ୍ଗଳା।ଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଚଳିତ ଖରିଫ୍ ଧାନ ସଂଗ୍ରହ ପାଇଁ କେନ୍ଦୁଝର ଜିଲ୍ଲାରେ ୯୪ ହଜାରରୁ ଉର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକୃତ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି, ଯାହା ଗତବର୍ଷ ତୁଳନାରେ ୧୫ ହଜାର ଅଧିକ। ସମସ୍ତ ଗରିବ ହିତାଧିକାରୀ କିପରି ସୁରୁଖୁରୁରେ ଚାଉଳ ପାଇପାରିବେ ଏବଂ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖି ଚାଷୀମାନେ ଯେପରି ବିନା ଦୁର୍ଭୋଗରେ ଧାନ ବିକ୍ରି କରିପାରିବେ ବୋଲି ପ୍ରକାଶ କରିଛନ୍ତି , ସେଥିପାଇଁ ମନ୍ତ୍ରୀ ବିଭାଗୀୟ ଅଫିସରମାନଙ୍କୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ, ଘସିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ବରିଷ୍ଠ ନେତା ଶ୍ରୀଧର ସାହୁ, ହେମନ୍ତ କୁମାର ମଲ୍ଲିକ, ପୂର୍ବତନ ନଗରପାଳ ଶାନ୍ତନୁ କୁମାର ସେଠୀ, ପ୍ରଣବ ପୁହାଣ, ସୁରେଶ କୁମାର ସାହୁ, ଯଜ୍ଞ ପ୍ରସାଦ ସାହୁ, ଧବଳେଶ୍ୱର ସାହୁ, ଅନନ୍ତ ବାରିକ, ପ୍ରଣୟିନୀ ବ୍ରହ୍ମା, ଦୀପ୍ତି ସାହୁ, ସତ୍ୟଭାମା ଖୁଣ୍ଟିଆ, ପ୍ରାଣବନ୍ଧୁ ସାହୁ, ନାରାୟଣ ବାରିକ, କପିଳ ମଲ୍ଲିକ ଓ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଅଗ୍ନିଶମ କାର୍ଯ୍ୟାଳୟ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

ବିଭାଗୀୟ ନିର୍ଯାତନା ଅଭିଯୋଗ

ଆନନ୍ଦପୁର (ଅମୃତ ମିଡିଆ): ଘସିପୁରା ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାର୍ଯ୍ୟାଳୟର ତିନି ମହଲା କୋଠା ଉପରୁ ଜଣେ ଅଗ୍ନିଶମ କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସମଗ୍ର ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ସୃଷ୍ଟି କରିଛି। ସମ୍ପୃକ୍ତ କର୍ମଚାରୀ ଜଣକ ହେମାନନ୍ଦ ଦେହୁରୀ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଆଜି ହେମାନନ୍ଦ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ କାର୍ଯ୍ୟାଳୟର ତିନି ମହଲା ଛାତ ଉପରକୁ ଚଢ଼ି ଡେଇଁପଡ଼ିବାକୁ ଉଦ୍ୟମ କରୁଥିଲେ। ଏହା ଦେଖି ସ୍ଥାନୀୟ ଲୋକ ଓ ଅନ୍ୟ କର୍ମଚାରୀମାନେ ତୁରନ୍ତ ଘସିପୁରା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀର ଅନ୍ୟ ସଦସ୍ୟଙ୍କ ସହଯୋଗରେ ବହୁ ବୁଝାସୁଝା କରିବା ସହ କୌଶଳକ୍ରମେ ହେମାନନ୍ଦଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଫଳରେ ଏକ ବଡ଼ ଧରଣର ଅପ୍ରୀତିକର ପରିସ୍ଥିତି ଏଡ଼ାଇ ଯାଇଛି। ତେବେ ଏହି ସମ୍ବେଦନଶୀଳ ପଦକ୍ଷେପ ପଛର କାରଣକୁ ନେଇ ନାନା ଚର୍ଚ୍ଚା ଜାରି ରହିଛି। ଚାକିରି କ୍ଷେତ୍ରରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ କ୍ରମାଗତ ମାନସିକ ନିର୍ଯାତନା ଯୋଗୁଁ ସେ ଅତ୍ୟାଧିକ ଚାପରେ ଥିଲେ ଏବଂ ସେଥିପାଇଁ ଏପରି ନିଷ୍ପତ୍ତି ନେଇଥିବା କର୍ମଚାରୀ ଜଣକ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଛି ।

ସମାଜସେବା ସମର୍ପଣ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ): ଗତ କିଛି ବର୍ଷ ହେବ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ବଡ଼ଷ୍ଠାର ପଞ୍ଚାୟତରୁ ଗଢି ଉଠିଥିବା ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ଦିନକୁ ଦିନ ବିଭିନ୍ନ ପ୍ରକାର ସମର୍ପିତ ,ସମାଜସେବାମୂଳକ, ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ କରି ସାଧାରଣରେ ବେଶ୍ ଆଦରଣୀୟ ହେବାରେ ଲାଗିଛି । ବିଭିନ୍ନ ସମୟରେ ଦୃଃଖୀ,ଦରିଦ୍ର,ନିଃସହାୟଙ୍କ ନିକଟରେ ପହଞ୍ଚି ଏହି ଟ୍ରଷ୍ଟ ନିଜର ସକ୍ଷମ ପୁତାବକ ରାସନ ସାମଗ୍ରୀ , ପିନ୍ଧିବା ବସ୍ତ୍ର,ଜରି ପାଲ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବା ସହିତ ସେମାନଙ୍କ ମୁଖରେ ନିଜକୁ ସାମିଲ କରିଆସୁଅଛି । ସେହିପରି ଭାବେ ରବିବାର ଦିନ ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବଡଷ୍ଠାର ସ୍ଥିତ ପ୍ରସିଦ୍ଧ ମା' ବିଂଶଭୂଜା ଦୁର୍ଗାଙ୍କ ପୀଠରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ପ୍ରତାପ କୁମାର ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉତ୍ସାହ ଚାରିଟେବୁଲ ଟ୍ରଷ୍ଟର

ସଭାପତି ଦେବାଶିଷ ବେହୁରା, ମୁଖ୍ୟବକ୍ତା ଭାବେ ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ କୁଞ୍ଜବିହାରୀ ମଠାଧିଶ ମହନ୍ତ ଅନନ୍ତରାମ ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ ବିଜୟ କୁମାର ବରାଳ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଶ୍ରୀନିବାସ ଚନ୍ଦ୍ର ସ୍ୱାଇଁ, ନାରୀ ନେତ୍ରୀ ଅମ୍ରିତା ସିଂହ, ଯୁବ ସମାଜସେବୀ ରାଜେଶ ସାହୁ, ବିସ୍ମୟ କୁମାର ମହାପାତ୍ର, ଧର୍ମଜିତ୍ ପ୍ରଧାନ, ସନ୍ତୋଷ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସମାଜରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା କଳାକାର, ଆଧ୍ୟାତ୍ମବାଦୀ, ସଂଗୀତ ସାଧକ, ନୃତ୍ୟକାର ଓ ସମାଜର ପ୍ରତିଟି ଘଟଣାକୁ ନିର୍ଭୀକତାର ସହ ନିଜର କଲମ ମୁନରେ ଶାଣିତ କରି ଲୋକଙ୍କ ସ୍ୱରକୁ ଖବର ମାଧ୍ୟମରେ ପରିବେଷଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ଦେବେନ୍ଦ୍ର ଷଡଙ୍ଗୀ, ସୁରେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ମହାପାତ୍ର, ଜଗନ୍ନାଥ ପଣ୍ଡା, କଦ୍ଦରୁ ନାୟକ, ବିଜୟ କୁଅଁର, ପ୍ରମୋଦ କୁମାର ଦାଶ, ପ୍ରକାଶ ଚନ୍ଦ୍ର ରାଉଳ, ପବିତ୍ର କୁମାର ଓଝା, ଭାବଗ୍ରାହୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ,ମାନପତ୍ର, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶେଷରେ ଶିକ୍ଷାବିତ୍ ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦାମୀ କାର୍‌ର ସିରିଜ୍ ଦୁର୍ଘଟଣା

ଜଣେ ମୃତ, ଏକାଧିକ ସ୍ଥାନରେ ଦୁର୍ଘଟଣା

ଭଞ୍ଜନଗର (ଅମୃତ ମିଡିଆ): ନିଶାଗ୍ରସ୍ତ କାର୍ ଚାଳକ ଘଟାଇଲା, ସିରିଜ୍ ଦୁର୍ଘଟଣା । ଜଗନ୍ନାଥପ୍ରସାଦ ଥାନା ବି.ଡି.ପୁର ନିକଟରେ ଅଡେଇଗାଁ ର ଜଣେ ସାଇକେଲ୍ ଆରୋହୀକୁ ଧକ୍କା ଦେଇଥିଲା । ଫଳରେ ସଂପୃକ୍ତ ବ୍ୟକ୍ତି କବିରାଜ ବିଷୋୟୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭଂଜନଗର ମେଡିକାଲରେ ମୃତ ଘୋଷଣା କରିଥିଲେ ଡାକ୍ତର । ପୁଣି ଦ୍ରୁତ ଗତିରେ ଯାଉଥିବା କାରଟି କୁଶାପଡା ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା । ସେଠାରୁ ପୁଣି ପଞ୍ଚଭୁତି ଗାଁ ନିକଟରେ, ଗୋଟିଏ ଗାଈକୁ ଧକ୍କା ଦେଇଥିଲା । ସେଠାରେ ଗାଈର ମୃତ୍ୟୁ ହୋଇଥିଲା । ଏହାପରେ ଉଦିପୁର ଗାଁ ନିକଟରେ ଭାରସାମ୍ୟ ହରାଇ କାର ଟି ଓଲଟି ପଡିଥିଲା । ସେଠାରେ ସ୍ଥାନୀୟ ଲୋକେ ଏବଂ ପୋଲିସ ପହଞ୍ଚି, କାର୍ ଚାଳକ ସମେତ ସେଥିରେ ବସିଥିବା ୩ ଜଣଙ୍କୁ ଉଧାର ପରେ ସେମାନଙ୍କୁ ଥାନାରେ ଅଟକ ରଖାଯାଇଛି । ସୂଚନା ପ୍ରକାରେ କାର୍ ଟି କୋରାପୁଟ ରୁ ଭଂଜନଗର ଭଂଜନଗର ଦେଇ ନୟାଗଡ଼ ଅଭିମୁଖେ ଯାଉଥିଲା । କାର୍ ଚାଳକ ସମେତ ସେଥିରେ ବସିଥିବା ସମସ୍ତେ ମଦ୍ୟପାନ କରିଥିବା କୁହାଯାଉଛି । ଦୁର୍ଘଟଣାଗ୍ରସ୍ତ କାର୍ କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ଜଗନ୍ନାଥପ୍ରସାଦ ଥାନା ପୋଲିସ ।

ତାତିଲେ ମହିଳା, ଭାଙ୍ଗିଲେ ମଦଭାଟି

ମୋହନା (ଅମୃତ ମିଡିଆ): ଗାଁରେ ଚାଲିଥିଲା ମଦ ଭାଟି। ଏନେଇ ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି ହେବା ଯୁବପିଢୀ ପଥଭ୍ରଷ୍ଟ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ବି କାହାର ନିଦ ଭାଙ୍ଗି ନ ଥିଲା। ଶେଷରେ ବାଧ୍ୟହୋଇ ଗାଁର ମହିଳାମାନେ ଏକାଠି ହୋଇ ନଦୀ କୂଳରେ ପହଞ୍ଚି ବେଆଇନ ଭାବେ ଚାଲିଥିବା ଦେଶୀ ମଦ ଭାଟିକୁ ଭାଙ୍ଗି ଦେଇଛନ୍ତି। ଏପରିକି ମହିଳମାନେ ରନ୍ଧା ହୋଇଥିବା ମଦ, ପୋଚ ନଷ୍ଟ କରି ମଦ ତିଆରି ପାଇଁ ବ୍ୟବହୃତ ସାମଗ୍ରୀକୁ ଗାଁକୁ ଉଠାଇ ଆଣିଥିଲେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଜପତି ଜଲା ମୋହନା ବ୍ଲକ ଅନ୍ତର୍ଗତ ଗରଡମା ପଞ୍ଚାୟତ ପଦାସାହି ଗାଁରେ । ତେବେ ସବୁଠୁ ବଡ଼ ପ୍ରଶ୍ନ ଯେଉଁ କାମ ଅବକାରୀ ବିଭାଗ କରିବା କଥା, ସେହି କାମ ଗାଁର ମହିଳାମାନଙ୍କୁ କାହିଁକି କରିବାକୁ ପଡ଼ିଲା ତାଙ୍କୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ନଦୀ କୂଳରେ ଚାଲିଥିଲା ବେଆଇନ ମଦ ଭାଟି। ଦିନେ ନୁହେଁ, ଦୀର୍ଘଦିନ ଧରି ଏଠାରେ ମହୁଲି ମଦ ପ୍ରସ୍ତୁତି ହୋଇ ବିକ୍ରି ହେଉଥିଲା । ଗାଁର ହାଡ଼ି ବିଷୋୟା ଏହି କାରବାର ଚଳାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ମଦ ବିକ୍ରିକୁ ନେଇ ଗାଁରେ ଅଶାନ୍ତି ବଢୁଥିବା ବେଳେ ମଦ ପିଇ ଘରେ ଘରେ କଳି, ଝଗଡ଼ା ଓ ପାରିବାରିକ ସମସ୍ୟା ବଢ଼ିବାରେ ଲାଗିଥିଲା। ଶେଷରେ ମହିଳାମାନେ ଆରମ୍ଭ କରିଥିଲେ ମଦ ଭାଟି ହଟାଅ ଅଭିଯାନ। ମହିଳାମାନେ ରବିବାର ଏକାଠି ହୋଇ ନଦୀ କୂଳରେ ଚାଲିଥିବା ଭାଟି ନିକଟରେ ପହଞ୍ଚିଲେ। ପରେ ମହିଳାମାନେ ମଦ ଭାଟି ଭାଙ୍ଗିଦେଲେ। ଘଟଣା ପରେ ଅବକାରୀ ବିଭାଗର କାର୍ଯ୍ୟକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ଯେଉଁ ବ୍ୟକ୍ତି ମଦ ରାନ୍ଧିବା ସହ ବେଆଇନ ଭାବେ ବିକ୍ରି କରୁଥିଲେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାକୁ ନେଇ ସମସ୍ତଙ୍କ ନଜର।

ହିନ୍ଦୀ ପଖୱାଡ଼ା ପାଳନ

ଭଞ୍ଜନଗର (ଅମୃତ ମିଡିଆ): ଡି.ଏ.ଭି. ପିଟି. ଏସ୍.ଆର୍ ପବ୍ଲିକ୍ ସ୍କୁଲ୍, ଭଞ୍ଜନଗରରେ ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ପଖୱାଡ଼ା ଆଡମ୍ବରସହ କାରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ହସ୍ତାକ୍ଷର, ଶ୍ରୁତିଲେଖନ, କବିତା ପାଠ, ହିନ୍ଦୀ ବ୍ୟାକରଣ, ନିବନ୍ଧ ଲେଖନ ଓ ସମ୍ବାଦ ବାଚନ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ମାନସ ରଞ୍ଜନ ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷାର ମହତ୍ତ୍ୱ ବିଷୟରେ ପ୍ରେରଣା ଦେଇଥିଲେ। ହିନ୍ଦୀ ବିଭାଗର ଶ୍ରୀ ଗୋପାଳ କୃଷ୍ଣ ଗୌଡ଼, ଶ୍ରୀମତୀ ରାଜଲକ୍ଷ୍ମୀ ଡାଙ୍ଗୁଆ ଏବଂ ଶ୍ରୀମତୀ ଅର୍ପିତା ରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଆଦର୍ଶ ଚାଷୀଙ୍କ ଏକାଦଶାହରେ ସ୍ମୃତିସଭା

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ଆଦର୍ଶ ଚାଷୀ ସ୍ୱର୍ଗତ ସୁନାକର ପ୍ରଧାନଙ୍କ ଏକାଦଶାହ ତିଥି ଅବସରରେ ଏକ ସ୍ମୃତି ସଭା ତାଙ୍କ ରାମକୃଷ୍ଣପୁର ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ଅନନ୍ତ କିଶୋର ମଲ୍ଲ, ସୁଧାଂଶୁ ଶେଖର ମଲିକ, ଉତ୍ତମ ଚରଣ ମଲିକ,ଆଲୋକ ଚନ୍ଦ୍ର ପ୍ରଧାନ, ସମରେନ୍ଦ୍ର ରାଉତ, ଚି□ରଂଜନ ନାୟକ,ବ୍ରଜବନ୍ଧୁ ପ୍ରଧାନ,ରଘୁନାଥ ପ୍ରଧାନ,ଯୋଗେନ୍ଦ୍ର ପ୍ରଧାନ, ଶ୍ରୀଚରଣ ରାଉତ,କୁଳମଣୀ ରାଉତ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ପ୍ରଧାନଙ୍କ ପୁତ୍

।।। ୧୬୭ ଦିନରେ ଦର୍ଶନ ଅଧିକାର ପଦଯାତ୍ରା ।।।

ଶ୍ରୀଗଣେଶ ପୂଜାରେ ଦୃଢ଼ ସଂକଳ୍ପ, ଏକତା ଓ ନ୍ୟାୟସଙ୍ଗତ ଦାବି

ପୁରୀ (ବ୍ୟୁରୋ): ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପାଇଁ ସହଜ, ସ୍ୱତନ୍ତ୍ର, ସ୍ଥାୟୀ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥାର ଦାବିରେ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୧୬୭ ଦିନରେ ପହଞ୍ଚିଛି । ଦୀର୍ଘଦିନ ଧରି ଚାଲିଥିବା ଏହି ଅହିଂସାପୂର୍ଣ୍ଣ ସତ୍ୟାଗ୍ରହ ପୁରୀବାସୀଙ୍କ ଦୃଢ଼ ସଂକଳ୍ପ, ଏକତା ଓ ନ୍ୟାୟସଙ୍ଗତ ଦାବିର ପ୍ରତୀକ ହୋଇଛି । ଆଜି ପବିତ୍ର ଗଣେଶ ଚତୁର୍ଥୀ । ବିଘ୍ନବିନାଶକ ଶ୍ରୀଗଣେଶଙ୍କ ଆରାଧନାର ଏହି ପବିତ୍ର ଦିନରେ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପାଠରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ପରେ ପଡିତପାବନଙ୍କ ଦର୍ଶନ କରି ପୁରୀବାସୀଙ୍କ ଦୀର୍ଘଦିନର ଦାବିର ଶୀଘ୍ର ସମାଧାନ ଏବଂ ସମସ୍ତଙ୍କ ମଙ୍ଗଳ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଗତ ୧ ଏପ୍ରିଲ ଉତ୍କଳ ଦିବସରୁ ଭକ୍ତ ସାଲବେଗ ପାଠରୁ ଆରମ୍ଭ ହୋଇଥିବା ଏହି ସଚେତନତା ପଦଯାତ୍ରା ପ୍ରତିଦିନ ପୁରୀବାସୀଙ୍କ ଅଧିକାର ଓ ଭାବନାର ସ୍ୱରକୁ ଦୃଢ଼ କରିଆସୁଛି। ଶ୍ରୀମନ୍ଦିର ପୁରୀର ଜନଜୀବନ, ପରମ୍ପରା, ସଂସ୍କୃତି ଓ ଭାବନା ସହ ଅତୁଟ ଭାବେ ଜଡ଼ିତ। ତେଣୁ ପୁରୀବାସୀଙ୍କ ପାଇଁ ଏକ ସ୍ଥାୟୀ, ସୁବ୍ୟବସ୍ଥିତ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥା କରାଯିବା ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୬୭ ଦିନ ଧରି ଆମର ଅହିଂସାପୂର୍ଣ୍ଣ ପଦଯାତ୍ରା ଜାରି ରହିଛି। ଏହା କେବଳ ଏକ ପଦଯାତ୍ରା ନୁହେଁ, ଏହା ପୁରୀବାସୀଙ୍କ ଭାବନା ଓ ନ୍ୟାୟସଙ୍ଗତ ଦାବିର ଏକ ଶାନ୍ତିପୂର୍ଣ୍ଣ ସ୍ୱର। ଆମେ କାହାର ବିରୋଧୀ ନୁହେଁ। ସତ୍ୟ, ଶାନ୍ତି ଓ ଅହିଂସାର ପଥରେ ରହି ସରକାରଙ୍କ ନିକଟରେ ଆମର ଦାବି ରଖୁଛୁ। ପୁରୀବାସୀଙ୍କ ଭାବନାକୁ ସମ୍ମାନ ଦେଇ ସରକାର ଏକ ସ୍ଥାୟୀ ସମାଧାନର ବ୍ୟବସ୍ଥା କରନ୍ତୁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମର ଅହିଂସାପୂର୍ଣ୍ଣ ସତ୍ୟାଗ୍ରହ ଜାରି ରହିବ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଶିବସୁନ୍ଦର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ଯାଦବାନନ୍ଦ ରାୟ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ଗଦାଧର ମହାରଣା, ଅଞ୍ଜୁବାଳା ମହାନ୍ତି, ଭାରତୀ ମହାନ୍ତି, ମମତା ଦାସ, ମମତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ବରୁଣ ମହାପାତ୍ର, କାଶୀନାଥ ସାହୁ, ଅମ୍ରିତ ସାମନ୍ତରାୟ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ।

ବାଟମଙ୍ଗଳାରେ ଶ୍ରୀଗଣେଶ ପୂଜା

ପୁରୀ (ବ୍ୟୁରୋ): ବାଟମଙ୍ଗଳା ନିକଟରେ ଶ୍ରୀଗଣେଶ ପୂଜା ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ପାଳିତ ହୋଇଛି। ଏଠାରେ ନିର୍ମିତ ଶ୍ରୀଗଣେଶ ମ୍ୟୁଜିୟମ୍‌ଟି ପୁରୀ ଓଲ୍ଡ ସାଦରଥାନାର ଶ୍ରୀମତୀ ଓ ଶ୍ରୀ ଦିନବନ୍ଧୁ ସାହୁ ଏବଂ ତାଙ୍କ ପରିବାରବର୍ଗଙ୍କ ଦ୍ୱାରା ନିର୍ମିତ। ପୂଜା ଅବସରରେ ତାଙ୍କ

ପରିବାରବର୍ଗ, ବନ୍ଧୁବର୍ଗ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଏଥିସହିତ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି, ସମ୍ପାଦକ ଓ ବହୁ ସଦସ୍ୟ, ଜଣେ ପ୍ରଫେସରଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଏହି ପବିତ୍ର ପୂଜାରେ ଯୋଗଦେଇ ଶ୍ରୀଗଣେଶଙ୍କ ଦର୍ଶନ ଲାଭ କରିଥିଲେ। ଶ୍ରୀଗଣେଶଙ୍କ ଆଶୀର୍ବାଦରେ ଏହି ପବିତ୍ର ସ୍ଥାନଟି ଆଗାମୀ ଦିନରେ ଆହୁରି ସୁନ୍ଦର ଓ ଭକ୍ତିମୟ ହୋଇଉଠୁ—ଏହା ସମସ୍ତଙ୍କର ମଙ୍ଗଳକାମନା।

ରାମକୃଷ୍ଣ ବିଦ୍ୟା ନିକେତନରେ ଶ୍ରୀଗଣେଶ ପୂଜନ



ପୁରୀ (ବ୍ୟୁରୋ):ଆଜି ହେଉଛି ଶ୍ରୀ ଗଜାନନ ତଥା ପ୍ରଭୁ ଗଣେଶଙ୍କ ଜନ୍ମଦିନ । ଶ୍ରୀ ସିଦ୍ଧି, ବୁଦ୍ଧି ଓ ବିଦ୍ୟାର ଦେବତା ରୂପେ ଗଣେଶ ବୈଦିକ ଧର୍ମରେ ଅଗ୍ରପୂଜ୍ୟ। ପୁରୀ ବାଲିଘାଟ ସ୍ଥିତ ରାମକୃଷ୍ଣ ବିଦ୍ୟା ନିକେତନରେ ଶ୍ରୀଗଣେଶ ପୂଜନ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ସଂପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ପୂଜା କାର୍ଯ୍ୟରେ ଯୋଗଦାନ କରି କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ତୁଲାଇଥିଲେ । ଏହାପରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୁନି କୁନି ଛାତ୍ର ଛାତ୍ରୀ ମାନେ ବିଘ୍ନ ବିନାଶକ ଙ୍କ ନିକଟରେ ନଡ଼ିଆ ବାଡେଇ ଆଶୀର୍ବାଦ ଭିକ୍ଷା କରିଥିଲେ ।ନୂତନ ଭାବେ ବିଦ୍ୟା ଅଧ୍ୟୟନ କରିବାକୁ ଆସୁଥିବା କୁନି କୁନି ପିଲା ମାନଙ୍କର ଆଜି ଖଡ଼ିଛୁଆଁ କାର୍ଯ୍ୟ ସମ୍ପନ୍ନ କରାଯାଇଛି ।ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ସଦସ୍ୟ ବୃନ୍ଦ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯଥା - ମଞ୍ଜୁଲତା ବେହେରା, ପ୍ରମୋଦିନୀ ସାହୁ, ସୁରେନ୍ଦ୍ର କୁମାର ନାୟକ, ରଜନୀକାନ୍ତ ଜୟସିଂହ, ଶୁଭେନ୍ଦୁ କୁମାର ମାନସିଂହ, ନିଳୀମା ଦାସ, ଲିଜା ନାୟକ, ଶକୁନ୍ତଳା ସ୍ୱାଇଁ, ତନୁଜା ପଟି, ସାଗରିକା ତ୍ରିପାଠୀ , ଶ୍ରଦ୍ଧାଞ୍ଜଳୀ ମିଶ୍ର, ଆସ୍ଥା ମହାନ୍ତି,ଝୁମୁରି ପାତ୍ର ପରିଚାଳନା କରିଥିଲେ। ପରିଶେଷ ରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସସ୍ମିତା ପଟ୍ଟନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଘ୍ନ ବିନାଶକଙ୍କ ନିକଟରେ ଭୋଗ ଲାଗି କରାଯାଇଥିବା ପ୍ରସାଦକୁ ପିଲା ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରୀ ଶ୍ରୀ ଶ୍ରୀ ଗଜାନନ ପୂଜା

ପୁରୀ (ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମି ବିଦ୍ୟାଳୟ, ଘୋ ଘୋଡ଼ାବଜାର, ପୁରୀ ପରିସରରେ ଶ୍ରୀ ଶ୍ରୀ ଶ୍ରୀ ଗଜାନନଙ୍କର ପୂଜନ ଉତ୍ସବ ଆନନ୍ଦ ଉଲ୍ଲାସର ସହି ପାଳିତ ହୋଇ ହୋଇଯାଇଅଛି । ଏହି ଅବସରେ ପୂଜା ମଣ୍ଡପକୁ ଅତି ସୁନ୍ଦର ଭାବେ ପୁଷ୍ପ ପତ୍ର, ରଙ୍ଗିନ କାଗଜ ଓ ଆଲୋକ ମାଳାରେ ସଜାଯାଇଥିଲା । ଗଣେଶ ପୂଜା (ଗଣେଶ ଚତୁର୍ଥୀ) ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ, ଯାହା ବିଦ୍ୟା, ବୁଦ୍ଧି, ସମୃଦ୍ଧି ସମୃଦ୍ଧି ଓ ବିଘ୍ନ ବିନାଶକ ପ୍ରଭୁ ଶ୍ରୀ ଗଣେଶଙ୍କ ଜନ୍ମୁଉତ୍ସବ । ସନାତନ ଧର୍ମରେ ପ୍ରଭୁ ଗଣେଶଙ୍କୁ ପ୍ରଥମ ପୂଜ୍ୟର ମାନ୍ୟତା ମିଳିଛି, ତେଣୁ ଯେକୌଣସି ଶୁଭ କାର୍ଯ୍ୟ ପୂଜା ପାଠ ପୂର୍ବରୁ ପ୍ରଥମେ ଗଣେଶଙ୍କର ଆରାଧନା କରାଯାଏ । ଏହି ଦିନ ଶ୍ରଦ୍ଧାଳୁମାନେ ନୂତନ କାର୍ଯ୍ୟର ସଫଳତା ପାଇଁ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ମାନନୀୟ ଶ୍ରୀଯୁକ୍ତ ଅରବିନ୍ଦ ଶତପଥୀ କର୍ତା ରୂପେ ଯଜ୍ଞ ରେ ଉପବେଶନ କରିଥିଲେ । ପରିଚାଳନା ସମିତିର ସଭାପତି ଡଃ ଅଭିମନ୍ୟୁ ଭୂୟାଁଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ବୃନ୍ଦ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନନୀୟ ଶ୍ରୀଯୁକ୍ତ ଅରବିନ୍ଦ ଦାସ ଶ୍ରୀ ଗଜାନନଙ୍କ ପୁଷ୍ପାଞ୍ଜଳି ପ୍ରଦାନ କରି ବିଦ୍ୟାଳୟର ତଥା ଶିଶୁମାନଙ୍କର ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରିଥିଲେ । ଏହି ଦିବସରେ ସମସ୍ତ ଶିଶୁ ସେମାନଙ୍କର ପିତାମାତା, ଶୁଭେଚ୍ଛୁ, ସଂଘ ଓ ବିବିଧ କ୍ଷେତ୍ରରେ କାର୍ଯ୍ୟକର୍ତ୍ତା ବୃନ୍ଦ ଗଣମାଧ୍ୟମ ଭାଇ ଭାଉଣୀମାନେ, ପଡୋଶୀ, ବାହନଚାଳକ, ପୂର୍ବଛାତ୍ର, ମାତୃଭାରତୀ, ସ୍କାଉଟ ଗାଇଡ଼, ବାଳଭାରତୀ, କନ୍ୟାଭାରତୀ ଭଗନୀଗଣ ଉପସ୍ଥିତ ରହି ଶୃଙ୍ଖଳାର ସହ ପୂଜନ କାର୍ଯ୍ୟ ସମାପନ କରାଯାଇଥିଲା । ଶ୍ରୀ ଶ୍ରୀ ଗଜାନନଙ୍କ ପୂଜନ ଉତ୍ସବ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସମସ୍ତ ଶୃଙ୍ଖଳା କାର୍ଯ୍ୟ ସମାପନ ହୋଇଥିଲା । ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ଶତଦ ପଟିଆରୀଙ୍କ ତତ୍ୱାବଧାନରେ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ତଥା ଶୁଭେଚ୍ଛୁଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ପରିଶେଷରେ ପରିଚାଳନା ସମିତିର ସଂପାଦକ ଶ୍ରୀଯୁକ୍ତ ଅରବିନ୍ଦ ଶତପଥୀ ଆଜିର ଉତ୍ସବର ସମସ୍ତ ଶିଶୁମାନଙ୍କୁ ତଥା ଅତିଥିଗଣକୁ ସାଦର ପୂର୍ବକ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ ।

ମଧୁବନ ସରସ୍ୱତୀ ବିଦ୍ୟା ମନ୍ଦିରରେ ଗଣେଶ ପୂଜନ

ପୁରୀ (ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀ ସ୍ଥିତ ବୌଦ୍ଧିକ ମଣ୍ଡପ ପରିସରରେ ବିଦ୍ୟାଦାତା ଓଁ ଶ୍ରୀ ଶ୍ରୀ ଗଣପତିଙ୍କର ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଅଛି । ଗଜାନନଙ୍କ ପୂଜନ ଉତ୍ସବରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରତ୍ନାକର ସାହୁ ମହୋଦୟ ହୋମସ୍ଥଳରେ କର୍ଷା ଭାବରେ ଯୋଗ ଦେଇଥିଲେ । ଉପସଭାପତି ମାନନୀୟ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସାହୁ ମହୋଦୟ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମିଶ୍ର ମହୋଦୟ ପୂଜନ ଉତ୍ସବରେ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ସଂକୁଳ ଓ ଅନ୍ୟାନ୍ୟ ବିଦ୍ୟାଳୟର କାର୍ଯ୍ୟକର୍ତ୍ତା ଓ ଗୁରୁଜୀ ଗୁରୁମା ଗଣ, ପୁରୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଗଣ, ବିଦ୍ୟାଳୟର ବମାନ ପରିଚାଳନା ସମିତିର ସଭ୍ୟ ଓ ସଭ୍ୟା ଗଣ, ବିଦ୍ୟାଳୟର ପୂର୍ବ ପରିଚାଳନା ସମିତିର ସଭ୍ୟ ସଭ୍ୟା ଗଣ, ବିଦ୍ୟୁତ୍ ପରିଷଦର ସଭ୍ୟ ସଭ୍ୟା ଗଣ, ନୂତନ ଗଠିତ ମାତୃଭାରତୀ ସଂଗଠନର ସମସ୍ତ ସଦସ୍ୟା ଗଣ, ସଭାପତି ଓ ସମ୍ପାଦକ, ଏଥିସହିତ ବିଦ୍ୟାଳୟର ପୂର୍ବ ଛାତ୍ର/ଛାତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରେଣୀ ସାହା ବିଦ୍ୟାଳୟର ଶିଶୁ ଭାଇ ଭଉଣୀଗଣ ପୁଷ୍ପାଞ୍ଜଳି ଅର୍ପଣ କରି ଗଣପତିଙ୍କର ଆଶୀର୍ବାଦ ଲାଭପୂର୍ବକ ପ୍ରସାଦ ସେବନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ / ଗୁରୁମା ତଥା ସେବକ ସେବିକା ମାନଙ୍କ ସହଯୋଗରେ ଗଣେଶ ପୂଜନ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଅଛି ।

ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନ ଶୁଭାରମ୍ଭ

ପୁରୀ (ବ୍ୟୁରୋ): 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ବିଷୟବସ୍ତୁ ସହିତ ୧୨ ସେପ୍ଟେମ୍ବର ୨୦୨୬ ରେ ଅନ୍ତରଙ୍ଗର ପୀର ଜାହାନିଆ ସମୁଦ୍ର ବେଳାଭୂମିରେ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ - ୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୨ ରୁ ୧୯ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ସପ୍ତାହବ୍ୟାପୀ ଉପକୂଳ ସଫେଇ ଅଭିଯାନର ଶୁଭାରମ୍ଭ ହୋଇଛି। ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ବେଳାଭୂମିର ଗୁରୁତ୍ୱ ଏବଂ ଉପକୂଳ ପରିବେଶ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ୱଚ୍ଛତା ଅଭିଯାନର ଅଂଶ ସ୍ୱରୂପ ପ୍ରାୟ ୧୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଧିକାରୀ, ସ୍ୱେଚ୍ଛାସେବକ, ଛାତ୍ର ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ବେଳାଭୂମି ଅଞ୍ଚଳରୁ ପ୍ଲାଷ୍ଟିକ୍ ଅଳିଆ, ପରିତ୍ୟକ୍ତ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆବର୍ଜନା ସଂଗ୍ରହ କରିବା ଏବଂ ଏହାର ଉପଯୁକ୍ତ ବିସ୍ଥାପନ ସୁନିଶ୍ଚିତ କରିବାରେ ଅତ୍ୟନ୍ତ ଉତ୍ସାହ ଏବଂ ସମର୍ପିତତା ଦେଖାଇଥିଲେ।

ଉତ୍କଳ ବଟପନ୍ ସ୍କୁଲରେ ବିଘ୍ନ ବିନାଶକଙ୍କ ପୂଜା

ପୁରୀ (ବ୍ୟୁରୋ): ପୁରୀ ଦତତୋଟା ସ୍ଥିତ ଉତ୍କଳ ବଟପନ୍ ସ୍କୁଲ ପରିସରରେ ମଧ୍ୟ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର ପୂଜା କାର୍ଯ୍ୟରେ ଯୋଗଦାନ କରି କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଏହାପରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୁନି କୁନି ଛାତ୍ର ଛାତ୍ରୀ ମାନେ ବିଘ୍ନ ବିନାଶକ ଙ୍କ ନିକଟରେ ନଡ଼ିଆ ବାଡେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ନୂତନ ଭାବେ ବିଦ୍ୟା ଅଧ୍ୟୟନ କରିବାକୁ ଆସୁଥିବା କୁନି କୁନି ପିଲା ମାନଙ୍କର ଆଜି ଖଡ଼ି ଛୁଆଁ କାର୍ଯ୍ୟ ସମ୍ପନ୍ନ କରାଯାଇଛି ।ସମସ୍ତ

କାର୍ଯ୍ୟକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରିନା ରାୟ, ରାଜକୁମାରୀ କୁଣ୍ଡୁ, କବିତା ଦାସ, ସୁପ୍ରଭା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।ଶେଷରେ ବିଘ୍ନ ବିନାଶକ ଙ୍କ ନିକଟରେ ଭୋଗ ଲାଗି କରାଯାଇଥିବା ପ୍ରସାଦ କୁ ପିଲା ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

ସାରଦା ମହିଳା ହଷ୍ଟେଲରେ ଶ୍ରୀଗଣେଶ ପୂଜା

ପୁରୀ (ବ୍ୟୁରୋ): ଆଜି ହେଉଛି ପବିତ୍ର ଗଣେଶ ଚତୁର୍ଥୀ ବା ଗଣେଶ ପୂଜା । ଶ୍ରୀ ଗଜାନନ ଙ୍କ ପୂଜା ପାଇଁ ଚଳଚଞ୍ଚଳ ଗାଁ ଠାରୁ ସହର । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ପର୍ବ ଧୁମଧାମ୍ ରେ ପାଳିତ ହେଉଥିବା ବେଳେ ପୁରୀ ପୁରୁଣା ସଦର ଥାନା ରୋଡ ସ୍ଥିତ ସାରଦା ମହିଳା ହଷ୍ଟେଲ ପରିସରରେ ଏହି ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏଥିରେ ହଷ୍ଟେଲର ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦାନ କରି କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ସମାପନ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମକୁ ହଷ୍ଟେଲ ର ଛାତ୍ରୀ ସ୍ୱପ୍ନା ବେହେରା, ବର୍ଷା ଦଳେଇ, ସୋନାଲି ଜେନା, ପ୍ରଜ୍ଞା ପରମିତା ଜେନା, ଲାବନ୍ୟବତୀ ପାତ୍ର, ରୋଜି ରାମ, ପଲ୍ଲୀନା ପ୍ରିୟଦର୍ଶିନୀ ସାହୁ, ଐଶ୍ୱର୍ଯ୍ୟା ସାହୁ, ଶୁଭସ୍ମିତା ବେହେରା, ଶୁଭଲକ୍ଷ୍ମୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହଷ୍ଟେଲ ର ଛାତ୍ରୀ ଆଶ୍ରିତା ପ୍ରଧାନ ଗଣେଶ ବେଶ ଧାରଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଟପନ ସ୍କୁଲ ର ଶିକ୍ଷୟତ୍ରୀ ରୀନା ରାୟ, ରାଜକୁମାରୀ କୁଣ୍ଡୁ,କବିତା ଦାସ,ପ୍ରୟାସ ଟିଭିର ସସ୍ମିତା ଦାସ, କ୍ରିଷ୍ଣା ଆଚାର୍ଯ୍ୟ,ସୁଜିତ ମହାପାତ୍ର,ସୁଧାଂଶୁ କର,ସରୋଜ ମହାନ୍ତି, ଦିବ୍ୟ ରଞ୍ଜନ ବିଶୋଇ ପ୍ରମୁଖ ଯୋଗଦାନ କରିଥିଲେ ।

ଆଖଣ୍ଡଳମଣି ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀଗଣେଶ ପୂଜନ

ପୁରୀ (ବ୍ୟୁରୋ): ନବକଳେବର ରୋଡ ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଦାତା ପ୍ରଭୁ ଶ୍ରୀଗଣେଶଙ୍କ ପୂଜନ ଶ୍ରଦ୍ଧା ଭକ୍ତିର ସହ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ସମରେନ୍ଦ୍ର ମିଶ୍ର, ସମ୍ପାଦକ ରାଜକିଶୋର ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟା ମମତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗୀନ ଝାଲରେ ସହ ବିଭିନ୍ନ ଫୁଲ ଓ ଆମ୍ବପାଲରେ ପୂଜା ପରିସର ସଜ୍ଜିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ସହକାରୀ ଆଚାର୍ଯ୍ୟା ସବିତା ଦାଶ, ପ୍ରତିମା ରଥ, ପୁଷ୍ପଲତା ପଡିଆରୀ, ଶ୍ରଦ୍ଧାଞ୍ଜଳି ମହାନ୍ତି, ଅନିତା ପ୍ରିୟଦର୍ଶିନୀ ମହାରଣା, ନିତୁ ସିଂ, ମନିଷା ମିଶ୍ର, ଶୁଭଲକ୍ଷ୍ମୀ ପ୍ରଧାନ, ସ୍ନେହା ସାହୁ, ଐଶ୍ୱର୍ଯ୍ୟା ମାଣିକ, ଆଚାର୍ଯ୍ୟ ପ୍ରଭୁବଉ ରାଉତ, ଚିତ୍ରାଙ୍ଗଦା ପରିଡା, ଲିପା ଦାଶ, କବିତା ନାୟକ, ସ୍ୱାଗିକା ପ୍

ପ୍ରଭୁ ଶ୍ରୀଗଣେଶଙ୍କ ଶୁଭ ଆବିର୍ଭାବ ଦିବସ ପାଳନ'ର ତାତ୍ପର୍ଯ୍ୟ

କୁନଲତା ତ୍ରିପାଠୀ

ସାଧାରଣ ଭାବେ ଗଣେଶ ଶବ୍ଦଟିର ଅର୍ଥ ହେଉଛି ଗଣଙ୍କର ଈଶ । ଗଣ ଏକ ସମୂହ ବାଚକ ଶବ୍ଦ । ଏହା ନର ସୁର , ପଶୁ, ପକ୍ଷୀ, ଭୂତ, ପ୍ରେତ ଇତ୍ୟାଦିଙ୍କୁ ବୁଝାଇପାରେ । ସାମଗ୍ରିକ ଭାବେ ଯିଏ ଏହାର ଆଗଧାଡିର ନେତୃତ୍ୱ ନେଇ ଇଷ୍ଟ ଭାବେ ଗ୍ରାହ୍ୟ ହୁଅନ୍ତି ସେ ହେଉଛନ୍ତି ଈଶ । ତାଙ୍କର ଅନ୍ୟ ଏକ ନାମ ଗଣପତି ଅର୍ଥାତ ଗଣଙ୍କର ସ୍ୱାମୀ । ଅଯୋନି ସମ୍ଭୁତ ପ୍ରଭୁ ଶ୍ରିଗଣେଶ ଅଦ୍ୟାଶକ୍ତି ମାତା ଗୌରିଦେବୀଙ୍କର ଅଂଶ ଭାବେ ତାଙ୍କ ଅଙ୍ଗ ମୌଳୀରୁ ଜାତ ହୋଇଛନ୍ତି । ପୁରାଣ ଏହି ଆଖ୍ୟାୟିକାଟି କେବଳ ଗଳ୍ପରେ ସୀମିତ ନୁହେଁ । ଏହାର ତାତ୍ପର୍ଯ୍ୟ ମହତ୍ୱପୂର୍ଣ୍ଣ । ଏକ ତାତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଏ ସୃଷ୍ଟି ଚକ୍ରରେ ଦେବାଦେବୀଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟକ ମାନବ, ଜୀବ ଜନ୍ତୁଙ୍କର ସୃଷ୍ଟିରେ ଏ ଜଗତର ରହସ୍ୟମୟ ଦିଗ ଉନ୍ମୋଚିତ ହୁଏ । ଯିଏ ଆଦ୍ୟାଶକ୍ତି ଜଗତ ମାତା ସେ ସ୍ୱାମୀ ଶିବ ଭକ୍ତ (ଦାସ) ନନ୍ଦୀଙ୍କର ସାମାନ୍ୟତମ ଅବଜ୍ଞାକୁ ସହ୍ୟ କରିପାରି ନଥାନ୍ତେ ? ମାତା ପାର୍ବତୀ ପ୍ରତିକ୍ରିୟାଶିଳା ହୋଇ ନିଜ ପ୍ରତି ଏକାନ୍ତ କୃତଜ୍ଞ ରହିବା ପାଇଁ ନିଜ ତନୁରେ ଲେପ ଦେଇ ଛଡାଉଥିବା ହଳଦୀକୁ ଏକତ୍ର କରି ଏକ ପିତୁଳା ଗଢି ତାକୁ ଜୀବଦାନ ଦେଇଛନ୍ତି । ଏହି ଦିନଟି ହିଁ ଗଣେଶ ଚତୁର୍ଥୀ । ଏହି ଜୀବଦାନ ଦେବା ଭିତରେ ନିଶ୍ଚିତ କିଛି ଗୂଢ ତତ୍ୱ ନିହିତ ରହିଛି । ଯଦି ଆମେ ଶରୀର ତତ୍ୱକୁ ଯିବା ଷଡଚକ୍ର ମଧ୍ୟରେ ଗଣପତିଙ୍କର ଅବସ୍ଥାନ ମୂଳାଧାର ଚକ୍ରରେ । ଗଣପତିଙ୍କର ଏହି ସ୍ଥାନକୁ ଆଧାର ଚକ୍ର ମଧ୍ୟ କୁହାଯାଏ । ଯୋଗ ସାଧନ ସମୟରେ ମୂଳାଧାର ଚକ୍ରରେ ହିଁ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୁଏ ଓ ଆଜ୍ଞା ଚକ୍ରରେ ଯୋଗି ପରମହଂସ ଅବସ୍ଥା ପ୍ରାପ୍ତ ହୁଏ । ସମାଧିସ୍ଥ ହେବା ଆରମ୍ଭରୁ ଶ୍ରୀଗଣେଶ ହିଁ ବିଦ୍ୟମାନ ଥାନ୍ତି । ଆବିର୍ଭାବ ଦିବସକୁ ଗଣେଶ ଚତୁର୍ଥୀ ବା ବିନାୟକ ଚତୁର୍ଥୀ ରୂପେ ମହାସମାରୋହରେ ପାଳନ କରାଯାଏ । ଗଣେଶ ଯେତେବେଳେ ମାତା ପାର୍ବତୀଙ୍କ ଆଜ୍ଞା ପାଳନ କରି ତାଙ୍କ ସାଧନାରେ ବ୍ୟାଘାତ ହେବାକୁ ନ ଦେବା ପାଇଁ ପ୍ରଭୁ ରୁଦ୍ରଙ୍କୁ ଗୁମ୍ଫା ଭିତରକୁ ପ୍ରବେଶ କରିବାକୁ ବାରଣ କରିଛନ୍ତି ଓ ତାଙ୍କ କ୍ରୋଧର ଶିକାର ହୋଇ ମୃତ୍ୟୁ ବରଣ ସେତେବେଳେ ଅହଙ୍କାରର ଫଳ କେତେ ମାରାତ୍ମକ ହୋଇପାରେ ଏଥିରୁ ପ୍ରମାଣିତ ହୋଇଛି । ହାତୀ ଏକ ପଶୁ ହୋଇ ମଧ୍ୟ ତାର ଶୀର ଆସି ଗଣେଶଙ୍କ ଗ୍ରୀବାରେ ସଂଯୁକ୍ତ କରାଯାଇ ଅଗ୍ରପୂଜ୍ୟ ଗଜାନନ ଦେବତା ରୂପେ ଆରାଧ୍ୟ ହୋଇ ପରିଛନ୍ତି । ଏହାର ତାତ୍ପର୍ଯ୍ୟ ପଶୁ ମଧ୍ୟ ଦେବତା ହୋଇ ପାରନ୍ତି । ଜୀବ ଓ ଜଗତ ଏକାକାର । ଏହି ପୂଜା ଅର୍ଚନା ଶୁଭ ଅବସରରେ ଆମ ପାଇଁ ଗଜାନନଙ୍କୁ ଦର୍ଶନ କଲାବେଳେ ତାହା ଅଙ୍ଗୀକାର କରିବା ବାଞ୍ଛନୀୟ । ଗଣେଶଙ୍କର ଏକଦନ୍ତ ଦର୍ଶନରେ ଆମ୍ଭେ ପ୍ରଭୁ ପର୍ଶୁରାମଙ୍କର ସୃତି ଚାରଣ ମଧ୍ୟ କରୁ । ଗଣେଶ ପର୍ଶୁରାମଙ୍କର ପର୍ଶୁ ଆଘାତରେ ଏକ ଦନ୍ତ ହରାଇଥିବା ସତ୍ୱେ ନିର୍ଦ୍ଦେଶ ପାଳନ ପ୍ରତିଜ୍ଞାରୁ ଓହରି ନାହାନ୍ତି । ଏହି ଦୃଢ ସଂକଳ୍ପ ଗଣେଶ ନିଜ ବୁଦ୍ଧି ବଳରେ ପୃଥିବୀ ପରିକ୍ରମା ବଦଳରେ ନିଜ ପିତା ଶଙ୍କର ଭଗବାନଙ୍କୁ ପରିକ୍ରମା କରି ଜ୍ୟେଷ୍ଠ ଭ୍ରାତା କୁମାର କାର୍ତ୍ତିକେୟଙ୍କୁ ସୃଷ୍ଟି ପରିକ୍ରମାରେ ହରାଇଦେଇଛନ୍ତି । ପିତାଙ୍କ-ମାତାଙ୍କ ଆଶୀର୍ବାଦ ଲାଭକରି ଅଗ୍ରପୂଜ୍ୟ ଭାବରେ ପ୍ରତିଷ୍ଠା ଲାଭକରି ଜ୍ଞାନର ଭଣ୍ଡାର ହୋଇ ଗଣମାନଙ୍କ ଦ୍ୱାରା ସେବ୍ୟ ହୋଇଛନ୍ତି । ଗଣେଶ ଚତୁର୍ଥିକୁ ଏକ ଗଣ ପର୍ବ ଭାବରେ ବୃଦ୍ଧ ଠାରୁ ଶିଶୁ ପର୍ଯ୍ୟନ୍ତ ନଗର ଠାରୁ ପୁର-ପଲ୍ଲୀ ଯାଏ, ମଠ, ମନ୍ଦିର ଅନୁଷ୍ଠାନ ଏମିତିକି ଘରେ ଘରେ ପ୍ରତି ବ୍ୟକ୍ତି ତାର ପୂଜା ଆରାଧନା ମାଧ୍ୟମରେ ଭକ୍ତି-ପୂତ ନୈବେଦ୍ୟ ଅର୍ପଣ କରେ । ଗଣେଶ

ଚତୁର୍ଥି ଦିନଟି ଶୁଭଂକର ଏବଂ କଲ୍ୟାଣ କାରକ । ଜ୍ଞାନ-ବୁଦ୍ଧି ଦାତା ଭାବରେ ଆରାଧ୍ୟ 'ଗଣାଧକ୍ଷ୍ୟ' ଯେତିକି ଭକ୍ତଙ୍କ ପାଇଁ ବରଦ- ବିଘ୍ନ ବିନାଶକ ଭାବରେ ଭକ୍ତର ସର୍ବ ଶଙ୍କଟ ମୋଚନ କରିବାରେ ମଧ୍ୟ ଅଭୟ ଦାତା ଭାବରେ ସିଦ୍ଧହସ୍ତ । ଗଣେଶ ପ୍ରଭୁ ଆରମ୍ଭର ଆରମ୍ଭ ଭାବେ ବିରାଜିତ । ବିଭିନ୍ନ କାରଣ ପାଇଁ ବଡ ଉଲ୍ଲାସରେ ଭାବାବେଗ ଓ ଆନନ୍ଦର ସହିତ ସମସ୍ତେ ପ୍ରଭୁଙ୍କ ଉପସନାରେ ବ୍ରତୀ ହୁଅନ୍ତି । ମୁଖ୍ୟ ପଞ୍ଚଦେବ –'ଗଣେ ନାରାୟଣ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା ଭିନ୍ନ ଭିନ୍ନ ନ କର୍ତ୍ତବ୍ୟ ପଞ୍ଚଦେବ ନମୋସ୍ତୁତେ' । । ହିନ୍ଦୁ ଧର୍ମାବଲମ୍ବୀମାନେ ଯେକୌଣସି ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ କଳସ ସ୍ଥାପନ କରିଥାନ୍ତି । କଳସ ମଧ୍ୟରେ ଗଣେଶଙ୍କ ଆରାଧନା ଶୁଭ ସୂଚକ ଭାବରେ ଗ୍ରହଣ କରାଯାଏ । ମଙ୍ଗଳକାରକ ଗଣେଶ ଲଡୁ ପ୍ରିୟ - ଏଠାରେ ଏକ ଶ୍ଲୋକ ଅବତାରଣା କରାଯାଇପାରେ । 'ଶିବ ଜଳାଧାର ପ୍ରିୟ, ଅଳଙ୍କାର ପ୍ରିୟ ବିଷ୍ଣୁ, ମୋଦକାଂକ୍ଷୀ ଶ୍ରୀ ଗଣେଶ, ଭାନୁ ନମସ୍କାର ପ୍ରିୟ' । ଏହି ଶୁଭ ଆବିର୍ଭାବ ଦିବସରେ ଗଣେଶଙ୍କୁ ବିଭିନ୍ନ ପ୍ରକାରର ଲଡୁ ଯଥା ରାଶି ଲଡୁ, ଖସା ଲଡୁ, ବୁନ୍ଦି ଲଡୁ, ନଡିଆ ଲୋଡୁ ଇତ୍ୟାଦି ଭୋଗକରାଯାଏ । ଏହି ଲଡୁ ପ୍ରସାଦକୁ ଶ୍ରଦ୍ଧାଳୁମାନଙ୍କୁ ବିତରଣ ମଧ୍ୟ କରାଯାଏ । ହିନ୍ଦୁଧର୍ମାବଲମ୍ବୀ ଏହି ମୁଖ୍ୟ ପାଞ୍ଚ ସମ୍ପ୍ରଦାୟରେ ଯେଉଁମାନେ ଗଣପତିଙ୍କୁ ମୁଖ୍ୟ ଆରାଧ୍ୟ ଭାବରେ ଗ୍ରହଣ କରନ୍ତି ସେମାନଙ୍କୁ ଗାଣପତ୍ୟ, ନାରାୟଣଙ୍କୁ ମୁଖ୍ୟ ଆରାଧ୍ୟ (ସେବ୍ୟ) ଭାବରେ ଗ୍ରହଣ କରୁଥିବା ସମ୍ପ୍ରଦାୟକୁ ବୈଷ୍ଣବ, ରୁଦ୍ରଙ୍କୁ ଆରାଧନା କରୁଥିବା ସମ୍ପ୍ରଦାୟକୁ ଶୈବ, ମାତା ଅଦ୍ୟାଶକ୍ତିଙ୍କ ଉପାସନା କରୁଥିବା ସମ୍ପ୍ରଦାୟକୁ ଶାକ୍ତ ଭାବେ ଓ ସୂର୍ଯ୍ୟ ଙ୍କୁ ଉପାସ୍ୟ ଭାବେ ଗ୍ରହଣ କରୁଥିବା ସମ୍ପ୍ରଦାୟକୁ ସୂର୍ଯ୍ୟଉପାସକ ଭାବରେ ଗ୍ରହଣ କରାଯାଏ । ହିନ୍ଦୁ ଧର୍ମାବଲମ୍ବୀମାନେ ଯେକୌଣସି ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ କଳସ ସ୍ଥାପନ କରିଥାନ୍ତି । କଳସ ମଧ୍ୟରେ ଗଣେଶଙ୍କ ଆରାଧନା ଶୁଭ ସୂଚକ ଭାବରେ ଗ୍ରହଣ କରାଯାଏ । ଗଣେଶଙ୍କୁ ବନ୍ଦନା କରି ଭକ୍ତ ଗାନ କରେ -

ବନ୍ଦଇ ଦେବୀ ପାର୍ବତୀ ପୁତ୍ର ଗଜାନନ ଅଯୋନି ସମ୍ଭୁତ ଦେବ ଅତି ମନୋରମ
ଲମ୍ବ ଉଦରେ ପୃଥୁଳ ବପୁ ସୁକୁମାର ଏକଦନ୍ତେ ମହାକାୟ ପ୍ରଭୁ ବିଘ୍ନେଶ୍ୱର
କପୋଳେ ଶୋଭିତ ଚନ୍ଦ୍ର ଶ୍ରୀଖଣ୍ଡ ଚନ୍ଦନ ପଦ ପାତେ ପୟରେ ନୂପୁର ରୁଣ ଝୁଣ
ଅଯୋନିଶମ୍ଭୁତ ଗୌରୀ ମାତା ଅଙ୍ଗ ମୌଳି ଗଣାଧକ୍ଷ ସୁରାଧକ୍ଷ ସର୍ବ ବିଘ୍ନହାରୀ
ବିଦ୍ୟା, ବୁଦ୍ଧି, ସମୃଦ୍ଧିର ମାର୍ମିକ ମହକେ ନିନାଦିତ ନାମେ ଅମୃତତ୍ୱ ବିନାୟକେ
ସୁନ୍ଦର ତାଣ୍ଡବ ତାଳେ ଅପୂର୍ବ ନର୍ତ୍ତନ ତୁମ ଆଶିଷେ ଜୀବନେ ଶୁଭୁ ଜୟଗାନ
ଶୁଭଂକର ହେଉ ଆବିର୍ଭାବ ଏ ଦିବସସର୍ବମୁଖେ ଆନନ୍ଦରେ ଫୁଟିଉଠୁ ହସ
ପ୍ରେମାନନ୍ଦେ ଭକ୍ତିଭାବେ ମନରେ ପ୍ରକାଶ ପ୍ରକୃତି ପୁରୁଷ ମଧ୍ୟେ ରହୁ ସାମଞ୍ଜସ୍ୟ
ପଦ ପଙ୍କଜେ ପ୍ରଭୁ ହେ ଏହି ନିବେଦନ । ସମ୍ପ୍ରତି ପୃଥିବୀ ଯେଉଁ ସଙ୍କଟମାନ ଦେଇ ଦେଇ ଗତି କରୁଛି, ସେ ସର୍ବବିଘ୍ନ ଓ ବାଧା ପ୍ରଭୁ ବିଘ୍ନବିନାଶକ ହରଣ କରନ୍ତୁ
ଓ ଏହି ପୁଣ୍ୟ ଆବିର୍ଭାବ ଦିବସରେ ଶୁଭଫଳ ପ୍ରଦାୟକ ହୁଅନ୍ତୁ ଏହା ହିଁ ପ୍ରଭୁଙ୍କ ଅଭୟ ଚରଣାରବିନ୍ଦରେ କାମନା ।

ଜଟକ
ମୋ-୮୩୩୯୦୫୧୧୭୩

ଶ୍ରୀ ଗଣେଶ ବନ୍ଦନା

ତନୁଜ ମଲଣା

ପ୍ରଣାମ ଗଜାନନ ବିଘ୍ନ ବିନାଶନ, ସିଦ୍ଧିଦାତା ହେ ଲମ୍ବୋଦର,
ଉତ୍କଳ ଭୂମିର ପୁଣ୍ୟ ପୀଠରେ ଶୋଭେ ତୁମ୍ଭ ରୂପ ମନୋହର।
ଭାଦ୍ରବ ପବିତ୍ର ଶୁକ୍ଳ ଚତୁର୍ଥୀରେ ଅର୍ଘ୍ୟ ଡାଳେ ଆଜି ଏ ବିଶ୍ୱ,
ଶୁଭ୍ର ଭାବ ପ୍ରଭୁ ବନ୍ଦନା କରୁଛି, ରଖ ହେ ମାଟିର ଯଶ ?
ମହାବିନାୟକ ମହିମା
ବାରୁଣାବନ୍ତର ପବିତ୍ର ଶୈଳରେ, ମହାବିନାୟକ ଜ୍ୟୋତି,
ଶିବ-ବିଷ୍ଣୁ-ଦୁର୍ଗା-ସୂର୍ଯ୍ୟ-ଗଣେଶ, ପଞ୍ଚଦେବତାର ସ୍ଥିତି।
ଯାଜପୁର ସୀମେ ତୁମ୍ଭେ ସ୍ୱୟଂପ୍ରକାଶ, ଅନାଦି ପରମ ବ୍ରହ୍ମ,
ଦର୍ଶନ ମାତ୍ରେକ ଦୂର ହୁଏ ପ୍ରଭୁ, ସଂସାରର ସବୁ ଭ୍ରମ ?
(ବୁଢା ଗଣେଶ ଓ ବିରଜା କ୍ଷେତ୍ର)
ବିରଜା ମଣ୍ଡଳେ ପ୍ରାଚୀନ ରୂପରେ, ବିରାଜିତ ବୁଢା ଗଣେଶ,
କୃଷ୍ଣ ପ୍ରସ୍ତରର ଭାସ୍କର୍ଯ୍ୟ କାଳଜୟୀ, ସୁନ୍ଦର ଚାରୁ ଅଶେଷ।
ସହସ୍ର ବରଷର ଇତିହାସ କହେ, ତୁମ୍ଭ ଶରଣାପନ୍ନ ଯିଏ,
ତୁମ୍ଭ କୃପାବଳେ ଭବ ସାଗରରୁ, ପାରି ସେ ସହଜେ ହୁଏ ?
(କାଞ୍ଚି ଗଣେଶ ଓ ଶ୍ରୀକ୍ଷେତ୍ର)
ପୁରୀ ଶ୍ରୀମନ୍ଦିର ରୋହିଣୀ ତୀରରେ, ବଢିଜ କାଞ୍ଚି ଗଣରାଜ,
ବୀର ଗଜପତି ଆଣିଥିଲେ ତୁମ୍ଭଙ୍କୁ, ରଖିବାକୁ ଜାତି ଲାଜ।
ନାଟ୍ୟ ଭଙ୍ଗୀରେ ତୁମ୍ଭେ ନୃତ୍ୟରତ, ହେ ପ୍ରଭୁ ବଘ୍ନେଶ୍ୱର,
ତୁମ୍ଭ ପାଦପଦ୍ମ ଦର୍ଶନେ ପବିତ୍ର, ଶ୍ରୀକ୍ଷେତ୍ର ସାରା ପ୍ରାତୀର ?
ଖଣ୍ଡଗିରି-ଉଦୟଗିରି
ଉଦୟଗିରିର ଐତିହାସିକ ଗୁମ୍ଫା, ଖୋଦିତ ପଥର କାୟା,
କଳିଙ୍ଗ ଇତିହାସ ତୁମ୍ଭେ ସାକ୍ଷୀ ପ୍ରଭୁ, ଅଲୌକିକ ତୁମ୍ଭ ମାୟା।
ମୂଷିକ ବାହନ ମୋଦକ ହସ୍ତରେ, ଶୋଭେ ଶଶିଭାଲ ରୂପ,
ତୁମ୍ଭରି ଚରଣେ ଅର୍ପିତ ଏ ମାଟି, ଜାଳଇ ଭକ୍ତିର ଧୂପ ?
ପ୍ରଣତି
ଜ୍ଞାନ, ବୁଦ୍ଧି, ସିଦ୍ଧି ପ୍ରଦାନକାରୀ ହେ ପ୍ରସନ୍ନ ହୁଅ ଗୋସାଇଁ,
ଏ ଉତ୍କଳ ଭୂମି ସଦା ସୁଖ ଥାଉ, ତୁମ୍ଭ କୃପା ଆଶିଷ ପାଉ।
ଧୂପ, ଦୀପ, ନେବେଦ୍ୟ ସହକାରେ ପ୍ରଭୁ ଗାଉଛି ତୁମରି ଗୀତ,
ହର ପାପ-ତାପ, କର ଦୁଃଖ ନାଶ, ହେ ମୋର ପରମ ମିତ ?

ପାରାଦୀପ, ମୋ: ୯୦୬୪୮୨୦୯୧୧

ଗଣେଶ ଗଣନାୟକ

ଅଲେଖ ପ୍ରସାଦ ମହାନ୍ତି

ଆସିଛି ଭାଦ୍ରବ ମାସ ପବିତ୍ର ଚତୁର୍ଥୀ ତିଥି
ଧରଣୀ ଉଲ୍ଲାସ ଆକି ଆଗମନେ ଗଣପତି ।।
ସର୍ବେ ଉତ୍ସବ ମୁଖର ପୁଲକଭରା ହୃଦୟ
ପାଳିବେ ଜୟନ୍ତୀ ତାଙ୍କ ପୁଣ୍ୟ ତିଥି ମଧୁମୟ ।।
ଗଉରୀ ନନ୍ଦନ ସିଦ୍ଧି ବୁଦ୍ଧି ମୁକ୍ତି ଦେବତା
ଅଗ୍ରପୂଜ୍ୟ ମହାକାୟ କୋଟି ବ୍ରହ୍ମାଣ୍ଡ କରତା ।।
ଅଯୋନି ସମ୍ଭୂତ ଦେବ ସର୍ବ ବିଘ୍ନ ବିନାଶକ
ଆଦିଗୁରୁ ନିରଞ୍ଜନ ସକଳ ଶୁଭ କାରକ ।।
ବିଦ୍ୟାର ପରମ ଧ୍ୱନି ଅନନ୍ତ ଆଶିଷ ଦାତା
ଭକ୍ତ ।ଆ କଳ୍ପତରୁ ହରନ୍ତୁ ଜୀବନ ବ୍ୟଥା ।।
ମହିମାର ମହାମେରୁ ମହା ମହୀୟାନ ଦେବ
କ୍ଷମାକର ଅବଗୁଣ ଶରଣ ପଶିଲି ତବ ।।
ଅପସରି ଅନ୍ଧକାର ଅନ୍ତରେ ମିଳୁ ପ୍ରକାଶ
ଅଜ୍ଞାନ ଆଚ୍ଛନ୍ନ ମନେ ବହୁ ଜ୍ଞାନର ସୁବାସ ।।
ତବ କରୁଣା କେବଳ ଶାନ୍ତ ଶୀତଳ ସୁନ୍ଦର
ଅହଙ୍କାର କାରାଗାରୁ ଚୈତନ୍ୟ ପାଉ ଉଦ୍ଧାର ।।
ଅସ୍ଥିର ମନ ଔଷଧ ତୁମ ନାମ ସଂକୀର୍ତ୍ତନ
ସୁଧାରସ ପାନ କରି ଧନ୍ୟ ହେଉ ଏଜୀବନ।।
ମିଳୁ ଶାନ୍ତିନିକେତନ କାମନା ହେଉ ପୂରଣ
ହୃଦୟରେ ଭରିଦିଅ ଭକତି ପୀରତି ଗୁଣ ।।
ଦୟା କ୍ଷମାର ସାଗର ଆନନ୍ଦ ଅମୃତ ଧାର
ସତ୍ୟ ଧର୍ମ ନ୍ୟାୟ ପଥେ ଚିତ୍ତ ରହୁ ନିରନ୍ତର ।।
ବିନମ୍ର ଶ୍ରଦ୍ଧା ମଣ୍ଡିତ ହେଉ ମାନବ ଚରିତ୍ର
କାଳ କାଳ ବକ୍ରତୁଣ୍ଡ ହୁଅନ୍ତୁ ପରାଣଚିତ୍ର ।।

ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ -୯୯୩୭୦୩୩୨୩୨

ବିଘ୍ନହର୍ତ୍ତା ଶ୍ରୀଗଣେଶ

ପ୍ରଭାତ କୁମାର ମହାପାତ୍ର

ଶାରଦୀୟ ଦୁର୍ଗୋତ୍ସବର କୋଳାହଳ ପୂର୍ବରୁ ପ୍ରକୃତିର ଅଙ୍ଗରେ ଯେତେବେଳେ ଭାଦ୍ରବର ଶୁକ୍ଳ ଚତୁର୍ଥୀ ଉଇଁଆସେ, ସେତେବେଳେ ସମଗ୍ର ଉତ୍କଳଭୂମି ତଥା ଭାରତବର୍ଷ ଏକ ଅପାର ଆଧ୍ୟାତ୍ମିକ ଚେତନାରେ ଝଙ୍କୃତ ହୋଇଉଠେ। ଘରେ ଘରେ, ଗାଁର ପ୍ରତିଟି ମଣ୍ଡପରେ ଏବଂ ସ୍କୁଲ-କଲେଜରେ ଆବାହନ ହୁଅନ୍ତି ବିଘ୍ନହର୍ତ୍ତା ଗଜାନନ। ମାତ୍ର ଗଣେଶ ପୂଜା କେବଳ କେତୋଟି ମାଟିର ମୂର୍ତ୍ତି ଗଢ଼ି ପ୍ରସାଦ ବାଣ୍ଟିବାରେ ସୀମିତ ନୁହେଁ; ଏହା ମାନବ ଜୀବନର ଉନ୍ନତି ଓ ଆଧ୍ୟାତ୍ମିକ ଉତ୍ଥାନ ପାଇଁ ଏକ ଗଭୀର ତାତ୍ତ୍ୱିକ ଦର୍ଶନ। ଗଣେଶଙ୍କର ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗ ଏବଂ ତାଙ୍କର ବାହନ ମୂଷା ସମାଜ ଓ ବ୍ୟକ୍ତିବିଶେଷଙ୍କ ପାଇଁ ଗୋଟିଏ ଗୋଟିଏ ଜୀବନ ଦର୍ଶନର ବାର୍ତ୍ତା ବହନ କରିଥାଆନ୍ତି।ପ୍ରଥମତଃ, ଗଣେଶଙ୍କର ବିଶାଳ ହାତୀ ମୁଣ୍ଡ ପ୍ରଜ୍ଞା, ବୁଦ୍ଧି ଏବଂ ସଚେତନତାର ପ୍ରତୀକ। ହାତୀ ଅରଣ୍ୟର ଏପରି ଏକ ପ୍ରାଣୀ, ଯିଏ ବଶର ସମସ୍ତ ବାଧାବିଘ୍ନ ଓ ଲତା-ବୁଦାକୁ ଚକଟି ନିଜ ପାଇଁ ନୂତନ ମାର୍ଗ ସୃଷ୍ଟି କରି ଚାଲେ। ସେହିପରି ମଣିଷ ଜୀବନର ଜଟିଳ ପଥରେ ଆସୁଥିବା ସମସ୍ତ ପ୍ରତିବନ୍ଧକକୁ ନିଜର ବିବେକ ଓ ଜ୍ଞାନ ବଳରେ ଦୂର କରି ଆଗକୁ ବଢ଼ିବାକୁ ଏହା ପ୍ରେରଣା ଯୋଗାଏ। ତାଙ୍କର ବଡ଼ କାନ ଦୁଇଟି ଶ୍ରବଣର ମହତ୍ତ୍ୱକୁ ବୁଝାଏ—କମ୍ କହିବା ଏବଂ ଅଧିକ ଶୁଣିବା, ବିଶେଷକରି ଜ୍ଞାନୀ ଓ ଗୁରୁଜନଙ୍କ ବାଣୀକୁ ଗ୍ରହଣ କରିବା ହେଉଛି ପ୍ରକୃତ ଜ୍ଞାନର ଆଧାର। ସେହିପରି ଛୋଟ ଆଖିଗୁଡ଼ିକ ଗଭୀର ଏକାଗ୍ରତା ଓ ସୂକ୍ଷ୍ମ ଦୃଷ୍ଟିଭଙ୍ଗୀର ପରିଚାୟକ, ଯାହା ବାହ୍ୟ ଆକର୍ଷଣରୁ ମନକୁ ହଟାଇ ଭିତରକୁ ଦୃଷ୍ଟିପାତ କରିବା ଶିଖାଏ।ଦ୍ୱିତୀୟତଃ, ତାଙ୍କର ବିରାଟ ଉଦର ବା ପେଟ ବ୍ରହ୍ମାଣ୍ଡର ବିସ୍ତୃତି ଏବଂ ସହନଶୀଳତାର ସୂଚକ। ସଂସାରରେ ଭଲ-ମନ୍ଦ, ସୁଖ-ଦୁଃଖ ଯାହାସବୁ ଘଟୁନା କାହିଁକି, ସେସବୁକୁ ନିଜ ଭିତରେ ହଜାଇଦେବା ବା ହଜମ କରିପାରିବାର କ୍ଷମତା ଜଣେ ମଣିଷ ପାଖରେ ରହିବା ଆବଶ୍ୟକ। ସମାଜରେ ପ୍ରତ୍ୟେକ ବ୍ୟକ୍ତିକୁ ଗ୍ରହଣ କରିବାର ଉଦାରତା ଏହି ବିଶାଳ ପେଟରୁ ହିଁ ଶିକ୍ଷା ମିଳେ। ଆଉ ତାଙ୍କର ଲମ୍ବୋଦର ସହିତ ଜଡ଼ିତ ହାତର ବକ୍ର ଶୁଣ୍ଡ ହେଉଛି ଶକ୍ତି ଏବଂ ନମନୀୟତାର ସମନ୍ୱୟ। ଶୁଣ୍ଡ ଯେପରି ଗୋଟିଏ ଦିଗରେ ବିଶାଳ କାଠଗଡ଼ିକୁ ଉଠାଇ ପାରେ ଏବଂ ଅନ୍ୟ ଦିଗରେ ଏକ କୋମଳ ଫୁଲକୁ ବି ଆସ୍ତେକିନା ତୋଳି ପାରେ, ଜୀବନରେ କଠୋରତା ଏବଂ କୋମଳତାର ସନ୍ତୁଳନ ସେହିପରି ରଖିବାକୁ ପଡ଼ିଥାଏ।ତୃତୀୟତଃ, ଗଣେଶଙ୍କ ବାହନ ଭାବରେ ମୂଷାର ଚୟନ ଅତ୍ୟନ୍ତ ରହସ୍ୟମୟ ଓ ଗଭୀର ଅର୍ଥବହ। ମୂଷା ସର୍ବଦା କିଛି ନା କିଛି କାଟି ଚାଲିଥାଏ, ଯାହାକି ମଣିଷର ଅଶାନ୍ତ ମନ ଏବଂ ଅହଂକାରର ପ୍ରତୀକ। ମଣିଷର ମନ ମୂଷାପରି ଚଞ୍ଚଳ ଏବଂ ସବୁକିଛି ନଷ୍ଟ କରିବାକୁ ପ୍ରସ୍ତୁତ ଥାଏ। ମାତ୍ର ବିଘ୍ନହର୍ତ୍ତା ସେହି ଚଞ୍ଚଳ ମୂଷାକୁ ନିଜ ପାଦତଳେ ନିୟନ୍ତ୍ରଣ କରି ବାହନ ରୂପେ ବ୍ୟବହାର କରିଛନ୍ତି। ଏହାର ଅର୍ଥ ହେଲା— ମନକୁ ମାରିବା ନୁହେଁ, ବରଂ ମନକୁ ନିଜ ନିୟନ୍ତ୍ରଣାଧୀନ କରି ତାହାକୁ ଜ୍ଞାନର ମାର୍ଗରେ ପରିଚାଳିତ କରିବା। ଯେତେବେଳେ ମନ ନିୟନ୍ତ୍ରିତ ହୁଏ, ସେତେବେଳେ ତାହା ଆଉ ବିନାଶକ ନ ହୋଇ ଗତିଶୀଳତାର ମାଧ୍ୟମ ପାଲଟିଯାଏ।ସାଂପ୍ରତିକ ସମାଜରେ ଗଣେଶ ପୂଜାର ତାତ୍ତ୍ୱିକ ଅର୍ଥ ଆହୁରି ଅଧିକ ପ୍ରାସଙ୍ଗିକ। ଆଜିର ଯାନ୍ତ୍ରିକ ଯୁଗରେ ମଣିଷ ନିଜର ବିବେକ, ସହନଶୀଳତା ଏବଂ ମାନବିକ ମୂଲ୍ୟବୋଧକୁ ହରାଇ ବସୁଛି। ଚତୁର୍ଦ୍ଦିଗରେ ଅଶାନ୍ତି, ପ୍ରତିଯୋଗିତା ଏବଂ ଅହଂକାରର ବାତାବରଣ। ଏଭଳି ସ୍ଥିତିରେ ଗଣପତିଙ୍କ ଆରାଧନା କେବଳ ପୂଜାପାଠରେ ସୀମିତ ନ ରହି, ଆମ ଭିତରେ ଥିବା ଅଜ୍ଞାନତା, ଆଳସ୍ୟ ଏବଂ ସଂକୀର୍ଣ୍ଣତା ରୂପକ ବିଘ୍ନଗୁଡ଼ିକୁ ବିନାଶ କରିବାର ଏକ ସଂକଳ୍ପ ହେବା ଉଚିତ। ପ୍ରକୃତ ଗଣେଶ ପୂଜା ସେତେବେଳେ ସଫଳ ହେବ, ଯେତେବେଳେ ଆମେ ତାଙ୍କର ଦର୍ଶନକୁ ନିଜର ଦୈନନ୍ଦିନ ଜୀବନରେ ଆଚରଣଗତ କରିପାରିବା ଏବଂ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ସମାଜ ଗଠନ ଦିଗରେ ନିଜକୁ ନିୟୋଜିତ କରିବା।

ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ
କୋରାପୁଟ ମୋବାଇଲ -୭୮୯୪୦୦୫୪୫୫

ଆହେ ଗଜାନନ

■ ସୁଧାକର ରାଉତ

ନମୋ ନମୋ ଗଣନାଥ ଗଉରୀ ନନ୍ଦନ
ଏକଦନ୍ତ ଲମ୍ବୋଧର ବିଘ୍ନ ବିନାଶନ ।
ବକ୍ରତୁଣ୍ଡ ମ

ভুবনেশ্বর(পুরভা) : পুরী জগন্নাথ মন্দিরের রত্নভাণ্ডার ১৪ বছর পর খোলা হচ্ছে। তার আগে রত্নভাণ্ডারের দায়িত্বে থাকা ৩ জন পুলিশ কর্মী ও বিশেষজ্ঞদের নিয়ে তৈরি হচ্ছে বিশেষ দল। সোমবার থেকে ভিতরের ঘরগুলি খুঁটিয়ে দেখবে তারা। তারপরে ধাপে ধাপে ভিতরের সমস্ত রত্নভাণ্ডার খোলা হবে। ভিতরে কী কী রয়েছে তার তালিকা তৈরি করবে তারা। ১৯৭৮ সালে শেষবার রত্নভাণ্ডার খোলা হয়েছিল। তখন ভিতরের ঘরগুলি খোলা হয়নি। ভিতরের ঘরগুলি খোলার পর ভিতরে কী কী রয়েছে তার তালিকা তৈরি করা হবে। তালিকা তৈরি করবে ১৬ জনের একটি বিশেষজ্ঞ দল। তাদের মধ্যে ৩ জন পুলিশ কর্মী রয়েছেন। ১৬ জনের দলটি ৪ ভাগে ভাগ হয়ে কাজ করবে। ভিতরের ঘরগুলি খোলার পর সেখানে থাকা সোনা, রুপো, হিরে, জহরত, মণিমুক্তো, পাথর, পুরনো মূর্তি, অস্ত্রশস্ত্র, পোশাক, গয়না, বাসনপত্র, ঝাড়লণ্ঠন, আসবাবপত্র, ঘড়ি, ছবি, সোনা-রুপোর তৈরি জিনিস, মুদ্রা, পুরনো দলিল, নথিপত্র, সবকিছুর তালিকা তৈরি করবে তারা। তালিকা তৈরি হয়ে গেলে সেগুলি আবার ভিতরের ঘরগুলিতে রেখে দেওয়া হবে। তালিকা তৈরির কাজ শেষ হতে কমপক্ষে ৩ মাস সময় লাগবে বলে মনে করা হচ্ছে। তালিকা তৈরির কাজ শেষ হলে তা সুপ্রিম কোর্টে জমা দেওয়া হবে। সুপ্রিম কোর্টের নির্দেশ মতো ভিতরের ঘরগুলি আবার বন্ধ করে দেওয়া হবে। তালিকা তৈরির কাজে সহযোগিতা করবে ভারতীয় পুরাতত্ত্ব সমীক্ষা (এএসআই)। ভিতরের ঘরগুলি খোলার সময় সেখানে ভিডিও ও ফটো তোলা হবে

ରାଜଭାଷା ସମ୍ମିଳନୀରେ ଶାହଙ୍କ ବଡ଼ ବାର୍ତ୍ତା

ମତଭେଦକୁ ଭୁଲି ଏକାଠି କାମକର

ନୂଆଦିଲ୍ଲୀ,୧୪।୯: କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ସାଂସ୍କୃତିକ ଜାତୀୟତାବାଦ ଏବଂ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ସାଂସ୍କୃତିକ ଜାତୀୟତାବାଦର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତର ସଂସ୍କୃତି ଓ ଇତିହାସ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଦେଶର ବିବିଧ ଭାଷାର ସ୍ୱର ଆଲଗା ହୋଇପାରେ, ମାତ୍ର ଜାତୀୟ ଭାବନା ଏବଂ ଭାରତୀୟତା ସର୍ବଦା ଏକ ରହିବା ଉଚିତ । ଜଣେ ଶିଶୁ ନିଜ ଦେଶକୁ ତା'ର ମାତୃଭାଷା ମାଧ୍ୟମରେ ହିଁ ଭଲ ଭାବରେ ବୁଝିପାରେ । ତେଣୁ ଭାରତୀୟ ଭାଷାଗୁଡ଼ିକର ବିକାଶ ଓ ପ୍ରୋତ୍ସାହନ ପାଇଁ ସମସ୍ତ ରାଜନୈତିକ ମତଭେଦକୁ ଭୁଲି ଏକାଠି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ମହାରାଷ୍ଟ୍ରରେ ଦେଶର ସବୁଠାରୁ ବୃହତ୍ ବହୁଭାଷୀ ସଂସ୍କୃତି ଦେଖିବାକୁ ମିଳେ। ଏଠାରେ ମରାଠୀ, କୋଙ୍କଣୀ, ଗୁଜରାଟୀ, ସିନ୍ଧି, ହିନ୍ଦୀ, କନ୍ନଡ ଓ ୱାର୍ଲି ଭଳି ଅନେକ ଭାଷା କଥିତ ଓ ବିକଶିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇ ସମ୍ମାନିତ କରିଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତି (NEP) ଅଧୀନରେ ମାତୃଭାଷାରେ ଶିକ୍ଷାକୁ ବାଧ୍ୟତାମୂଳକ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟ ଏକ ଭାରତୀୟ ଭାଷା ଶିଖିବା ବ୍ୟବସ୍ଥା ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ମାତୃଭାଷା ବ୍ୟତୀତ ଅନ୍ୟ ଏକ ଆଞ୍ଚଳିକ ଭାଷା ଶିଖିବା ନୀତିକୁ ଯେଉଁମାନେ ବିରୋଧ କରୁଛନ୍ତି, ସେମାନେ ନିଜ ଅଜ୍ଞାତରେ ଏକ ବଡ଼ ଭୁଲ୍ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ହିନ୍ଦୀକୁ ଅନ୍ୟ ଭାଷା ସହ ପ୍ରତିଦ୍ୱନ୍ଦ୍ୱୀ ନଭାବି, ଭାରତୀୟ ଭାଷାଗୁଡ଼ିକୁ ଯୋଡ଼ିବାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ଶାହ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ମଧ୍ୟ କହିଥିଲେ ଯେ 'ବନ୍ଦେ ମାତରମ୍'କୁ ଏହାର ପୂର୍ଣ୍ଣ ଗୌରବ ଓ ସମ୍ମାନ ଫେରାଇବା ପାଇଁ ଦେଶକୁ ଦୀର୍ଘ ୮୦ ବର୍ଷ ସମୟ ଲାଗିଥିଲା ।

ବ୍ରିକ୍ସ ସଫଳତା ପରେ ବଦଳିଲା ବାଂଲାଦେଶର ସ୍ୱର

ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ କରିବାକୁ ଇଚ୍ଛୁକ

ନୂଆଦିଲ୍ଲୀ,୧୪।୯: ବାଂଲାଦେଶର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହୁମାୟୁନ୍ କବୀର ଭାରତକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି, ଭାରତ କେବଳ ଅନ୍ୟ ଏକ ସାଧାରଣ ଦେଶ ମାତ୍ର । ଢାକା ଏବେ ପୁରୁଣା ଆକର୍ଷଣରୁ ବାହାରି ନୂଆ ଭାବେ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛି । ଗତ ୧୫ ବର୍ଷର ସମ୍ପର୍କକୁ ଅସହଜ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ, ଏହି ନୂଆ ସମ୍ପର୍କ କୌଣସି ବହୁପାକ୍ଷିକ ମଞ୍ଚ ମାଧ୍ୟମରେ ନୁହେଁ, ବରଂ ଦୁଇ ଦେଶ ମଧ୍ୟରେ ସିଧାସଳଖ ଆଲୋଚନା ଦ୍ୱାରା ଗଢ଼ାଯିବା ଉଚିତ । ବୈଦେଶିକ ମନ୍ତ୍ରଣାଳୟରେ ସାମ୍ବାଦିକମାନଙ୍କ ବ୍ରିକ୍ସ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇ କବୀର କହିଛନ୍ତି, ଆମେ ଭାରତ ସହ ନୂଆ ସମ୍ପର୍କ ଗଢ଼ିବାକୁ ଚାହୁଁଛୁ ଏବଂ ଏହା ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହିଁ ହେବା ଦରକାର । ବାଂଲାଦେଶ ନିଜ ନୀତି ଓ ଆବଶ୍ୟକତା ଅନୁସାରେ

ଆଗକୁ ବଢ଼ିବା ଉଚିତ ବୋଲି ଦର୍ଶାଇ ସେ କହିଛନ୍ତି, ସକାଳର ଜଳଖିଆରେ ଭାରତ, ଦ୍ୱିପ୍ରହର ଖାଦ୍ୟରେ ଭାରତ, ରାତ୍ରି ଭୋଜନରେ ଭାରତ, ତାହେଲେ ଆମେ ନିଜ ନିଜର ଖାଦ୍ୟ କେବେ ଖାଇବା ? ଆମକୁ ଭାରତ ପ୍ରତି ଥିବା ଏହି ଅନ୍ଧ ଆକର୍ଷଣରୁ ବାହାରକୁ ଆସିବାକୁ ହେବ । ଭାରତ ଅନ୍ୟ ଦେଶ ଭଳି ଗୋଟିଏ ଦେଶ ।

ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବାଂଲାଦେଶ ଯେଉଁ ଦେଶ ସହ ଉତ୍ତମ ସମ୍ପର୍କ ଚାହୁଁଛି, ତାହା ସହ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱିପାକ୍ଷିକ ଗସ୍ତ ମାଧ୍ୟମରେ ହେବା ଉଚିତ । କୌଣସି ଅନ୍ତର୍ଜାତୀୟ ସମ୍ମିଳନୀର ପାର୍ଶ୍ୱବର୍ତ୍ତୀ ସାକ୍ଷାତକୁ ବଡ଼ ଆରମ୍ଭ ବୋଲି ଧରାଯାଇ ପାରିବ ନାହିଁ ।

ସୀମାନ୍ତରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ସେ କହିଛନ୍ତି ଯେ, ସରକାର କୂଟନୈତିକ ସ୍ତରରେ, ଆନ୍ତର୍ଜାତୀୟ ନିୟମ ଓ ସୀମା ପ୍ରୋଟୋକଲ୍ ପାଳନ କରି ଏହାର ସମାଧାନ କରିବେ । ୧୦୧ଟି ସ୍ୱାକ୍ଷରିତ ଚୁକ୍ତିନାମାର ସଂସଦୀୟ ପ୍ରକ୍ରିୟା ମାଧ୍ୟମରେ ସମୀକ୍ଷା କରାଯାଉଛି, ଯାହାଫଳରେ ସେଗୁଡ଼ିକ ଜାତୀୟ ସ୍ୱାର୍ଥାନୁକୂଳ କି ନୁହେଁ ତାହା ଯାଞ୍ଚ ହୋଇ ପାରିବ ବୋଲି ସେ କହିଛନ୍ତି ।

ସଂଯୁକ୍ତ ରାଷ୍ଟ୍ର ସାଧାରଣ ସଭାର ୮୧ତମ ଅଧିବେଶନରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ତାରିକ୍ ରେହମାନ୍ ସେପ୍ଟେମ୍ବର ୨୧ରୁ ୨୬ ପର୍ଯ୍ୟନ୍ତ ନ୍ୟୁୟର୍କ ଗସ୍ତ କରିବେ । ସେଠାରେ ସେ ବାଂଲାଦେଶର ନୂତନ ଚିନ୍ତାଧାରା ଓ ଗଣତାନ୍ତ୍ରିକ ପରିବର୍ତ୍ତନ ବିଷୟରେ ବିଶ୍ୱ ନେତାମାନଙ୍କ ସମ୍ମୁଖରେ ନିଜର ବକ୍ତବ୍ୟ ରଖିବେ । ଏହି ଗସ୍ତ ସମୟରେ ରୋହିଙ୍ଗ୍ୟା ସଙ୍କଟ ଉପରେ ବାଂଲାଦେଶ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ବିଜେପିରେ ମିଶିବେ ଟିଏମସିର ୧୭ ବିଦ୍ରୋହୀ ସାଂସଦ

ନୂଆଦିଲ୍ଲୀ,୧୪।୯: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ଟିଏମସି ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ୧୦ ଜଣ ସାଂଦଙ୍କୁ ନେଇ ଆସିଛି ବଡ଼ ଖବର। ଏହି ବିଦ୍ରୋହୀ ସାଂସଦମାନେ ଲୋକସଭାର ମୌସୁମୀ ଅଧିବେଶନ ପୂର୍ବରୁ କମ ପରିଚିତ ନ୍ୟାଶନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ ଇଣ୍ଡିଆ ବା ଏନସିପିଆଇରେ ଯୋଗ ଦେଇଥିଲେ। ଏବେ ସେମାନଙ୍କ ମଧ୍ୟରୁ ୧୭ ଜଣ ଆଗାମୀ ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ଏନସିପିଆଇ ଛାଡ଼ି ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହେବେ। ବିଦ୍ରୋହୀ ଗୋଷ୍ଠୀରେ ଥିବା କୋଚ ବେହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମାଆ ବାସୁନିଆ ଏପରି ମତ ଦେବା ପରେ ହଇଚଇ ସୃଷ୍ଟି ହୋଇଛି। ତେବେ ଜଗଦୀଙ୍କ ଏପରି ବୟାନକୁ ଆଉ ଜଣେ ବିଦ୍ରୋହୀ ସାଂସଦ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ସାମୂହିକ ନିଷ୍ପତ୍ତି ନିଆଯାଇ ନଥିବା ସେ ସ୍ପଷ୍ଟ କରିଛନ୍ତି। ବିଜେପି ମଧ୍ୟ ନିଜକୁ ଏପରି ଦାବି ଠାରୁ ଦୂରେଇ ରଖିଛି। ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ କେବେ ହେଲେ ବି କେବଳ ସାମିଲ ହେବାକୁ ଥିବା ଲୋକଙ୍କୁ ଦଳରେ ମିଶାଇବ ନାହିଁ। ଟିଏମସିର ୨୦ ବିଦ୍ରୋହୀ ସାଂସଦଙ୍କ ସ୍ଥିତାବସ୍ଥାକୁ ନେଇ ବିବାଦ ଦେଖାଯାଇଛି। କାରଣ ଏହି ସାଂସଦମାନେ କମ ପରିଚିତ ଏନସିପିଆଇରେ ମିଶି ବିଜେପି ନେତୃତ୍ୱାଧୀନ ଏନଡିଏକୁ ସମର୍ଥନ କରୁଥିବା ବେଳେ ସେମାନଙ୍କ ମୁଣ୍ଡରେ ଅଯୋଗ୍ୟ ଘୋଷଣା ହେବାର ଖଣ୍ଡା ଝୁଲୁଛି। ଏପରି ସ୍ଥିତିରେ ସେମାନଙ୍କ ମଧ୍ୟରୁ ୧୭ ଜଣ ବିଜେପି ମୁହଁ ହେଉଥିବା ରିପୋର୍ଟ ପ୍ରକାଶ ପାଇଛି। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ହାରିବା ପରେ ସାଂସଦ ଜଗଦୀଶ ମଧ୍ୟ ବିଦ୍ରୋହ ଘୋଷଣା କରି ଏନସିପିଆଇରେ ମିଶିଛନ୍ତି। ସେ କହିଛନ୍ତି, "ଆମେ ୧୭ ଜଣ ସାଂସଦ ଏକାଠି ବିଜେପିରେ ମିଶିବାକୁ ଯାଉଛୁ। ୨୦ ଜଣ ସାଂସଦଙ୍କ ମଧ୍ୟରୁ ୧୭ ଜଣ ମିଶିବାର ଅର୍ଥ ଏହା ଦୁଇ ତୃତୀୟାଂଶରୁ ଅଧିକ। ତେଣୁ ଆମ କ୍ଷେତ୍ରରେ ଦଳବଦଳ ନିରୋଧ ଆଇନ ଲାଗୁ ହେବନାହିଁ। ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ଆମେ ଏପରି ପଦକ୍ଷେପ ନେବୁ।" ୨୦୨୪ ଲୋକସଭାରେ ଟିଏମସି ୨୨ଟି ଲୋକସଭା ଆସନ ଜିତିଥିଲା।

ମଣିପୁରରେ ପୁଣି ହିଂସା, ୪ ମୃତ

କୁକୀ ସମ୍ପ୍ରଦାୟକୁ ଟାର୍ଗେଟ୍, ୬ ବର୍ଷର ଶିଶୁ ଆହତ

ନୂଆଦିଲ୍ଲୀ,୧୪।୯: ପୁଣି ଅଶାନ୍ତ ମଣିପୁର । ଗତ ୨୪ ଘଣ୍ଟାରେ କୁକୀ ସମ୍ପ୍ରଦାୟର ଚାରିଜଣଙ୍କୁ ହତ୍ୟା । ଯେଉଁଥିରେ ଦୁଇଜଣ ମହିଳା ଥିବା ଜଣାପଡ଼ିଛି । ତାମେଙ୍ଗଲୋଙ୍ଗ ଏବଂ ନୋନି ଜିଲ୍ଲାରେ ଏହି ଅଭାବନୀୟ ଘଟଣା ଘଟିଛି । ତାମେଙ୍ଗଲୋଙ୍ଗ ଜିଲ୍ଲାର କୈମାଇ ଥାନା ଅନ୍ତର୍ଗତ ଟୋଲେନ୍ କୁକୀ ଗାଁରେ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ, ନୋନି ଜିଲ୍ଲାର ନୁଙ୍ଗବା ଥାନା ଅନ୍ତର୍ଗତ ଲୋଙ୍ଗପି ଗାଁରେ ଆଉ ଏକ ଆକ୍ରମଣରେ ଆଉ ଦୁଇଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସେହିପରି ୬ ବର୍ଷର ଏକ ନିରୀହ ଶିଶୁ ଗୁଳିମାଡ଼ର ଶିକାର ହୋଇଛନ୍ତି। ପୁଲିସର ସୂଚନା ଅନୁସାରେ, ଟୋଲେନ୍ ଗାଁରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଏକ ଘର ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣରେ ତାଙ୍କ ସ୍ୱାମୀ ଏବଂ ୬ ବର୍ଷର ଜୁନି ପୁଅ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଆଶାମର ସିଲଚର ନିଆଯାଉଥିବା ବେଳେ ରାସ୍ତାରେ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଅନ୍ୟ ଏକ ଘଟଣାରେ, ଲୋଙ୍ଗପି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ, ଯେଉଁଥିରେ ଦୁଇଜଣଙ୍କର ଜୀବନ ଯାଇଛି। ଏହି ସମସ୍ତ ମୃତକ କୁକୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି । ଏହି ଆକ୍ରମଣ ପଛରେ ଏନଏସସିଏନ୍ ଏବଂ କେଡ଼ିୟୁଏଫ୍ ପରି ନାଗା ବିଦ୍ରୋହୀ ଗୋଷ୍ଠୀର ହାତ ଥିବା ସନ୍ଦେହ କରାଯାଉଛି । ଘଟଣାକୁ ନିନ୍ଦା କରିଛନ୍ତି ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚନ୍ଦ ସିଂହ । ରାଜ୍ୟରେ ଶାନ୍ତି ବଜାୟ ରଖିବାକୁ ସେ ଅପିଲ କରିଛନ୍ତି ।

ଚୁଟ୍‌କୀରେ...

ଖୁଚୁରା ମୁଦ୍ରାସ୍ଫୀତି ୪.୮୨% ଛୁଇଁଲା

ନୂଆଦିଲ୍ଲୀ,୧୪।୯: ଦେଶବାସୀଙ୍କୁ ମହଙ୍gା ମାଡ଼। ଦେଶର ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ବୃଦ୍ଧି ପାଇଛି। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୫% ଥିବା ବେଳେ ଅଗଷ୍ଟରେ ଏହା ୪.୮୨% ଛୁଇଁଛି। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏପରି ହୋଇଛି। ଗ୍ରାହକ ଦର ସୂଚକାଙ୍କ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ୪.୮୨% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅଗଷ୍ଟ ସଂଖ୍ୟା ପ୍ରୋଭିଜନାଲ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଖାଦ୍ୟ ମୁଦ୍ରାସ୍ଫୀତି ଜୁଲାଇରେ ୫.୫୨% ରହିଥିବା ବେଳେ ଅଗଷ୍ଟରେ ଏହା ୫.୯୫%କୁ ବୃଦ୍ଧି ପାଇବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ୪.୮୪%ରୁ ବଢ଼ି ୫.୨୩ରେ ପହଞ୍ଚି ଯାଇଛି। ସେହିପରି ସହାରାଞ୍ଚଳ ମୁଦ୍ରାସ୍ଫୀତି ଜୁଲାଇରେ ୩.୯୬% ରହିଥିବା ବେଳେ ଅଗଷ୍ଟରେ ଏହା ୪.୩୧% ରହିଛି। ଗ୍ରାହକ ଦର ବୃଦ୍ଧିରେ ଖାଦ୍ୟ ସବୁଠାରୁ ବଡ଼ ଭୂମିକା ତୁଲାଇଛି। ଜୁଲାଇରେ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ୫.୫୨% ରହିଥିବା ବେଳେ ଏବେ ୫.୯୫%ରେ ପହଞ୍ଚିଛି। ଗ୍ରାମାଞ୍ଚଳ ଖାଦ୍ୟ ମୁଦ୍ରାସ୍ଫୀତି ସହାରାଞ୍ଚଳରେ ତୁଳନାରେ ଅଧିକ। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩% ଓ ସହରାଞ୍ଚଳରେ ଏହା ୫.୬୪%। ଅର୍ଥାତ ସହାରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସବୁ କିଛି ଅଧିକ ମହଙ୍ଗା ହୋଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ ଦରରେ ବି ତୀବ୍ର ବୃଦ୍ଧି ରେକର୍ଡ କରାଯାଇଛି। ପିଆଜର ମୁଦ୍ରାସ୍ଫୀତି ଜୁଲାଇରେ ୨୨.୫୪% ଥିବାବେଳେ ଅଗଷ୍ଟରେ ୪୮.୨୨%କୁ ବୃଦ୍ଧି ପାଇଛି।

ଆତ୍ମସମର୍ପଣ କଲେ ଦୁଷ୍କର୍ମକାରୀ ତରୁଣ ତେଜପାଲ

ନୂଆଦିଲ୍ଲୀ,୧୪।୯: ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଗୋଆରେ ଆତ୍ମସମର୍ପଣ କରିଛନ୍ତି ଦୁଷ୍କର୍ମକାରୀ ତୁରଣ ତେଜପାଲ। ତେହେଲକାର ପୂର୍ବତନ ସମ୍ପାଦକ ତେଜପାଲ ସୋମବାର ଆତ୍ମସମର୍ପଣ କରିବା ପରେ ତାଙ୍କୁ କୋଲଭାଲେ ଜେଲକୁ ନେଇ ଯାଇଛି ପୁଲିସ। ୨୦୧୩ ମସିହା ସହକର୍ମୀଙ୍କୁ ଲିଫ୍ଟ ଭିତରେ ଦୁଷ୍କର୍ମ କରିବା ଭଳି ଜଘନ୍ୟକାଣ୍ଡରେ ବମ୍ବେ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ଅଗଷ୍ଟ ୨୫ରେ ୬୨ ବର୍ଷୀୟ ତେଜପାଲଙ୍କୁ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କହିଥିଲେ ସର୍ବୋଚ୍ଚ ଅଦାଲତ। ସେ ଆତ୍ମସମର୍ପଣ କରିବା ପରେ ହିଁ ତାଙ୍କ ଆବେଦନର ଶୁଣାଣି ହେବ ବୋଲି ସର୍ତ୍ତ ରଖିଥିଲେ ସୁପ୍ରିମକୋର୍ଟ। ସେହି ଅନୁସାରେ ସେ ଆଜି ଗୋଆରେ ଆତ୍ମସମର୍ପଣ କରିଛନ୍ତି। ତେଜପାଲ ଆଜି ପ୍ରଥମେ ମାପୁସାରେ ଥିବା ଅତିରିକ୍ତ ସେସନ୍ସ କୋର୍ଟରେ ଆତ୍ମସର୍ପଣ କରିଥିଲେ। ଏହାପରେ ତାଙ୍କୁ ଉତ୍ତର ଗୋଆର କୋଲଭାଲେ ସ୍ଥିତ କେନ୍ଦ୍ରୀୟ ଜେଲକୁ ନିଆଯାଇଛି। କୋର୍ଟରୁ ନିଆଯିବା ସମୟରେ ସୁପ୍ରିମକୋର୍ଟରେ ନିଜର ଆଇନଗତ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି ତେଜପାଲ।

ପରସ୍ପର ସହ ପିଟିହେଲେ ଏକାଧିକ ଗାଡ଼ି, ଚାଲିଗଲା ୨୧ ଜୀବନ

ନୂଆଦିଲ୍ଲୀ,୧୪।୯: ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ପରସ୍ପରକୁ ଧକ୍କା ଦେଇଛନ୍ତି ଏକାଧିକ ଗାଡ଼ି। ପ୍ରଥମେ ଦୁଇ ମିନି ବସ୍ ଟ୍ୟାଙ୍କ ପରସ୍ପରକୁ ଧକ୍କା ଦେଇଥିଲେ। କିଛି ସମୟ ପରେ ଆଉ ଗୋଟିଏ ଏସ୍‌ୟୁଭି ମଧ୍ୟ ଏହା ସହ ଧକ୍କା ହୋଇଥିଲା। ଦକ୍ଷିଣ ଆଫ୍ରିକାର ୱେଷ୍ଟର୍ଣ୍ଣ କେପ ପ୍ରଦେଶର ଗୋଟିଏ ଜାତୀୟ ରାଜପଥରେ ଘଟିଥିବା ଏଭଳି ଦୁର୍ଘଟଣା ୨୧ ଜଣଙ୍କ ଜୀବନ ନେଇ ଯାଇଛି। ସେହିପରି ଅନେକ ଆହତ ମଧ୍ୟ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ପ୍ରିନ୍ସ ଆଲବର୍ଟ ଓ ଲିଉ ଗାମକା ମଧ୍ୟରେ ଥିବା ଏନ୧ ଜାତୀୟ ରାଜପଥରେ ଘଟିଛି ପୁରା ଘଟଣା। ଏହି ସ୍ଥାନଟି ରାଜଧାନୀ କେପ ଟାଉନ୍ ଠାରୁ ୩୮୦ କିମି ଦୂର। ପ୍ରଥମେ ରାଜପଥରେ ଦୁଇଟି ଯାତ୍ରୀବାହୀ ମିନି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଦୁଇଟି ଯାକ ଗାଡ଼ି ଛିନ୍ନଭିନ୍ନ ହୋଇ ରାସ୍ତାରେ ପଡ଼ି ରହିଥିବା ବେଳେ ହଠାତ୍ ଦ୍ରୁତଗତିରେ ଗୋଟିଏ ଏସ୍‌ୟୁଭି ଆସିଥିଲା। ଏହି ଏସ୍‌ୟୁଭି ପୂର୍ବରୁ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ମିନି ବସକୁ ଦ୍ୱୟ ସହ ପିଟି ହୋଇଯାଇଥିଲା। ଏସ୍‌ୟୁଭିରେ ଥିବା ୩ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଛି। ସେହିପରି ମିନି ବସ ଦ୍ୱୟରେ ଥିବା ଲୋକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣା ସ୍ଥଳର ଯାଞ୍ଚ କରାଯାଉଥିବା ବେଳେ ଏବେ ବି ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏନ୧ ରାଜପଥକୁ ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି।

ପାକିସ୍ତାନର ଚାଲବାଜୀ, ମସୁଦ ଅଜହର ନାଁରେ ଜାରିକଲା ୱାରେଣ୍ଟ



ନୂଆଦିଲ୍ଲୀ,୧୪।୯: ବୁଡ଼ି ବୁଡ଼ି ପାଣି ପିଉଛି ପାକିସ୍ତାନ । FATFକୁ ଧୋକ୍କା ଦେବାକୁ ଆତଙ୍କୀସ୍ତାନର ଚାଲବାଜି । ଆତଙ୍କୀ ସଙ୍ଗଠନ ଜୈଶ-ଏ-ମହମ୍ମଦର ମୁଖ୍ୟ ମସୁଦ ଅଜହର ନାଁରେ ଜାରି କଲା ୱାରେଣ୍ଟ । ପାକ୍ ଯାଞ୍ଚ ଏଜେନ୍ସି ଏଫଆଇଏ ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀଙ୍କ ରେଡ୍ ବୁକ୍ ଜାରି କରିଛି । ଏହି ତାଲିକାରେ ମସୁଦ ଅଜହରର ନାଁ ଅଛି । ମସୁଦକୁ ଧରାଇ ଦେଲେ ୭୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି । ପ୍ରତି ପାଞ୍ଚ ବର୍ଷରେ ଥରେ ଏହି ରେଡ୍ ବୁକ୍ ଜାରି ହୁଏ । ଏଥର ଆତଙ୍କୀସ୍ତାନର ଏହି ତାଲିକାରେ ମସୁଦର ନାଁ ଅଛି । ୨୦୨୧ରେ ଏଫଏଟିଏଫର ଗ୍ରେ ଲିଷ୍ଟରୁ ବାହାରିବା ପାଇଁ ପାକିସ୍ତାନ ମସୁଦକୁ ନେଇ ମିଥ୍ୟା ଦାବି କରିଥିଲା। ମସୁଦ ପାକିସ୍ତାନରୁ ପଳାୟନ କରି ଆଫଗାନିସ୍ତାନରେ ରହୁଥିବା କହିଥିଲା । ସେହିବର୍ଷ ଏଫଆଇଏ ମସୁଦ ଅଜହରକୁ ଧରାଇ ଦେଲେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ ବୋଲି ଘୋଷଣା କରିଥିଲା । ଏବେ ପାଞ୍ଚ ବର

ଅଲୌକିକ ଗଣେଶ ପୀଠ

- ଯୋଗନିଦ୍ରାରେ ଗଜାନନ
- ଉତ୍ତରମୁଖା ଶୁଣ୍ଡରେ ସ୍ୱୟମ୍ଭୁ
- ବର୍ଷକୁ ଥରେ ଅମୃତ ଲଡୁ
- ୪-୪-୪ରେ ଖଡିଛୁଆଁ



କାକଟପୁର /ଅଷ୍ଟରଙ୍ଗ (ଅମୃତ ମିଡିଆ): ଶୋଇଛନ୍ତି ସତ, ହେଲେ ସେ ଜାଗ୍ରତ। ହାତୀ ପରି ଶୋଇଛନ୍ତି, ହେଲେ ଭକ୍ତ ଡାକିଲେ ଧାଇଁ ଆସନ୍ତି। ଏମିତି ଏକ ବିରଳ ଓ ଅଲୌକିକ ଗଣେଶ ପୀଠ ରହିଛି ଦେବୀ ନଦୀ କୂଳର ନଈଗୁଆଁ ଗାଁ ମଝିରେ ଯୁଗ ଯୁଗ ଧରି ବିରାଜମାନ ଅଲୌକିକ ଗଜାନନ। ଏଠି ପ୍ରଭୁ ବିଘ୍ନ ବିନାଶନ ଯୋଗ ନିଦ୍ରାରେ। ତାଙ୍କ ରକ୍ତ ବର୍ଣ୍ଣ ସିନ୍ଦୁର ଲେପିତ ଦୀର୍ଘ ଶୁଣ୍ଡ ଉତ୍ତର ଦିଗକୁ। ମଥାରେ ଧବଳ ତିଳକ, ଲାଲ ବସ୍ତ୍ର, ମନ୍ଦାର ମାଳ। ଏହି ରୂପକୁ କୁହାଯାଏ ଉତ୍ତରମୁଖା ହାତୀ ଶୁଣ୍ଡ। ଉତ୍ତର ହେଉଛି କୁବେରଙ୍କ ଦିଗ, ଧନର ଦିଗ। ତେଣୁ ଏଠି ଦର୍ଶନେ ଧନ-ବିଦ୍ୟା-ବୁଦ୍ଧି ପ୍ରାପ୍ତି। ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ। ମୋକ୍ଷଦାୟିନୀ ଦେବୀ ନଦୀ କୂଳର ନଈଗୁଆଁ ଗାଁ ମଝିରେ ଯୁଗ ଯୁଗ ଧରି ବିରାଜମାନ ଅଲୌକିକ ଗଜାନନ। ଏଠି ପ୍ରଭୁ ବିଘ୍ନ ବିନାଶନ ଯୋଗ ନିଦ୍ରାରେ। ତାଙ୍କ ରକ୍ତ ବର୍ଣ୍ଣ ସିନ୍ଦୁର ଲେପିତ ଦୀର୍ଘ ଶୁଣ୍ଡ ଉତ୍ତର ଦିଗକୁ। ମଥାରେ ଧବଳ ତିଳକ, ଲାଲ ବସ୍ତ୍ର, ମନ୍ଦାର ମାଳ। ଏହି ରୂପକୁ କୁହାଯାଏ ଉତ୍ତରମୁଖା ହାତୀ ଶୁଣ୍ଡ। ଉତ୍ତର ହେଉଛି କୁବେରଙ୍କ ଦିଗ, ଧନର ଦିଗ। ତେଣୁ ଏଠି ଦର୍ଶନେ ଧନ-ବିଦ୍ୟା-ବୁଦ୍ଧି ପ୍ରାପ୍ତି। ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ। ମୋକ୍ଷଦାୟିନୀ ଦେବୀ ନଦୀ କୂଳର ନଈଗୁଆଁ ଗାଁ ମଝିରେ ଯୁଗ ଯୁଗ ଧରି ବିରାଜମାନ ଅଲୌକିକ ଗଜାନନ। ଏଠି ପ୍ରଭୁ ବିଘ୍ନ ବିନାଶନ ଯୋଗ ନିଦ୍ରାରେ। ତାଙ୍କ ରକ୍ତ ବର୍ଣ୍ଣ ସିନ୍ଦୁର ଲେପିତ ଦୀର୍ଘ ଶୁଣ୍ଡ ଉତ୍ତର ଦିଗକୁ। ମଥାରେ ଧବଳ ତିଳକ, ଲାଲ ବସ୍ତ୍ର, ମନ୍ଦାର ମାଳ। ଏହି ରୂପକୁ କୁହାଯାଏ ଉତ୍ତରମୁଖା ହାତୀ ଶୁଣ୍ଡ। ଉତ୍ତର ହେଉଛି କୁବେରଙ୍କ ଦିଗ, ଧନର ଦିଗ। ତେଣୁ ଏଠି ଦର୍ଶନେ ଧନ-ବିଦ୍ୟା-ବୁଦ୍ଧି ପ୍ରାପ୍ତି।

ଗଣେଶ ଚତୁର୍ଥୀ ମଧ୍ୟାହ୍ନରେ ମିଳେ ଅମୃତ ଲଡୁ। ଅନ୍ୟ ଦିନ ମିଳେନା। ଅରୁଆ ଚାଉଳ ଗୁଣ୍ଡ, ନଡିଆ, ଚିନି, ଗୁଜୁରାତି, ଗୁଆ ଘିଅରେ ତିଆରି। ନଡିଆ ହାତରେ ଚକଟି ଘିଅରେ ଛାଣି ପାଗ କରାଯାଏ। ସେବକ ସୁମନ୍ତ ପଣ୍ଡା, ସ୍ୱପ୍ନେଶ୍ୱର ପଣ୍ଡା, କୈଳାଶ ଚନ୍ଦ୍ର ପଣ୍ଡା ଉପବାସ ରହି ହରିବୋଲ ଦେଇ ୧୫ଶହରୁ ଅଧିକ ଲଡୁ ଗଢନ୍ତି। ଠିକ୍ ୧୨ଟାରୁ ୧ଟା ଭିତରେ ଭୋଗ ଲାଗେ। ସେତେବେଳେ ଚଳନ୍ତି ପ୍ରତିମାକୁ ତିନି ଥର ପରିକ୍ରମା କରାଯାଏ। ଢୋଲ, ମୃଦଙ୍ଗ, ସଂକୀର୍ତ୍ତନରେ ପ୍ରକମ୍ପିତ ହୁଏ ପରିବେଶ। ଏହି ଦିନ ୪ ବର୍ଷ ୪ ମାସ ୪ ଦିନର ପିଲାଙ୍କ ଖଡିଛୁଆଁ ହୁଏ। ବିଦ୍ୟାଦାତାଙ୍କ ପାଖରେ ପ୍ରଥମ ଅକ୍ଷର ଆରମ୍ଭ ହେଲେ ପିଲା ବୁଦ୍ଧିମାନ, ବିଦ୍ୱାନ ହୁଏ ବୋଲି ଅଗାଢ଼ ବିଶ୍ୱାସ।

ଦୁଇ ଶିକ୍ଷକଙ୍କୁ 'ନେସନ ବିଲ୍ଡର ଆୱାର୍ଡ'

ଶିକ୍ଷା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ

ପିପିଲି(ଅମୃତ ମିଡିଆ): ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଉତ୍ସର୍ଗୀକୃତ ସେବା, ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାର୍ଗଦର୍ଶନ ଏବଂ ଯୁବପିଢ଼ିର ଭବିଷ୍ୟତ ଗଠନରେ ଅବଦାନ ପାଇଁ ପିପିଲିର ଦୁଇଜଣ ବିଶିଷ୍ଟ ଶିକ୍ଷକଙ୍କୁ 'ନେସନ ବିଲ୍ଡର ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ମେଡୋଜ୍ ପକ୍ଷରୁ 'ସର୍ଭିସ୍ ଅବଭ୍ ସେଲ୍ଫ' ଭାବନାକୁ ସମ୍ମାନ ଜଣାଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ପିପିଲି ଜୟପୁର ଶାସନ ପିୟୁପିଏସ୍ ?ର ପ୍ରଧାନଶିକ୍ଷକ ପ୍ରଭାତ କୁମାର ଦାଶଙ୍କୁ ଶିକ୍ଷା କ୍ଷେତ୍ରରେ ଦୀର୍ଘ ୩୪ ବର୍ଷର ଉତ୍ସର୍ଗୀକୃତ ସେବା, ଶିକ୍ଷା ନେତୃତ୍ୱ ଓ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଏହି ସମ୍ମାନ ମିଳିଛି। ସେହିପରି ପିପିଲି ଗୋବିନ୍ଦପୁର ହାଇସ୍କୁଲ୍ ?ର ଟିଚିଂ ଆର୍ଟସ୍ ? ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକଙ୍କୁ ୧୫ ବର୍ଷର ପ୍ରେରଣାଦାୟୀ ଶିକ୍ଷାଦାନ ଓ ବହୁବିଧ ଶିକ୍ଷାଗତ ଉତ୍କର୍ଷ ପାଇଁ 'ନେସନ ବିଲ୍ଡର ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ୍ ?ରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଅବସରପ୍ରାପ୍ତ ଆଇଏଏସ୍ ତଥା ରୋଟାରିଆନ୍ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଭାବେ କ୍ଲବ୍ କାର୍ଯ୍ୟ ନିର୍ବାହୀ ସଚିବ ତଥା ପରାମର୍ଶଦାତା ରୋଟାରିଆନ୍ ଅଶ୍ୱିନୀ କର, କ୍ଲବ୍ ସଭାପତି ରୋଟାରିଆନ୍ ବିକାଶ ଗରାବଡୁ, କ୍ଲବ୍ ସମ୍ପାଦକ ରୋଟାରିଆନ୍ ଦୀପକ କୁମାର ଜେନା ଏବଂ ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ସଞ୍ଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ଦୁଇ ଶିକ୍ଷକଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ସମାରୋହରେ ଉପସ୍ଥିତ ଅତିଥିମାନେ ଦୁଇ ଶିକ୍ଷକଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବା ସହ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକାର ଏହି ସମ୍ମାନ ଏକ ସ୍ୱୀକୃତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପିପିଲିର ଏହି ଦୁଇ ଶିକ୍ଷକଙ୍କୁ ମିଳିଥିବା ଏହି ଗୌରବଜନକ ସମ୍ମାନକୁ ନେଇ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ସାଧୁବାଦ ଜଣାଯାଇଛି।

ବନାଖଣ୍ଡି ପଞ୍ଚାୟତ ବିଜେପି କାର୍ଯ୍ୟକାରିଣୀ ବୈଠକ

କୋଣାର୍କ(ଅମୃତ ମିଡିଆ): କୋଣାର୍କ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରେ ଗୋପ ବ୍ଲକ ବାଲିକପିଜେଶ୍ୱର ମଣ୍ଡଳ ବନାଖଣ୍ଡି ପଞ୍ଚାୟତ ବିଜେପି ପକ୍ଷରୁ କର୍ମୀ ମାନଙ୍କୁ ନେଇ ରବିବାର ମଧ୍ୟାହ୍ନରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରମୁଖ ଅଶୋକ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ଜିଲ୍ଲା ସଧାରଣ ସମ୍ପାଦକ ରଶ୍ମି ରଞ୍ଜନ ବିଶ୍ୱାଳ, ମଣ୍ଡଳ ସଭାପତି ଦିଲ୍ଲୀପ ପ୍ରଧାନ, ସରପଞ୍ଚ ଜଳନ୍ଧର ବେହେରା, ସହ ପ୍ରମୁଖ ଲୋକନାଥ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏହି ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବନାଖଣ୍ଡି ପଞ୍ଚାୟତ ବିଜେପି ପକ୍ଷରୁ ୧୮ଟି ୱାର୍ଡ଼ରେ କମିଟି ଗଠନ ସହ ପ୍ରତି ୱାର୍ଡ଼ରେ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା। ଏଥି ସହିତ ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତା ଚୟନ ମଧ୍ୟ ହୋଇଥିଲା। କୃଷକ ମୋର୍ଚ୍ଚା ସଭାପତି ଭାବେ ରାଧେଶ୍ୟାମ ରାଉତ, ଯୁବ ମୋର୍ଚ୍ଚା ସଭାପତି ଭାବେ ବିପ୍ଳେସ ନାୟକ, ଏସସି ମୋର୍ଚ୍ଚା ସଭାପତି ଭାବେ ରବୀନ୍ଦ୍ର ଦାସ ପ୍ରମୁଖ ଚୟନ ହୋଇଥିଲେ। ପଞ୍ଚାୟତ ଶୃଙ୍ଖଳା କମିଟି ସଭ୍ୟ ଭାବରେ ପ୍ରଶାନ୍ତ ନାୟକ, ପ୍ରଭାତ କୁମାର ସ୍ୱାଇଁ, ଅକ୍ଷୟ ପ୍ରଧାନ, କାର୍ତ୍ତିକେଶ୍ୱର ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଡଲି ବରାଳ, ଉପ ସଭାନେତ୍ରୀ ଭାବେ ଅନ୍ନପୂର୍ଣ୍ଣା ଜେନା, ସସ୍ମିତା ସ୍ୱାଇଁ, ସମ୍ପାଦିକା ଭାବେ ଲିନାରାଣୀ ଜେନା ଓ ରଞ୍ଜିତା ପରିଡାଙ୍କୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡ଼ି ଓ କଂଗ୍ରେସ ଦଳର ୫୦ରୁ ଅଧିକ କର୍ମୀ ବିଜେପି ସରକାରଙ୍କ ଲୋକପ୍ରିୟତା ଦେଖି ଦଳରେ ମିଶିଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ସାମିଲ କରାଯାଇଥିଲା। ଏହି ବୈଠକରେ ପଞ୍ଚାୟତର ୩୦୦ରୁ ଅଧିକ କର୍ମୀ ଯୋଗ ଦେଇଥିବା ବେଳେ ସୁଦର୍ଶନ ନାୟକ, ସିକନ୍ଦର ପରିଡ଼ା, ନିରଞ୍ଜନ ସ୍ୱାଇଁ, ବୁଲୁ ପାଣ୍ଡିଆ, ପ୍ରଶାନ୍ତ ସ୍ୱାଇଁ, ପୃଥ୍ୱିରାଜ ସାହୁ ଓ ସନ୍ତୋଷ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବରିଷ୍ଠ ସାମ୍ବାଦିକ ପ୍ରମୋଦ ଦାସଙ୍କ ପରଲୋକ

କାକଟପୁର /ଅଷ୍ଟରଙ୍ଗ (ଅମୃତ ମିଡିଆ): ପୁରା ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ୍‌ର ବରିଷ୍ଠ ତଥା ଅଭିଜ୍ଞ ସାମ୍ବାଦିକ, ଶିକ୍ଷାବିତ୍ ଓ ସମାଜସେବୀ ପ୍ରମୋଦ କୁମାର ଦାସ (୬୧) ଙ୍କ ଶୁକ୍ରବାର ରାତି ପ୍ରାୟ ୧୨ଟା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ସେ ଦୀର୍ଘ ଦିନ ଧରି ହୃଦ୍‌ରୋଗ ଓ କିଡନୀ ଜନିତ ସମସ୍ୟାରେ ପୀଡିତ ଥିଲେ। ଅଷ୍ଟରଙ୍ଗ ମିଡିଆ ଫୋରମ ସଭାପତି ବିଜୟ ବେହେରା, ଉପ-ସଭାପତି ମାନସ ଖଣ୍ଟୁଆଳ ଙ୍କ ସମେତ ବହୁ ସାମ୍ବାଦିକ, ବିଭିନ୍ନ ରାଜନୈତିକ ଦଳର ନେତା, ଶିକ୍ଷାବିତ୍ ଓ ସାଧାରଣ ଜନତା ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବଡ ପୁଅ ପ୍ରିୟବ୍ରତ ଦାସ (ପପୁନି) ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଝିଅ ପ୍ରିୟଙ୍କା, ପରିବାର ସଦସ୍ୟ ଓ ଅସଂଖ୍ୟ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

ଦମ୍ପତିଙ୍କୁ ପନିକିରେ ହାଣି ଲୁଟ୍ ଉଦ୍ୟମ ଅଭିଯୁକ୍ତ ଗିରଫ, କୋର୍ଟଚାଲାଣ

କାକଟପୁର /ଅଷ୍ଟରଙ୍ଗ(ଅମୃତ ମିଡିଆ): ପୁରା ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ବାଉରିଆକଣ-ରସୁଲପୁର କେନାଲ ରାସ୍ତାରେ ଗତକାଲି ସନ୍ଧ୍ୟାରେ ଘଟିଥିବା ଲୋମହର୍ଷଣକାରୀ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। କାକଟପୁର ଥାନା କେସ୍ ନଂ-୩୩୩ /୨୬ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀ ହେଉଛନ୍ତି ଅଷ୍ଟରଙ୍ଗ ଥାନା ଡେରୁଣିଆ ପଞ୍ଚାୟତ ଓସିଆଁ ଗ୍ରାମର ଲିଟୁ ମହାନ୍ତି(୪୪)। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟା ରେ ନିଜ ଝିଅ ଜନ୍ମଦିନ କେକ ନେଇ ଦମ୍ପତି ଦ୍ୱୟ ୧୩.୦୯.୨୦୨୬ ସନ୍ଧ୍ୟା ୭ଟା ସମୟରେ ଲିଟୁ ନିଜ ପତ୍ନୀଙ୍କ ସହ ବାଇକ୍ ଯୋଗେ କାକଟପୁର ପଟୁ ଘରକୁ ଫେରୁଥିଲେ। ବାଉରିଆକଣ-ରସୁଲପୁର କେନାଲ ରାସ୍ତା ନିକଟରେ ହଠାତ୍ ବୁଦା ମୂଳରେ ଲୁଚି ରହିଥିବା ଅଭିଯୁକ୍ତ ଜାବେଦ ଖାନ୍ ତାଙ୍କ ବାଇକ୍ ସାମ୍ନାକୁ ଆସି ଅଟକାଇଥିଲା। ବେଆଇନ ଭାବେ ଅଟକ ରଖି ତାଙ୍କ ପତ୍ନୀଙ୍କୁ ଗାଳି ଗୁଲଜ କରିଥିଲା। ପରେ ଧାରୁଆ ପନିକିରେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଦମ୍ପତି ପ୍ରତିରୋଧ କରିବାରୁ ଉଭୟଙ୍କ ହାତ ଓ ଶରୀରରେ ଗଭୀର ରକ୍ତାକ୍ତ ଆଘାତ ଲାଗିଥିଲା। ଏହା ପରେ ଅଭିଯୁକ୍ତ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା।ଲିଟୁ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପକେ ବର୍ତ୍ତା ଗଲେ ଦମ୍ପତି। ଲିଟୁ ଜୋରେ ଆବାଜ କରି ଡାକିବାକୁ ସ୍ଥାନୀୟ ଲୋକେ ପହଂଚି ଦୁର୍ବୃତ୍ତ କୁ ଧରିବାରେ ସକ୍ଷମ ହୋଇଥିଲେ, ଚୋରି କରିବା ଉଦ୍ଦେଶ୍ୟ ରେ ଏଭଳି ଘଟଣା ଘଟାଇଛି ବୋଲି ଚର୍ଚ୍ଚା। ଖବର ପାଇଁ ଘଟଣାସ୍ଥଳରେ କାକଟପୁର ପୋଲିସ ଗୋଟିଏ ପୁରୁଣା କାଠ ବିତା ଥିବା ଧାରୁଆ ଲୁହା ପନିକି ଜବତ କରିଛି। ଅଭିଯୁକ୍ତ ହେଉଛି କାକଟପୁର ଥାନା ରସୁଲପୁର ପଞ୍ଚାୟତ ଖାନପୁର ଗ୍ରାମର ଜାବେଦ ଆଖତାର ଖାନ(୨୮)। ତାକୁ ସୋମବାର ଅପରାହ୍ନ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ କରୁଛନ୍ତି କାକଟପୁର ଥାନା ଏଏସଆଇ ରମେଶ ଚନ୍ଦ୍ର ନିଶାଙ୍କ।ଯାହା ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ।

ଉଦୟନାଥ ଏକାଡେମୀରେ ଶ୍ରୀଗଣେଶ ଚତୁର୍ଥୀ

ପୁରୀ (ବ୍ୟୁରୋ): ବାଲିଘାଟ, ଗୋପାଳପୁର ରୋଡ୍ ସ୍ଥିତ ଉଦୟନାଥ ଏକାଡେମୀ ପରିସରରେ ପବିତ୍ର ଗଣେଶ ଚତୁର୍ଥୀ ଉତ୍ସବ ଭକ୍ତିମୟ ଓ ଆନନ୍ଦମୁଖର ପରିବେଶରେ ପାଳିତ ହୋଇଯାଇଛି ।ଉତ୍ସବର ସମସ୍ତ ବ୍ୟବସ୍ଥା ଓ ପରିଚାଳନାରେ ବିଦ୍ୟାଳୟର ସେକ୍ରେଟାରୀ ସସ୍ମିତା ସ୍ୱାଇଁ, ସଭାପତି ରଶ୍ମି ରଞ୍ଜିତା ସାହୁ ଓ ଉପସଭାପତି ଦିନେଶ କୁମାର ପ୍ରଧାନ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସୁଜାତା ସ୍ୱାଇଁ, ଚନ୍ଦ୍ରଶେଖର ପାଢ଼ୀ, ବିଷ୍ଣୁପ୍ରିୟା ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ଦୀପ୍ତି ନାଏକ, ବୈଶାଖୀ ତ୍ରିପାଠୀ ଓ ସଂଗମିତ୍ରା ପଟ୍ଟନାୟକ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଓ ବ୍ୟବସ୍ଥା ପରିଚାଳନାରେ ସହଯୋଗ କରିଥିଲେ। ଏହି ଆୟୋଜନକୁ ସଫଳ କରିବାରେ ଦିଲ୍ଲୀପ ଲେଙ୍କା ଓ ସୌଦାମିନୀ ଲେଙ୍କାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା।

ପୁରପଲ୍ଲୀରେ ଅଗ୍ରପୂଜ୍ୟଙ୍କ ବନ୍ଦନା

- ଭକ୍ତିରେ ବିଭୋର କାକଟପୁର-ଅଷ୍ଟରଙ୍ଗ
- ୩୦୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ
- ଗଣେଶ ଷ୍ଟାର କ୍ଲବର ୧୨ ବର୍ଷ ପୂର୍ତ୍ତି
- ୨ ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ



କାକଟପୁର /ଅଷ୍ଟରଙ୍ଗ (ଅମୃତ ମିଡିଆ): ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନ କୁରୁ ମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା। ସୋମବାର ପବିତ୍ର ଗଣେଶ ଚତୁର୍ଥୀ। ବିଦ୍ୟା ଓ ବୁଦ୍ଧିର ଦାତା, ବିଘ୍ନ ବିନାଶକ, ଅଗ୍ରପୂଜ୍ୟ ଶ୍ରୀ ଗଜାନନଙ୍କ ଆରାଧନାରେ ଉତ୍ସବ ମୁଖର ହୋଇଛି ସାରା ପୁର-ପଲ୍ଲୀ। ପୁରା ଜିଲ୍ଲା କାକଟପୁର ଓ ଅଷ୍ଟରଙ୍ଗ ବ୍ଲକର ଆକାଶ ସୋମବାର ପ୍ରାତଃ ରୁ ରାତ୍ର ପର୍ଯ୍ୟନ୍ତ କେବଳ ଗୁଞ୍ଜରିତ ହେଉଛି ଗଣପତି ବାପ୍ପା ମୋରୟା ଧ୍ୱନିରେ।ଚଳିତ ବର୍ଷ ଏହି ଦୁଇ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଛନ୍ତି। କାକଟପୁର ବଜାର, ଅଷ୍ଟରଙ୍ଗ ମୁଖ୍ୟ ବଜାର, ଗ୍ରାମାଞ୍ଚଳର ଛକ, ବିଭିନ୍ନ ଶିକ୍ଷାନୁଷ୍ଠାନ ସବୁଠି ସକାଳୁ ଏକା ଦୃଶ୍ୟ। ପ୍ରତ୍ୟେକ ମଣ୍ଡପ ଆଖି ଝଲସା ଲାଇଟ୍ ତୋରଣ, ରଙ୍ଗୀନ ଆଲୋକମାଳା ଓ ଫୁଲରେ ସୁସଜ୍ଜିତ ହୋଇଛି। ସକାଳୁ ପଣ୍ଡିତଙ୍କ ମନ୍ତ୍ରଧ୍ୱନି, ଶଙ୍ଖ, ଘଣ୍ଟ, ଢୋଲ, ମୃଦଙ୍ଗର ତାଳେ ପ୍ରକମ୍ପିତ ହେଉଛି ପରିସର। ପ୍ରତି ମଣ୍ଡପରେ ଭକ୍ତଙ୍କ ଭିଡ, ସୁନ୍ଦର ମୂର୍ତ୍ତି ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି। ଏଥରର ସବୁଠୁ ବଡ ଆକର୍ଷଣ ହେଉଛି ଅଷ୍ଟରଙ୍ଗ ବ୍ଲକ ନଗର ପଞ୍ଚାୟତର ଗଣେଶ ଷ୍ଟାର କ୍ଲବ। କ୍ଲବ ଚଳିତ ବର୍ଷ ୧୨ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କ୍ଲବ ପକ୍ଷରୁ ବିଶେଷ ପୂଜାର୍ଚ୍ଚନା ସହ ଭବ୍ୟ ମେଢ ନିର୍ମାଣ କରାଯାଇଛି। ଏହା ସହ ପାଖାପାଖି ୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି। କ୍ଲବର ଯୁବ ସଦସ୍ୟମାନଙ୍କ ଏକତା ଓ ଉତ୍ସାହ ଏଥର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି,ସେହିପରିଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ଭକ୍ତିର ମାହୋଲ ଦେଖିବାକୁ ମିଳିଛି। ଅଷ୍ଟରଙ୍ଗ ବ୍ଲକ ନଗର ଗ୍ରାମର ହାପି ଟ୍ୟୁଟୋରିଆଲ୍ ସମେତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ଛାତ୍ରଛାତ୍ରୀମାନେ ନିଜେ ମେଢ ସଜାଇ ବିଦ୍ୟାଦାତାଙ୍କୁ ଆରାଧନା କରୁଛନ୍ତି। ଏହା ସହ ନଈଗୁଆଁର ପ୍ରସିଦ୍ଧ ଉତ୍ତରମୁଖୀ ଶୋଇଥିବା ଗଣେଶ ମନ୍ଦିର, ଅଷ୍ଟରଙ୍ଗ ମୁଖ୍ୟ ବଜାରରେ ଥିବା ଗଣେଶ ମନ୍ଦିରରେ ମଧ୍ୟ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଛି। ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶାନ୍ତି ଶୃଙ୍ଖଳା ସହ ପୂଜା ପାଳନ ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଡିଏଭି ପବ୍ଲିକ୍ ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

ପୁରୀ (ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ସହ ଶିକ୍ଷକମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁର

ପିତାଙ୍କ ସାଧନା ହିଁ ପିଲାଙ୍କୁ ଭଲ ମଣିଷରେ ପରିଣତ କରେ

ଆଳି (ଅମୃତ ମିଡିଆ): ପିତାଙ୍କର ସାଧନା ହିଁ ତାଙ୍କ ପିଲାଙ୍କୁ ଭଲ ମଣିଷରେ ପରିଣତ କରେ ବୋଲି ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ପିତୃ ସମ୍ମିଳନୀରେ ମୁଖ୍ୟ ଅତିଥି ଏହା ପ୍ରକାଶ କରିଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଗୀତାୟନର ସଭାପତି ରଞ୍ଜନ କୁମାର ବେହେରା ଯୋଗ ଦେଇ କହିଲେ ଯେ ବାପା ମାନଙ୍କର କୁନ୍ଥ ସାଧନା ହିଁ ସେମାନେ ଙ୍କର ପିଲାମାନଙ୍କୁ ଭଲ ମଣିଷ ରେ ପରିଣତ କରିଛି। ସମସ୍ତେ ବାପା ମାନଙ୍କର ଉପରଟା ଦେଖନ୍ତି କିନ୍ତୁ ବାପା ଭିତରେ କଣ ଚାଲିଥାଏ ସେକଥା କେହି ବୁଝନ୍ତି ନାହିଁ। ସମସ୍ତେ ମା' ର ଦୁଃଖ ପାଇଁ ସମବେଦନା ପ୍ରକାଶ କରନ୍ତି। ମା' କୁ ସନ୍ତୁଷ୍ଟ କରିବା ପାଇଁ ଯେତେକ ସାହିତ୍ୟ ଲେଖାଯାଇଛି କିନ୍ତୁ ବାପା

ପିତୃ ସମ୍ମିଳନୀ

ବିଷୟରେ କେହି ଲେଖନ୍ତି ନାହିଁ। ମା' ଜନ୍ମ କରେ ସେ ସ୍ୱର୍ଗ ଠାରୁ ବି ବଡ଼ କିନ୍ତୁ ବାପା ପିଲାଙ୍କୁ ଦୁନିଆ ବଡ଼ଦାଣ୍ଡରେ ଅଣ୍ଟା ସଳଖି ଠିଆ ହେବା ପାଇଁ ଜୀବନକୁ ସଳିତା ପରି ଜାଳିଦିଏ। ବାପା ଙ୍କ ସହ କାହାର ତୁଳନା ହୋଇପାରିବ ନାହିଁ। ସେ ସର୍ବ ଶ୍ରେଷ୍ଠ। ଆଜିର ସମାଜ ପରିବର୍ତ୍ତିତ ହୋଇଛି । ଏ ପରିବର୍ତ୍ତିତ ସମାଜରେ ସମସ୍ତେ ବାପାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଉଚିତ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ସୁଶାନ୍ତ ଦାଶ ସ୍ୱାଗତ ଭାଷଣ ଦେଇ ସମସ୍ତ ପିତାମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ତୃପ୍ତି ରେଖା ସ୍ୱାଇଁ ଶିଶୁମାନଙ୍କ ସହ ମିଶି ସ୍ୱାଗତ ସଙ୍ଗୀତ, ବନ୍ଦନା ପ୍ରାର୍ଥନା କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସଞ୍ଜୁଲତା ସାଇଁ ସମ୍ମିଳନୀ ସଂଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ସୁଭାଷିନୀ ରାଉତ ବ୍ୟକ୍ତିଗତ ସଂଗୀତ ପରିବେଷଣ କରିଥିଲେ।

ଗଜପତିରେ ବାରହା ଉପଦ୍ରବ
ଉଜୁଡିଲା ଲକ୍ଷ ଲକ୍ଷ ଟଙ୍କାର ମକା ଫସଲ

ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗଜପତି ଜିଲ୍ଲାର ମୋହନା ବ୍ଲକରେ ବାରହାପଲଙ୍କ ଉପଦ୍ରବ ଯୋଗୁଁ ଲକ୍ଷାଧିକ ଟଙ୍କାର ମକା ଫସଲ ସମ୍ପୂର୍ଣ ଭାବେ ଉଜୁଡି ଯାଇଥିବା ସୂଚନା ମିଳିଛି. ବର୍ତ୍ତମାନ ମକା ଚାଷରେ ଫଳ ଧରିବା ସମୟରେ ଏହି ବାରହାପଲଙ୍କ ଯୋଗୁଁ ଏକର ଏକର ମକା ଫସଲ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଛି. ଗଜପତି ଜିଲ୍ଲା ମୋହନା ବ୍ଲକ୍ କମଳାପୁର ଗ୍ରାମରେ ବାରହାପଲ ଆସି ଏହି ମକା ଫସଲ ନଷ୍ଟ କରିଦେଇଛନ୍ତି । କମଳାପୁର ଗ୍ରାମର ପ୍ରକାଶ ସେଠୀ, ସେରେନ୍ଦ୍ର ସେଠୀ, କେଦାର ପ୍ରଧାନ ସମେତ ପ୍ରାୟ ୬ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଏକର ଏକର ମକା ଫସଲ ବାରାହା ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଏହି ଚାଷୀମାନେ ଏହି ଅଞ୍ଚଳର ସାହୁକାରଙ୍କ ଠାରୁ ଋଣ ନେଇ ମକା ଚାଷ କରିଥିଲେ । ବର୍ତ୍ତମାନ ବାରହାପଲଙ୍କ ଯୋଗୁଁ ମକା ଫସଲ ସମ୍ପୂର୍ଣ ଭାବେ ଉଜୁଡି ଯାଇଛି. ବର୍ତ୍ତମାନ ଚାଷୀ ଏହି ଋଣ କିଭଳି ସୁଝିବେ, ସେ ନେଇ ଚିନ୍ତାରେ ରହିଛନ୍ତି ଚାଷୀକୂଳ । ପ୍ରଶାସନ ତୁରନ୍ତ ଏହି ମକା ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ମହେନ୍ଦ୍ରତନୟା ନଦୀରେ ନିଖୋଜ ବୃଦ୍ଧଙ୍କ ଶବ ୩୦ ଘଣ୍ଟା ପରେ ଉଦ୍ଧାର

ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଅମରା ଗ୍ରାମ ଅଞ୍ଚଳରେ ଗତ କାଲି ମହେନ୍ଦ୍ରତନୟା ନଦୀରେ ଗାଧୋଇବା ବେଳେ ଜଣେ ୬୯ ବର୍ଷୀୟ ବୃଦ୍ଧ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ଭାସିଯାଇ ନିଖୋଜ ହୋଇ ଯାଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଗତକାଲି ବହୁ ଅକ୍ଲାନ୍ତ ପରିଶ୍ରମ କରି ଖୋଜା ଖୋଜି କରିବା ପରେ ମଧ୍ୟ ନିଖୋଜ ବ୍ୟକ୍ତିଙ୍କୁ ଠାବ କରି ପାରି ନଥିଲେ। ଆଜି ଘଟଣା ଘଟିବାର ସ୍ଥାନରୁ ପ୍ରାୟ ୩ଶହ ରୁ ୪ଶହ ମିଟର ଦୂରରେ ଉକ୍ତ ନିଖୋଜ ବ୍ୟକ୍ତିଙ୍କ ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ଅଗ୍ନିଶମ ଯବାନମାନେ ନିଖୋଜର ୩୦ ଘଣ୍ଟା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶବକୁ ମହେନ୍ଦ୍ର ତନୟା ନଦୀରୁ ଉଦ୍ଧାର କରିଥିଲେ। ଘଟଣା ନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନାକୁ ପଠା ଯାଇଥିବା ସୂଚନା ମିଳିଛି.

ରୋଗଗ୍ରସ୍ତ ମାଆଙ୍କ ସେବା ପାଇଁ ପାଠପଢା ଛାଡିଲେ ୧୨ ବର୍ଷର ଝିଅ

ପାରଳାଖେମୁଣ୍ଡି (ଅମୃତ ମିଡିଆ): ରୋଗାଗ୍ରସ୍ତ ଓ ମାନସିକ ଅସୁସ୍ଥତାରେ ପୀଡିତ ଥିବା ମାଆଙ୍କ ସେବା ପାଇଁ ୧୨ ବର୍ଷର ଝିଅ ପାଠପଢା ଛାଡି ମାଆଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବା ସୂଚନା ମିଳିଛି । ଘଟଣାଟି ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତର ତଣ୍ଡରଙ୍ଗ ଗ୍ରାମରେ ଘଟିଥିବା ଜଣାଯାଇଛି. ଏହି ଗ୍ରାମର ଜଣେ ୧୨ ବର୍ଷୀୟ ଛାତ୍ରୀ ନିଜ ମା'ଙ୍କ ସେବା ପାଇଁ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି । ତଣ୍ଡରଙ୍ଗ ଗ୍ରାମର ମିତାରା ନାଇକା କିଛି ବର୍ଷ ଧରି ରୋଗାଗ୍ରସ୍ତ ଯୋଗୁଁ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିବା ପରିବାର ପକ୍ଷରୁ କୁହାଯାଉଛି । ତେଣୁ ତାଙ୍କ ସେବା କରିବା ପାଇଁ ଝିଅ ନିଷ୍ଠାରୀୟା ପାଠପଢା ଛାଡିଛନ୍ତିଓ ମିତାରାଙ୍କ ନାଇକା ପାଖରେ ୮୦ ପ୍ରତିଶତ ମାନସିକ ଅକ୍ଷମତା ସମ୍ପର୍କିତ ପ୍ରମାଣପତ୍ର ରହିଛି । ତଥାପି ଆବଶ୍ୟକ ସରକାରୀ ସହାୟତା ମିଳୁ ନଥିବା ଅଭିଯୋଗ ହୋଇଛି । ଗତ ଏକ ବର୍ଷ ଧରି ସରକାରୀ କାର୍ଯ୍ୟାଳୟକୁ ଯାଇ ସହାୟତା ପାଇଁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ନ ମିଳିବାରୁ ମିତାରାଙ୍କ ସ୍ୱାମୀ ଏଲିଶାୟ ଦୁଃଖରେ ଭାଙ୍ଗି ପଡ଼ିଛନ୍ତିଓ ମିତାରାଙ୍କର ୯ ବର୍ଷର ପୁଅ ମେଡିଷାର ଓ ୧୨ ବର୍ଷର ଝିଅ ନିଷ୍ଠାରୀୟା ରହିଛନ୍ତି । ରୋଗାଗ୍ରସ୍ତ ମା'ଆଙ୍କୁ ଏକାକୀ ଛାଡ଼ି ରହିବା ସମ୍ଭବ ନହେବାରୁ ନିଷ୍ଠାରୀୟା ପାଠପଢ଼ା ଛାଡ଼ି ମା'ଙ୍କ ଯତ୍ନ ନେଉଛି ! ଯେଉଁ ବୟସରେ ତା'ର ହାତରେ ବହି ଓ ଖେଳନା ରହିବା କଥା, ସେହି ବୟସରେ ମା'ଙ୍କ ଯତ୍ନରେ ନେବାରେ ଦିନ କଟୁଛି. ସ୍ୱାମୀ ଚିକିତ୍ସା, ଘର ଖର୍ଚ୍ଚ ଓ ଦୁଇ ପିଲାଙ୍କ ଭବିଷ୍ୟତ-ସବୁକିଛିର ଚିନ୍ତାରେ ବାପା ଏଲିଶାୟ ରହିଛନ୍ତି । ଏନେଇ ବିଡିଓ ଦୁଲେରାମ ମାରାଣ୍ଡିଙ୍କ ଦୃଷ୍ଟି ଆକାଷଣ କରାଯିବାରେ ସେ କହିଛନ୍ତି, ମିତାରାଙ୍କୁ ଭତ୍ତା ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ।

ରାଜନଗରରେ ଗଣେଶ ପୂଜା

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ, ବେସରକାରୀ ଦପ୍ତର, କ୍ଲବ ଓ ଯୁବକ ସଂଘରେ ପ୍ରଭୁ ଗଣେଷ ପୂଜା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଦର ମହକୁମାସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଏସଏନ ସରକାରୀ ଉ.ପ୍ରା.ବିଦ୍ୟାଳୟ, ଏସଏନ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର ହାଇସ୍କୁଲ ଓ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ସେଂଟ ଜାଭିୟର ହାଇସ୍କୁଲ, ଡିଏଭି ପବ୍ଲିକ ସ୍କୁଲ, ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ, ଶିବାନନ୍ଦ ବିଦ୍ୟାମନ୍ଦିର ସାନବଡଗୋପାଳପୁର, ସରସ୍ୱତୀ ଶିଶୁ ମନ୍ଦିର ରାଜନଗର, ଭାଟପଡା-କୁଶାଇଲୋ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ମଙ୍ଗରାଜପୁର ପ୍ରାଥମିକ ଓ ଉ.ପ୍ରା.ବିଦ୍ୟାଳୟ, ସତ୍ୟସନ୍ଧାନୀ ଯୁବକ ସଂଘ ଓ ବିବେକାନନ୍ଦ ପାଠାଗାର ମଙ୍ଗରାଜପୁର , ଶ୍ରୀ ଜଗନ୍ନାଥ ହାଇସ୍କୁଲ କେରଡାଗଡ, ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡାଙ୍ଗମାଳ, ଅଷ୍ଟଶମ୍ଭୁ ସଂସ୍କୃତ କଲେଜ ଓ ବିଦ୍ୟାପୀଠ ଚନ୍ଦ୍ରଶେଖର, ବନବିହାରୀଜୀୟୁ ଉଚ୍ଚ ବିଦ୍ୟାଳୟ ଗୋପାଳପୁର, ନିଳକଣ୍ଠେଶ୍ୱର ହାଇସ୍କୁଲ ରାଜଗଡ-ବାଘତେଁଳା, ବିଣାପାଣୀ ହାଇସ୍କୁଲ ଦିଘୀ, ସିଦ୍ଧେଶ୍ୱର ହାଇସ୍କୁଲ ଘଡିଆମାଳ ଏନକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାନ୍ଦିବାଉଁଶମୂଳ, ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରହାପୁର, ବୀଣାପାଣୀ ନୋଡାଲ ଉ.ପ୍ରା.ବିଦ୍ୟାଳୟ ସାନ ବଡଗୋପାଳପୁର, ଲକ୍ଷ୍ମୀବରାହଜୀୟୁ ହାଇସ୍କୁଲ ହାତିନା, ପଟୁଂବରାହୀ ବିଦ୍ୟାନିକେତନ ମାଣପଡା ସମେତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲରେ ଆନନ୍ଦ ଉଲ୍ଲାସର ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି । ସେହିପରି ବିଭିନ୍ନ କ୍ଲବ ଓ ଯୁବକ ସଂଘରେ ବିଘ୍ନ ନାଶନ ବିନାୟକଙ୍କ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

କାଳଷଣ୍ଡପୁରରେ ରାମଚରିତ ମାନସ ନବାହ୍ନ ପ୍ରବଚନ

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଡପୁର ମେରୁ ମଣ୍ଡପଠାରେ ରାମଚରିତ ମାନସ ନବାହ୍ନ ପ୍ରବଚନ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଚାଲିଛି । କାଳଷଣ୍ଡପୁର ଗ୍ରାମବାସୀବୃନ୍ଦ ଓ ଜୟ ଜଗନ୍ନାଥ ମହିଳା ସଂଘର ମିଳିତ ଆୟୋଜନରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଏହି ଅବସରରେ ବ୍ରହ୍ମପୁରର ପ୍ରବକ୍ତା ବ୍ରହ୍ମଚାରୀ ଅନୁରାଗ ଚୈତନ୍ୟ ରାମଚରିତ ମାନସ ଓ ରାମାୟଣର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରୁଛନ୍ତି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜୀବନାଦର୍ଶ, ତାଙ୍କର ଧର୍ମ, ନୀତି, ଆଦର୍ଶ ଓ ମାନବୀୟ ମୂଲ୍ୟବୋଧ ସମ୍ପର୍କରେ ପ୍ରବଚନ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଯାଉଛି।

କାର୍ଯ୍ୟକ୍ରମରେ ଗଦାଧର ସ୍ୱାଇଁ, ଅରକ୍ଷିତ ବିଶ୍ୱାଳ ଓ କାଳିଆ ନାହକ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି। ସେହିପରି ଜୟ ଜଗନ୍ନାଥ ମହିଳା ସଂଘର ମୁଖ୍ୟ ପ୍ରତିଷ୍ଠାତା ବିଜୟଲକ୍ଷ୍ମୀ ମିଶ୍ରଙ୍କ ସମେତ ଝୁନୁ ସ୍ୱାଇଁ, ସରୋଜିନୀ ସ୍ୱାଇଁ, ଅମିତା ଦାଶ, ରୁବି ମୁନୀ, ଶସ୍ମିତା, ନମିତା, ସଞ୍ଜୁ ଜେନା, ଝୁନା ପାତ୍ର, ଶୁଭାଷିନୀ ବେହେରା, ଶୈଳେନ୍ଦ୍ରୀ ବିଶ୍ୱାଳ ଓ ରଞ୍ଜିତା ଗୌଡ଼ ପ୍ରମୁଖ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

ପ୍ରବଚନ ଶୁଣିବା ପାଇଁ ପ୍ରତିଦିନ କାଳଷଣ୍ଡପୁର ଓ ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ ଓ ବୟୋଜ୍ୟେଷ୍ଠ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ରାମାୟଣର ଧାର୍ମିକ ଓ ନୈତିକ ବାର୍ତ୍ତା ଶୁଣି ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ଭାବଧାରାରେ ଆପ୍ଲୁତ ହେଉଛନ୍ତି। ସମଗ୍ର ଅଞ୍ଚଳରେ ଏହି ନବାହ୍ନ ପ୍ରବଚନକୁ ନେଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

କେନ୍ଦ୍ରାପଡା ମହାବିଦ୍ୟାଳୟରେ ବିବେକାନନ୍ଦ ବକ୍ତୃତାମାଳା

କେନ୍ଦ୍ରାପଡା (ଅମୃତ ମିଡିଆ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରିକ ଗୁଣବ□। ଆଶ୍ୱାସନା ପ୍ରକୋଷ୍ଠ ଏବଂ କେନ୍ଦ୍ରାପଡା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ସହଭାଗିତାରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର "ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା (ଉଦବୋଧନୀ)" ଲୋକସଂସଦର ଜିଲ୍ଲା ସଭାପତି ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଚି□ରଞ୍ଜନ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଆଭ୍ୟନ୍ତରୀଣ ଗୁଣବ□। ଆଶ୍ୱାସନା ପ୍ରକୋଷ୍ଠ ସଂଯୋଜିକା ଡ. ଦୀପ୍ତି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଉଦବୋଧନୀ ପ୍ରମୁଖ ସୁରେନ୍ଦ୍ରନାଥ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଲୋକ ସଂସଦର ରାଜ୍ୟ ଉଦବୋଧନୀ ପ୍ରମୁଖ ତଥା ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲାଇ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାର ବୈଶିଷ୍ଟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନରେ ଏହାର ପ୍ରତିଫଳନ ଉପରେ ଏକ ବିଶ୍ଳେଷଣାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପୂର୍ବାଶା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ଲୋକ ସଂସଦର କଟକ ଜୋନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ବିବେକାନନ୍ଦ ଲୋକ ସଂସଦର ସଭାପତି ଡ. ଚନ୍ଦ୍ରମଣି ନାୟକ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପୂର୍ଣ୍ଣମାସୀ ପଣ୍ଡାଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

ସଂଗଠିତ ଜୁଆ ଆଡ୍ଡା ଉପରେ ଚଢ଼ଉ, ୫ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି (ଅମୃତ ମିଡିଆ): ପାରଳାଖେମୁଣ୍ଡି ପୋଲିସ ପଦ୍ମାପୁର ଗ୍ରାମ ନିକଟସ୍ଥ ଏକ କାଜୁ ଜଙ୍ଗଲରେ ଚାଲିଥିବା ସଂଗଠିତ ଜୁଆ ଖେଳକୁ ଠାବ କରି ଥାନା କେସ୍ ନଂ. ୩୭୮/୨୦୨୬, ଦଫା ୧୧୨(୨) ଈଘଝ ସହ ଓଡ଼ିଶା ଜୁଆ ନିବାରଣ ଆଇନର ଦଫା ୩ ଅନୁଯାୟୀ ମାମଲା ରୁଜୁ କରିଛି । ବିଶ୍ୱସ୍ତ ସୂଚନା ଆଧାରରେ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୫.୧୦ ମିନିଟ୍ ସମୟରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପ୍ରାୟ ୨୦ ଜଣ ବ୍ୟକ୍ତି ଟଙ୍କା ବାଜି ଲଗାଇ ତାସ ଖେଳୁଥିବା ବେଳେ ପୋଲିସକୁ ଦେଖି କେତେକ ବ୍ୟକ୍ତି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲେ। ଘଟଣାସ୍ଥଳରୁ ପୋଲିସ ଗଙ୍ଗାଡା ଗଣେଶ (୫୦), ଏଢେର୍ଲା, ଜିଲ୍ଲା ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ; ଭାଙ୍ଗାପାଲି ଲକ୍ଷ୍ମୀ ନାରାୟଣ (୫୦), ହୀରାମଣ୍ଡଳମ, ଜିଲ୍ଲା ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ; ପୁନ୍ନାନା ମୋହନ ରାଓ (୪୦), ଜାମିଗାଁ, ପାରଳାଖେମୁଣ୍ଡି; ଗୌତମ ସାହୁ (୨୭), ପାରଳାଖେମୁଣ୍ଡି ଏବଂ ଏମ୍. ଶଙ୍କର (୩୨), ପାରଳାଖେମୁଣ୍ଡିଙ୍କୁ ଧରିଥିଲା। ଚଢ଼ାଉ ଓ ତଲାସି ସମୟରେ ଘଟଣାସ୍ଥଳରୁ ନଗଦ ଜବ୍ତ. ୧,୬୨,୩୦୦/-, ୨ ପ୍ୟାକେଟ୍ ତାସ, ୫ଟି ମୋବାଇଲ୍ ଫୋନ୍ ଏବଂ ୩ଟି ମୋଟରସାଇକେଲ୍ ଜବତ କରାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ନିଛାଟିଆ ଜଙ୍ଗଲ ଓ କାଜୁ ବଗିଚା ଭଳି ସ୍ଥାନରେ ଏହି ଜୁଆ ଖେଳର ଆୟୋଜନ କରାଯାଉଥିଲା ଏବଂ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ବ୍ୟକ୍ତି ଟଙ୍କା ବାଜି ଲଗାଇ ଏଥିରେ ଭାଗ ନେଉଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ଧରିବା ପାଇଁ ତଦନ୍ତ ଜାରି ରହିଛି । ଗିରଫ ହୋଇଥିବା ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଆଜି ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି ।

କନ୍ଧମାଳ ସମସ୍ୟା ନେଇ 'ବିଚାର ମନ୍ଥନ'
ସରକାରଙ୍କ ନିକଟରେ ଦାବି ରଖିବାକୁ ନିଷ୍ପତ୍ତି

ବାରିଙ୍ଗବାଡି (ଅମୃତ ମିଡିଆ): କନ୍ଧମାଳ ଜିଲା ବାରିଙ୍ଗବାଡ଼ି ହନୁମାନ ମନ୍ଦିର ପ୍ରାଙ୍ଗଣସ୍ଥିତ ସଭାଗୃହରେ ସୋମବାର 'ବିଚାର ମନ୍ଥନ' ନାମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲାର କୁର୍ ୯୯ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ କନ୍ଧମାଳ ଜିଲାର ବିଭିନ୍ନ ବ୍ଲକରୁ ଅନ୍ୟୂନ ୬୦ ଜଣ ନେତୃସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ।

ଜନସାଧାରଣଙ୍କ ମୌଳିକ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିପରି ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଯାଇପାରିବ, ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା । ମୁଖ୍ୟତଃ କନ୍ଧମାଳ ଜିଲାରେ ନେତୃତ୍ୱର ବିକାଶ, ଯୁବଗୋଷ୍ଠୀ ଓ ସାଧାରଣ ଜନତାଙ

ଅକ୍ଟୋବର ଅଠର ତାରିଖ ଠାରୁ ବାଇଶି ତାରିଖ ଯାଏଁ ବୃନ୍ଦାବନରେ ଶ୍ରୀଜଗନ୍ନାଥ ମହୋତ୍ସବ

ନୂଆଦିଲ୍ଲୀ/ଲକ୍ଷ୍ମୀ ନାରାୟଣ ବେବର୍ତ୍ତା : ଆଗାମୀ ମାସ ଅଠର ତାରିଖ ଠାରୁ ବାଇଶି ତାରିଖ ଯାଏ ବୃନ୍ଦାବନ ରେ ପ୍ରଥାଷ୍ଟିତ ଥିବା ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରି ପ୍ରାର୍ଥନା ମନ୍ଦିର ର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଧାମ ବୃନ୍ଦାବନ ରେ ପ୍ରଥମ ଥର ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀ ଜଗନ୍ନାଥ ମହୋତ୍ସବ। ଏଥିନେଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଥିବା ନେଇ ଆଜି ପବିତ୍ର ଗଣେଶ ପୂଜା ଅବସରରେ ଶ୍ରୀ ନୀଳାଚଳ ସେବା ସଙ୍ଘ ଦ୍ୱାରା ପ୍ରଥାଷ୍ଟିତ ଏବଂ ପରିଚକ୍ଷଳିତ ସ୍ଥାନୀୟ ହକ୍ଷଉଜ଼ଖାସ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳିନୀ ରେ ଶ୍ରୀ ଜଗନ୍ନାଥ ସଂସ୍କୃତି ର ରାଷ୍ଟ୍ରୀୟ ପ୍ରଚାରକ ତଥା ପରମପୂଜ୍ୟ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ ଙ୍କ ପରମ ଭକ୍ତ ତଥା ଶିକ୍ଷ୍ୟ ଶ୍ରୀ ସତ୍ୟାନନ୍ଦ ନନ୍ଦ ଦାସ ମହାରାଜ ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି । ବାବା ସତ୍ୟାନନ୍ଦ ଦାସ କହିଛନ୍ତି ଶ୍ରୀ ଜଗନ୍ନାଥ ପଞ୍ଚାରାତ୍ର ପ୍ରଚାର ସମିତି ଭୁବନେଶ୍ୱର ଓ ଶ୍ରୀ ନୀଳାଚଳ ସେବା ସଂଘ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପାଞ୍ଚ ଦିନିଆ ଏହି ଭବ୍ୟ ଆଧ୍ୟାତ୍ମିକ ମହୋତ୍ସବ ରେ ଦୈନିକ ଭଗବାନ ବେଦବ୍ୟାସ କୃତ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ର ମହାତ୍ମ୍ୟ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଅପାର ମହିମା, ମହାପ୍ରଭୁ ଙ୍କ ତତ୍ତ୍ୱ, ବିଭିନ୍ନ ବେଶ ଯାନିଯାତ୍ର, ଲୀଳାଖେଳା ସମ୍ପର୍କ ରେ

ପ୍ରବଚନ ପ୍ରଦାନ କରାଯିବ। ଏତଦ ବ୍ୟତୀତ ଦୈନିକ ଘୃତ ଯଜ୍ଞ, ନାମଯଜ୍ଞ ଏବଂ ନାମ ସଂକୀର୍ତ୍ତନ ସହ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ଦୁର୍ଲଭ ଚବିଶି ବେଶ ପ୍ରଦର୍ଶନୀ ହେବ। ବୃନ୍ଦାବନ ର କଥାବ୍ୟାସ ପୂଜ୍ୟ ବାବା ଦୀନବନ୍ଧୁ ଦାସ ମହାରାଜ ଙ୍କ ମାର୍ଗ ଦର୍ଶନ ରେ ଆୟୋଜିତ ହେବାକୁ ଥିବା ଏହି ପାଞ୍ଚ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି (ଓଡିଶା ର)ସଭାପତି ରାମକୃଷ୍ଣ ଦାସ ମହାରାଜ ପୌରହିତ୍ୟ କରିବେ। ଶ୍ରୀ ଜଗନ୍ନାଥ ସଂସ୍କୃତି ର ରାଷ୍ଟ୍ରୀୟ ପ୍ରଚାରକ ତଥା ଜଗତସିଂହପୁର ଜିଲ୍ଲା ନାଉଗାଁ ନିକଟସ୍ଥ ତିହୁତା ଆଶ୍ରମ ର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଧରବାହିକ ପ୍ରବକ୍ତା ଭାବେ ଦୈନିକ ସନ୍ଧ୍ୟା ରେ ସୁମଧୁର ପ୍ରବଚନ ପ୍ରଦାନ କରିବେ। ଏହି ଆଧ୍ୟାତ୍ମିକ ଉତ୍ସବ ରେ ଓଡିଶା ରୁ ଆନୁମାନିକ ପାଞ୍ଚ ସହ ରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେବାକୁ ଥିବା ବେଳ ବୃନ୍ଦାବନ ର ବହୁ ସାଧୁ ସନ୍ଥ ଓ ସ୍ଥାନୀୟ ଭକ୍ତ, ଓ ଦିଲ୍ଲୀ ରୁ ମଧ୍ୟ ବହୁ ଭକ୍ତ ଶ୍ରଦ୍ଧାଳୁ ଉତ୍ସବ ର ଯୋଗ ଦେବାର ଅପାତତଃ ସ୍ଥିର ହୋଇଥିବା ବାବା ଶ୍ରୀ ଦାସ ଜଣାଇଛନ୍ତି। ଶେଷରେ ବାବା ସତ୍ୟାନନ୍ଦ ଦାସ ମହାରାଜ କହିଛନ୍ତି ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ ସେ ପତିତପାବନ ଶ୍ରୀ କ୍ଷେତ୍ର ତାଙ୍କ ଦିବ୍ୟ ଲୀଳା କ୍ଷେତ୍ର ହୋଇଥିଲା ହେଁ ଶ୍ରୀ ଜଗନ୍ନାଥ ଚେତନା ରେ ବିଶ୍ୱ ଭାତୃତ୍ୱ ର ବାର୍ତ୍ତା ରହିଛି ଏହି ଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦ୍ୱାରା ଶ୍ରୀ ଜଗନ୍ନାଥ ସଂସ୍କୃତର ଅଧିକ ରୁ ଅଧିକ ପ୍ରଚାର ପ୍ରସାର ହେବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପୃଥିବୀ ସାରା ପରିବ୍ୟାପ୍ତ ହୋଇ ପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ରେ ଶ୍ରୀ ନୀଳାଚଳ ସେବା ସଂଘ ତଥା ହାଉଜ଼ଖାସ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ପାଦକ ରବୀନ୍ଦ୍ର ପ୍ରଧାନ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ସେବା, ନୀତିକାନ୍ତି ରେ ଏକ ସ୍ୱତନ୍ତତା ରହିଛି। ପରମାତ୍ମା ସରୂପ ଦାରୁବ୍ରହ୍ମ ଙ୍କ ମହିମା ଆଜି ସମଗ୍ର ବିଶ୍ୱ ରେ ପ୍ରସାର ଲାଭ କରିଛି। ଶ୍ରୀ ଜଗନ୍ନାଥ ଙ୍କୁ ନେଇ ଉତ୍କଳୀୟ ସଂସ୍କୃତି ଆଜି ବେସ ସମୃଦ୍ଧି ଓ ରିଦ୍ଧିମନ୍ତ ହୋଇଛି, ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ସମିତି ଏବଂ ଶ୍ରୀ ନୀଳାଚଳ ସେବା ସଂଘ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଆଧ୍ୟାତ୍ମିକ ଉତ୍ସବ ଶ୍ରଦ୍ଧାଳୁ ଙ୍କ ମନ ରେ ଆଧ୍ୟାତ୍ମିକ ଭାବ ଜାଗୃତି କରିବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ର ଅଧିକ ପ୍ରଚାର ପ୍ରସାର ହୋଇପାରିବ ବୋଲି ମତ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀ ରେ ନିର୍ମଳ ଧଳ, ଶୀତଳ ଷଷ୍ଠି ପୂଜା କମିଟି ର ମୁଖ୍ୟ ଆୟୋଜକ ଡ଼. ପ୍ରକାଶ ଷଡ଼ଙ୍ଗୀ, ଗଜେନ୍ଦ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ଶୌଚହେବା ସମୟରେ ନଦୀରେ ଭାସିଗଲେ ଦମ୍ପତି

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିକୁଦା ଗ୍ରାମର ସୁଧାକର ଓଝା (୫୫) ଏବଂ ତାଙ୍କର ସ୍ତ୍ରୀ ସୁଲୋଚନା ଓଝା (୫୦) ତାଙ୍କ ଘର ନିକଟସ୍ଥ ବିରୂପା ନଦୀ କୁ ଶୌଚ ହେବା ପାଇଁ ଆସି ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ, ଘଟଣାରୁ ପ୍ରକାଶ ଯେ ଆଜି ଭୋର ସମୟରେ ଉଭୟ ଦମ୍ପତ୍ତି ନଦୀକୁ ଶୌଚ ହେବା କୁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ, ପରିବାର ଲୋକେ ନଦୀ ତୁଠକୁ ଆସି ତାଙ୍କର ଲୁଗା ପଟା, ବାଲଟି, ଚପଲ ଆଦି କୂଳରେ ରହିଥିବା ଦେଖି ସେମାନେ ନଦୀରେ ଭାସିଯାଇଥିବା ସନ୍ଦେହ ପ୍ରକାଶ କରି ବାଲିଚନ୍ଦ୍ରପୁର ଥାନା ଓ ଅଗ୍ନି ସମ ବାହିନୀ କି ଖବର ଦେଇଥିଲେ, ଖବର ପାଇବା ପରେ ବାଲିଚନ୍ଦ୍ରପୁର ପୁଲିସ ଓ ବଡଚଣା,ବରୀ ରୁ ଦୁଇଟି ଅଗ୍ନି ସମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜିବା ଆରମ୍ଭ କରିଥିଲେ, ଦିନ ୧୦ ସମୟରେ ପ୍ରାୟ ୧୦ କିଲୋମିଟର ଦୂର କେନ୍ଦ୍ରପଡା ଜିଲ୍ଲା ର ଛୋଟି (ପଲ୍ଲୀ) ନିକଟରେ ନଦୀ ପାର୍ଶ୍ୱରେ ବେଣା ବୁଦା ପାଖରେ ଗୋଟିଏ ସ୍ତ୍ରୀ ଲୋକ ପଡିରହିଥିବା ଖବର ମିଳିବା ପରେ ପରିବାର ଲୋକେ ତୁରନ୍ତ ସେଠାରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଥିବା ସୁଲୋଚନା କୁ ଉଦ୍ଧାର କରି ଇନ୍ଦୁପୁର ଓ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତର ଖାନା କୁ ନେଇଥିଲେ, ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଅଛି, ସେ ସେଠାରେ ଏବେ ଚିକିତ୍ସା ଧୀନ ଅଛନ୍ତି, ତେବେ ଅଗ୍ନି ସମ ବାହିନୀ ଦୁଇଦଳ ବାଲିକୁଦା ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ସୁଧାକରଙ୍କୁ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ଫେରିଯାଇଛନ୍ତି, ବାଲିଚନ୍ଦ୍ରପୁର ପୁଲିସ ଏ ସମ୍ପର୍କିତ ତଦନ୍ତ ଚାଲୁରଖିଥିବା ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ଠାରୁ ପ୍ରକାଶ ।

ତାରିଣୀପୀଠରେ ଶତାଧିକ କୃଷକଙ୍କ ସମାଗମ,ଭଲ ଅମଳ ପାଇଁ ମା'ଙ୍କ ନିକଟରୁ ଆଜ୍ଞାମାଳ

ଚିଲିକା (ଅମୃତ ମିଡିଆ) : ତାରିଣୀପୀଠ, ଝିଙ୍କିକାପଲ୍ଲୀଠାରେ ବାଣପୁର ଏନ.ଏ.ସି. ଅଞ୍ଚଳର ଶତାଧିକ କୃଷକ ବନ୍ଧୁଙ୍କ ଦ୍ୱାରା ଆୟୋଜିତ ଏକ ଆତ୍ମୀୟତାପୂର୍ଣ୍ଣ କାର୍ଯ୍ୟକ୍ରମରେ ସମାଜସେବୀ ତଥା ବାଣପୁର ଏନ.ଏ.ସି .ର ବିଜେପି ଯୁବ ସଂଗଠକ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କୁ ଅତିଥି ଭାବେ ଆମନ୍ତଣ କରାଯାଇଥିଲା। ଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ କୃଷକ ବନ୍ଧୁମାନଙ୍କ ସହ ମତବିନିମୟ କରିଥିଲେ। ଚଳିତ କୃଷି ଋତୁରେ ଉତ୍ତମ ଅମଳ ଓ କୃଷକମାନଙ୍କ ସମୃଦ୍ଧି କାମନା କରି ମା'ଙ୍କ ନିକଟରୁ ଆଜ୍ଞାମାଳ ଆଣିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ କୃଷକମାନଙ୍କ ସମସ୍ୟା, ଆଶା ଓ ଆବଶ୍ୟକତା ସମ୍ପର୍କରେ ଶ୍ରୀ ମିଶ୍ର ଆଲୋଚନା କରିଥିଲେ। କୃଷକ ସମାଜର ସୁଖଦୁଃଖରେ ସର୍ବଦା ସାଥୀ ହୋଇ ରହିବା ଏବଂ ସେମାନଙ୍କ ସମସ୍ୟା ଓ ଆବଶ୍ୟକତାକୁ ଗୁରୁତ୍ୱର ସହ

ଉପସ୍ଥାପନ କରିବା ପାଇଁ ସଂକଳ୍ପ ପ୍ରକାଶ କରିଥିଲେ। ମା' ତାରିଣୀଙ୍କ ଆଶୀର୍ବାଦରେ ଚଳିତ ଋତୁରେ କୃଷକମାନଙ୍କୁ ଉତ୍ତମ ଅମଳ ମିଳିବା ସହିତ ସେମାନଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ଉନ୍ନତି ଆସୁ ବୋଲି ଶ୍ରୀ ମିଶ୍ର ମା'ଙ୍କ ନିକଟରେ କାମନା କରିଥିଲେ।

ଶିବାନନ୍ଦ ଆଶ୍ରମରେ ବେଦମନ୍ତ୍ର ଓ ଗୀତା ପ୍ରତିଯୋଗିତା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ ଉପଲକ୍ଷେ ଦିବ୍ୟ ଆଧ୍ୟାତ୍ମିକ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଦମନ୍ତ୍ର, ଗୀତା ଆବୃ□ ଏବଂ ଦିବ୍ୟଜୀବନ ଓ ସ୍ୱାମୀ ଶିବାନନ୍ଦ, ଆଦି ଶଙ୍କରାଚାର୍ଯ୍ୟଙ୍କ ସନାତନ ଧର୍ମକୁ ଅବଦାନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ସହର ତଥା ଆଖପାଖ ଅ□ଳର ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଦିବ୍ୟ ସାରସ୍ୱତ ଉତ୍ସବରେ ଡ. କାଳୀପ୍ରସନ୍ନ ଶତପଥୀ ଓ ପ୍ରଫେସର ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ଗୀତା ପୁସ୍ତକ ଓ ସ୍ମାରକୀ ପଦକ ପ୍ରଦାନ କରାଯାଇଥିଲା। ଶିବାନନ୍ଦ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମାଙ୍କ ସମେତ ସହ ସମ୍ପାଦକ ଅଭିମନ୍ୟୁ ଗୋଛାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଲେଜ କଲୋନୀ ପ୍ରାକ୍ଟିସିଂ ସ୍କୁଲର ଶିକ୍ଷୟିତ୍ରୀ ବନଲତା ଚୌଧୁରୀ ସ୍ୱତନ୍ତ ଭାବେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଇବା ସହ ପ୍ରେରଣା ପ୍ରଦାନ କରିଥିଲେ। ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମୁସଲିମ ଛାତ୍ରୀମାନେ ବୈଦିକମନ୍ତ୍ର ଓ ଗୀତା ଆବୃ□ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜ୍ଜନ କରିବା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ଶିବାନନ୍ଦ ଆଶ୍ରମ ପକ୍ଷରୁ ପ୍ରତି ରବିବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ବେଦମନ୍ତ୍ର ଓ ଗୀତା ଆବୃ□ ଶିକ୍ଷାଦାନ ପାଇଁ ନିଶୁଳ୍କ ବ୍ୟବସ୍ଥା କରାଯାଇଛି ବୋଲି ଆଶ୍ରମର ଅଧକ୍ଷା ଶ୍ରୀମା ପ୍ରକାଶ କରିଛନ୍ତି। ଆସନ୍ତା ୧୯ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବ□ନ କରାଯିବା ସହ ଆସନ୍ତା ୨୪ତାରିଖରେ ଆଶ୍ରମ ପରିସରରେ ଶ୍ରୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କର ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯିବ। ଏଥିରେ ଯୋଗଦେବାକୁ ଆଶ୍ରମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

ଏକାଠି ହେଲେ ମାଲିପୁଟ ମେଲୋଡିସ୍‌ଟିମ୍ ଓ ନବରଙ୍ଗପୁରର କଣ୍ଟେଣ୍ଟ କ୍ରିଏଟର

୧୮ ତାରିଖରେ ଅବିଭକ୍ତ କୋରାପୁଟର ସିନେମା ହଲ୍‌ରେ ମୁକ୍ତିଲାଭ

ରାଇଘର (ଅମୃତ ମିଡିଆ) : ଆଦିବାସୀ ପରମ୍ପରା, ସାହିତ୍ୟ, ସଂସ୍କୃତି ଓ ଲୋକଜୀବନକୁ ନେଇ ନିର୍ମିତ ଭିନ୍ନଧରଣର ଚଳଚ୍ଚିତ୍ର 'ମାଲିପୁଟ ମେଲୋଡିସ୍' ଆସନ୍ତା ୧୮ ତାରିଖରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଚଳଚ୍ଚିତ୍ରର ଟିମ୍ ନବରଙ୍ଗପୁର ଗସ୍ତ କରି ସ୍ଥାନୀୟ କଳାକାର ଓ କଣ୍ଟେଣ୍ଟ କ୍ରିଏଟରମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ନବରଙ୍ଗପୁରଠାରେ ଆୟୋଜିତ ଏକ ମିଳନ ପର୍ବରେ ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବିଭକ୍ତ କୋରାପୁଟ ଅଞ୍ଚଳର ସମସ୍ତ କଳାକାର ଓ କଳାପ୍ରେମୀଙ୍କୁ ନିଜ ପରିବାର ସହ ସ୍ଥାନୀୟ ସିନେମା ହଲ୍‌ରେ ଚଳଚ୍ଚିତ୍ରଟି ଦେଖିବାକୁ ଅନୁରୋଧ କରିଥିଲେ।ମଞ୍ଚରେ ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ତଥା ଅଧ୍ୟାପିକା ସଂଯୁକ୍ତା ପଣ୍ଡା, ବରିଷ୍ଠ ଅଭିନେତା ଜୟନ୍ତ ସାନ୍ତରା, ମହମ୍ମଦ ସରିଫ, ଶିଶିର ଦାସ, ଚନ୍ଦନ ସାହୁ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତସ ନନ୍ଦ ପ୍ରମୁଖ ଫିଲ୍ମ ସମ୍ପର୍କରେ ନିଜ ମତ ପୋଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ନାଟ୍ୟ ନିର୍ଦ୍ଦେଶକ ଦେବଦାସ ମହାଙ୍କୁଡ଼ ମାଲିପୁଟ ଟିମ୍ ?ର ସଫଳତା କାମନା କରିଛନ୍ତି। ସଭାରେ ଜିଲ୍ଲାର ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଇ ଚଳଚ୍ଚିତ୍ରର ସଫଳତା କାମନା କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଟିକି ସୁନା, ସୁରେଶ ମହାନ୍ତି, ଯୁଗଳ ତ୍ରିପାଠୀ, ଗାୟକ ସୀମା ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଅଭିନେତା ମାନସ ପଣ୍ଡା, ବୁଲୁ ପାଢ଼ୀ, ତୁଷାରକାନ୍ତି ଖୋସଲା, ନିର୍ମଳ ସାହୁ, ଶଙ୍କର ନାୟକ ସମାଜସେବୀ ତଥା ଅଭିନେତା ଜି. ରବି ପ୍ରସାଦ, କୁନି ଅଭିନେତ୍ରୀ ରୁହାନୀ ପଣ୍ଡା, ଯନ୍ତ୍ର ସଙ୍ଗୀତ ପରିଚାଳକ ମୁନା ମହେନ୍ଦ୍ର, ଭିଡିଓ ଏଡିର୍ଟ ଚନ୍ଦନ ବାହାଦୁର ଏବଂ ବଂଶୀ ବାଦକ ଏ. ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରଟି କିପରି ଅଧିକ ଦର୍ଶକଙ୍କ ନିକଟରେ ପହଞ୍ଚିବ ଏବଂ ସଫଳତା ହାସଲ କରିବ, ସେନେଇ ନବରଙ୍ଗପୁର ଜିଲ୍ଲାର ପ୍ରତିଷ୍ଠିତ କଣ୍ଟେଣ୍ଟ କ୍ରିଏଟରମାନଙ୍କ ସହ ଆଲୋଚନା କରାଯାଇଥିଲା। ଯୁବ ସଙ୍ଗୀତ ନିର୍ଦ୍ଦେଶକ ଆନନ୍ଦ ଦାସ, ଯୁବ ଗାୟକ ଶିବ ପ୍ରସାଦ ମହାପାତ୍ରଙ୍କ ସମେତ ଅନ୍ୟ କଣ୍ଟେଣ୍ଟ କ୍ରିଏଟରମାନେ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାରରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, 'ମାଲିପୁଟ ମେଲୋଡିସ୍' ଚଳଚ୍ଚିତ୍ରରେ ବରିଷ୍ଠ କଳାକାର ଜୟନ୍ତ ସାନ୍ତରା, ଶିଶିର ଦାସ, ସୁଷମା ମିଶ୍ର, ମହମ୍ମଦ ସରିଫ, ବୁଲୁ ଷଡ଼ଙ୍ଗୀ, ନରେନ୍ଦ୍ର ପଟ୍ଟନାୟକ, ଚନ୍ଦନ ସାହୁ, ଦିବ୍ୟ ବେହେରା, ଆଶୁତୋଷ ପାଳ ଓ ଧନ ହରିଜନ ପ୍ରମୁଖ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି କୌଶିକ ଦାସ, ସହପ୍ରଯୋଜନା କରିଛନ୍ତି ରାମପ୍ରଭା ପଟ୍ଟନାୟକ ଓ କୌସ୍ତବ ଦାସ। ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ତସ ନନ୍ଦ, ଏବଂ ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ପଟ୍ଟନାୟକ। ଏଇ ସମସ୍ତ କାର୍ଯ୍ୟକ୍ରମ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଆନନ୍ଦ ଦାସ ଓ ଯୁବ କଣ୍ଠଶିଳ୍ପୀ ଶିବ ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ।

ସମାଜସେବା ସମର୍ପଣ ଚାରିଟେବଲ ଟ୍ରଷ୍ଟପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

ନିଶ୍ଚିନ୍ତକୋଇଲି (ଅମୃତ ମିଡ଼ିଆ) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ବଡ଼ଖୀର ସ୍ଥିତ ମା ଦୁର୍ଗାଙ୍କ ବିଜେ ସ୍କୁଲୀରେ ସମାଜସେବା ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସମାଜସେବୀ ପ୍ରତାପ କୁମାର ସିଂହଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ସାହ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଦେବାଶିଷ ବେହୁରା, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଗବେଷକ ଏବଂ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କୁଞ୍ଜବିହାରୀ ମଠାଧିଶ ମହନ୍ତ ଅନନ୍ତରାମ ଦାଶ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଅବସର ପ୍ରାପ୍ତ ସେନା ଅଧିକାରୀ ବିଜୟ କୁମାର ବରାଳ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମାଜସେବୀ ଶ୍ରୀନିବାସ ଚନ୍ଦ୍ର ସ୍ୱାଇଁ,ନାରୀ ନେତ୍ରୀ ଅମ୍ରିତା ସିଂହ, ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ବିସ୍ମୟ କୁମାର ମହାପାତ୍ର, ସମ୍ପାଦକ ଧର୍ମଜିତ୍ ପ୍ରଧାନଙ୍କ ସ

ভারতীয় প্রকাশক : সুদীপ্ত গিরি
Executive Editor : Pradyumna Mishra

Printed and Published by **Niranjan Patra** on behalf of Utchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Manchesswar Industrial Estate, Bhubaneswar-751010, E-mail: amrutabunia@gmail.com, amrutabunia@rediffmail.com. Mobile- 9040005085(News)

প্রকাশক: রঞ্জিত রাউ
Editor: Niranjan Patra



ভুবনেশ্বর : এখন থেকে সুস্থ ভারত দৌড়ের প্রতিটি ম্যারাথনে অংশ নেবে। ভারতীয় ক্রীড়া কর্তৃপক্ষ (ভেরা) এই ঘোষণা করেছে। ভেরা কর্তৃক আয়োজিত প্রতিটি ম্যারাথনে অংশ নেবেন ভেরার সদস্যরা। ভেরার সভাপতি তথা ভারতীয় ক্রীড়া কর্তৃপক্ষের সভাপতি ডঃ দিলীপ টির্কি এই ঘোষণা করেছেন। ভেরার সাধারণ সম্পাদক রাজীব মেহতা, কোষাধ্যক্ষ সুনীল কুমার তিওয়ারি, ভেরার সদস্য তথা ভারতীয় ক্রীড়া কর্তৃপক্ষের সহ-সভাপতি (প্রশাসন) সুজিত নারায়ণ, ভেরার সদস্য তথা ভারতীয় ক্রীড়া কর্তৃপক্ষের সহ-সভাপতি (ক্রীড়া) ডঃ ইন্দ্রজিৎ সিংহ, ভেরার সদস্য তথা ভারতীয় ক্রীড়া কর্তৃপক্ষের সহ-সভাপতি (ক্রীড়া) ডঃ নীলম কপুর, ভেরার সদস্য তথা ভারতীয় ক্রীড়া কর্তৃপক্ষের সহ-সভাপতি (ক্রীড়া) ডঃ সুনীতা কোটোকি

ପୁରୀ ବଚପନ୍ ସ୍କୁଲରେ ଗଣେଶ ପୂଜା

ପୁରୀ ରାମକୃଷ୍ଣ ବିଦ୍ୟାନିକେତନ ସ୍କୁଲରେ ଗଣେଶ ପୂଜା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.147, Tuesday, 15 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୭, ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା